ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୩/୨୦୨୦ (୧୨ପୃଷ୍ଠା) | Bhubaneswar, Tuesday, October 13/2020 | ★★★★
୪୬ଶ ଭାଗ ୩୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## କ୍ୟାଟ୍ରିନାଙ୍କ ବେଲି ଡ୍ୟାନ୍ସ ଭିଡିଓ ଭାଇରାଲ

କ୍ୟାଟ୍ରିନା କୈଫ୍ ବେଲି ଡ୍ୟାନ୍ସ କରୁଥିବା ଏକ ଭିଡିଓ ଇନ୍‌ଷ୍ଟାରେ ଖୁବ୍ ଭାଇରାଲ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହାକୁ ୧ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି।

୦୨

୧୨

## ସ୍ୱିଟେକ୍‌ଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

ପୋଲାଣ୍ଡର ଇଗା ସ୍ୱିଟେକ୍ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ୧୭ତମ ସ୍ଥାନ ଅଧିକାର କରିଛନ୍ତି।



## ପୂର୍ବତନ ବାଚସ୍ପତି ଶରତ କରଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନଙ୍କ ଶୋକପ୍ରକାଶ



**ନିଶ୍ଚିନ୍ତକୋଇଲି/ଲଳିତଗିରି,୧୨।୧୦ (ସ୍ୱ.ପ୍ର.):** ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଶରତ କୁମାର କରଙ୍କର ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। କିଛିଦିନ ହେବ ସେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ଅଞ୍ଚଳ ସମେତ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ନେତା ଗଭୀର ଶୋକବ୍ୟକ୍ତ କରିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରଜାପତି ଉଡ଼ିଲେ**

# ଆନ୍ତରିକତାହୀନ ମିଶନ

**ଓଡ଼ିଶାର ୮୦ ପ୍ରତିଶତ ଆଳୁ ଚାହିଦା ପୂରଣ ଅନ୍ୟ ରାଜ୍ୟ ଦ୍ୱାରା ହେଉଥିବାରୁ ରାଜ୍ୟବାସୀ ବର୍ଷ ସାରା ବିଭିନ୍ନ ସମୟରେ ଚଢ଼ା ଦର ଦେଇ ନୟାନ୍ତ ହେଉଛନ୍ତି। ଦୈନନ୍ଦିନ ଖାଦ୍ୟ ପାଇଁ ଆଳୁ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ହେଲେ ରାଜ୍ୟରେ ଆବଶ୍ୟକ ଅନୁଯାୟୀ ଏହା ଉତ୍ପାଦିତ ହୋଇ ପାରୁନାହିଁ। ସରକାର ଏହାକୁ ନେଇ ଏକ ମିଶନ କାର୍ଯ୍ୟକାରୀ କରିଥିଲେ ମଧ ସେଭଳି ଆନ୍ତରିକତା ରଖି ନ ଥିବା ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଜଣାପଡ଼ୁଛି।**

- ଆଳୁର ଚଢ଼ାଦରରେ ରାଜ୍ୟବାସୀ ଅତିଷ୍ଠ
- ୫ ବର୍ଷରେ ୧୧୨ ଶୀତଳଭଣ୍ଡାର ନିର୍ମାଣ ଲକ୍ଷ୍ୟ ଥିଲା
- ସମ୍ପୂର୍ଣ୍ଣ ହୋଇପାରିଛି ମାତ୍ର ୨୨ଟି
- ଫେରିଗଲା ୨୧.୭୨ କୋଟି ରିହାତି ଅର୍ଥ



**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ୍,୧୨।୧୦**

ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନ୍‌ଏସ୍‌ଏସ୍‌ଓ)ର ସର୍ଭେ ଅନୁଯାୟୀ ଓଡ଼ିଶାରେ ବାର୍ଷିକ ୧୦.୨୧ ଲକ୍ଷ ମେଟ୍ରିକଟନ (ଏମ୍‌ଟି) ଆଳୁ ଆବଶ୍ୟକ। କିନ୍ତୁ ଏହାର ମାତ୍ର ୨୦ ପ୍ରତିଶତ ଆଳୁ ଓଡ଼ିଶାରେ ଉତ୍ପାଦନ ହୋଇପାରୁଛି। ରାଜ୍ୟରେ ପ୍ରାୟ ୧୫ ହଜାର ହେକ୍ଟର ଜମିରେ ବାର୍ଷିକ ୨ରୁ ୨.୫ ଲକ୍ଷ ଏମ୍‌ଟି ଆଳୁ ଉତ୍ପାଦନ ହୋଇଥାଏ। ହେକ୍ଟର ପିଛା ଦେଖିଲେ ଭାରତରେ ୨୨.୭୬ ଏମ୍‌ଟି ଏବଂ ଓଡ଼ିଶାରେ ୧୬.୪୮ ଏମ୍‌ଟି ଆଳୁ ଉତ୍ପାଦନ ହେଉଛି। ତେଣୁ ଓଡ଼ିଶାବାସୀ ପ୍ରାୟ ୮୦% ଆଳୁ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ନିଅଣ୍ଟିଆ ଆଳୁ ଚାଷ ସହ ଆବଶ୍ୟକ ଶୀତଳଭଣ୍ଡାରର ଅଭାବ ଯୋଗୁ ସମ୍ପ୍ରତି କିଲୋପ୍ରତି ୧୫ ଟଙ୍କା ସ୍ଥଳେ ପ୍ରାୟ ୩୫ ଟଙ୍କାରେ ଆଳୁ କିଣି ରାଜ୍ୟବାସୀ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଆତ୍ମନିର୍ଭର ହୋଇ ଆଳୁ ଅଭାବକୁ ଦୂର କରିବା ପାଇଁ ୨୦୧୫ରେ କାର୍ଯ୍ୟକାରୀ ହୋଇଥିବା ରାଜ୍ୟ ଆଳୁ ମିଶନ ଏବଂ ଶୀତଳ ଭଣ୍ଡାର ନିର୍ମାଣ ଯୋଜନା ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ୫ ବର୍ଷରେ ପ୍ରସ୍ତାବିତ ୧୧୨ ଶୀତଳଭଣ୍ଡାର ମଧ୍ୟରୁ ମାତ୍ର ୨୨ଟି ନିର୍ମାଣ ହୋଇଥିବାବେଳେ ରିହାତି ଅର୍ଥ ପ୍ରଦାନ ମଧ ସନ୍ତୋଷଜନକ ହୋଇପାରିନାହିଁ।

ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ୨୦୧୪ ☞ପୃଷ୍ଠା-୪

## ସରକାରୀ କର୍ମଚାରୀ ପାଇବେ ସୁଧମୁକ୍ତ ୧୦ ହଜାର

**ନୂଆଦିଲ୍ଲୀ,୧୨।୧୦**

କେନ୍ଦ୍ର ସରକାର ନିଜର କର୍ମଚାରୀଙ୍କୁ ପୂଜାଭେଟି ଭାବେ ସୁଧମୁକ୍ତ ୧୦ହଜାର ଟଙ୍କା ଦେବାକୁ ଘୋଷଣା କରିଛନ୍ତି। କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ସଙ୍କଟ ସମୟ ଦେଇ ଗତି କରୁଛି। ବର୍ତ୍ତମାନ ଦେଶ ମଧ୍ୟରେ ଖାଉଟି ଚାହିଦା ନ ଥିବାରୁ ଏହାର ପ୍ରଭାବ ଜିଡିପି ଉପରେ ପଡ଼ିଛି। ଏହି ଚାହିଦାକୁ ବଢ଼ାଇବା ଲାଗି ଲୋକଙ୍କ ଖର୍ଚ୍ଚ ବୃଦ୍ଧିର ଆବଶ୍ୟକତା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ କେନ୍ଦ୍ର କର୍ମଚାରୀଙ୍କ ଲାଗି ଅଗ୍ରିମ ଅର୍ଥ ପ୍ରଦାନ ସୁବିଧା, ଏଲ୍‌ଟିସି କ୍ୟାଶ୍ ଭାଉଚର ସ୍କିମ୍, ରାଜ୍ୟଗୁଡ଼ିକୁ ୫୦ ବର୍ଷ ଅବଧିର ସୁଧ ମୁକ୍ତ ଋଣ ☞ପୃଷ୍ଠା-୪

# ମିଲ୍‌ଗ୍ରୋମ, ୱିଲ୍‌ସନଙ୍କୁ ଅର୍ଥନୀତିରେ ନୋବେଲ

**ଅକ୍ସନ ଥିଓରି ବିକଶିତ ପାଇଁ ଦୁଇ ଆମେରିକୀୟ ପାଇବେ ପୁରସ୍କାର**



ପଲ୍ ଆର୍. ମିଲ୍‌ଗ୍ରୋମ



ରବର୍ଟ ବି. ୱିଲ୍‌ସନ

**ଷ୍ଟକ୍‌ହୋମ,୧୨।୧୦(ଏ.ପି.)**

ଆମେରିକୀୟ ଅର୍ଥନୀତିଜ୍ଞ ପଲ୍ ଆର୍. ମିଲ୍‌ଗ୍ରୋମ ଏବଂ ରବର୍ଟ ବି. ୱିଲ୍‌ସନଙ୍କୁ ୨୦୨୦ ବର୍ଷ ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ଦିଆଯିବ। ଅକ୍ସନ ଥିଓରି (ନିଲାମୀ ସିଦ୍ଧାନ୍ତ)ରେ ସୁଧାର ଓ ନିଲାମୀର ନୂଆ ଉପାୟ ଉଦ୍ଭାବନ ପାଇଁ ଉଭୟଙ୍କୁ ମିଳିତ ଭାବେ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯିବ। ସ୍ୱିଡେନ ରାଜଧାନୀ ଷ୍ଟକ୍‌ହୋମରେ ସୋମବାର ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସ ମହାସଚିବ ଗୋରାନ୍ ହାନ୍ସସନ ଏନେଇ ଘୋଷଣା କରିଛନ୍ତି।

ନୋବେଲ ପୁରସ୍କାର କମିଟି ଚଳିତବର୍ଷର ଷଷ୍ଠ ତଥା ଶେଷ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିଛି। ନିଲାମୀ ପ୍ରକ୍ରିୟା କିପରି କାର୍ଯ୍ୟ କରିଥାଏ ଆମେରିକାର କାଲିଫର୍ନିଆସ୍ଥିତ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିରେ କାର୍ଯ୍ୟରତ ମିଲ୍‌ଗ୍ରୋମ ଏବଂ ୱିଲ୍‌ସନ ସେନେଇ ଗଭୀର ଅଧ୍ୟୟନ କରିଥିଲେ। ଉଭୟେ ଏପରି ସାମଗ୍ରୀ ଓ ସେବା ପାଇଁ (ଯେପରି କି ରେଡିଓ ଫ୍ରିକ୍ୱେନ୍ସି) ନୂଆ ନିଲାମୀ ତରିକା ଖୋଜି ବାହାର କରିଥିଲେ, ଯାହାକୁ ପାରମ୍ପରିକ ଉପାୟରେ ବିକ୍ରି କରିବା କଠିନ। ସେମାନଙ୍କ ଉଦ୍ଭାବନରୁ ସାରା ବିଶ୍ୱର ବିକ୍ରେତା, କ୍ରେତା ଓ କରଦାତା ଲାଭବାନ ହୋଇଥିବା ନୋବେଲ କମିଟି ପକ୍ଷରୁ କୁହାଯାଇଛି।

୭୨ ବର୍ଷୀୟ ମିଲ୍‌ଗ୍ରୋମ କହିଛନ୍ତି, ଦୁହେଁ ପୁରସ୍କାର ବିଜୟୀ ହୋଇଥିବା ସମ୍ପର୍କରେ ସେ ବିଚିତ୍ର ଢଙ୍ଗରେ ଜାଣିବାକୁ ପାଇଥିଲେ। ୱିଲ୍‌ସନ ତାଙ୍କ ଘରକୁ ଆସି କବାଟ ଠକ୍ ଠକ୍ କରିଥିଲେ। କବାଟ ଖୋଲିବା ପରେ ୱିଲ୍‌ସନ ହିଁ ତାଙ୍କୁ ଏନେଇ ଜଣାଇଥିଲେ। ମିଲ୍‌ଗ୍ରୋମ ଆହୁରି କହିଛନ୍ତି, ୱିଲ୍‌ସନ ମୋର ☞ପୃଷ୍ଠା-୪






ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ସୋମବାର କରୋନା ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ନମୁନା ପରୀକ୍ଷା ପଜିଟିଭ୍ ଆସିଛି। ଏବେ ସେ କ୍ୱାରାଣ୍ଟାଇନ୍‌ରେ ଥିବା କହିଛନ୍ତି। ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତି ଆଇସୋଲେଶନରେ ରହିବା ସହ କରୋନା ପରୀକ୍ଷା କରାଇବାକୁ ସେ ଅନୁରୋଧ କରିଛନ୍ତି। ପୂର୍ବରୁ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପ୍ରେମା ଖଣ୍ଡୁ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା, ହରିୟାଣା ମୁଖ୍ୟମନ୍ତ୍ରୀ ଏମ୍.ଏଲ୍. ଖଟ୍ଟର କରୋନା ଆକ୍ରାନ୍ତ ହୋଇଥିଲେ।

# ବିପ୍ଳବଙ୍କ ବିରୋଧରେ ବିଦ୍ରୋହ

ନୂଆଦିଲ୍ଲୀ/ଅଗରତାଲା,୧୨।୧୦



ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ

- ଦିଲ୍ଲୀରେ ଡେରା ପକାଇଛନ୍ତି ୧୨ ଅସନ୍ତୁଷ୍ଟ ବିଧାୟକ
- କହିଲେ ମୁଖ୍ୟମନ୍ତ୍ରୀ ଏକଛତ୍ରବାଦୀ, ଅନୁଭୂତିହୀନ
- ତ୍ରିପୁରାର ଭାଜପା ସରକାର ଉପରେ ବିପଦର ବାଦଲ

ତ୍ରିପୁରାରେ ବାମପନ୍ଥୀଙ୍କ ଦୀର୍ଘ ୨୫ ବର୍ଷ ଦୁର୍ଗର ପତନ ଘଟାଇ ବହୁମତ ହାସଲ କରିଥିବା ଭାଜପା ସରକାର ଉପରେ ବିପଦର କଳାବାଦଲ ଘନେଇଛି। ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବଙ୍କ ବିରୋଧରେ ଦଳୀୟ ବିଧାୟକ ବିଦ୍ରୋହ କରିଛନ୍ତି। ଭାଜପାର ୧୨ ଅସନ୍ତୁଷ୍ଟ ବିଧାୟକ ବିପ୍ଳବଙ୍କୁ ଏକଛତ୍ରବାଦୀ ଓ ଅନୁଭୂତିହୀନ ଶାସକ ଭାବେ ଅଭିହିତ କରି କେନ୍ଦ୍ରୀୟ ନେତୃତ୍ୱଙ୍କୁ ଫେରାଦ ହେବା ପାଇଁ ଦିଲ୍ଲୀରେ ଡେରା ପକାଇଛନ୍ତି।

୬୦ ଆସନ ବିଶିଷ୍ଟ ତ୍ରିପୁରା ବିଧାନସଭାର ୨୦୧୮ ନିର୍ବାଚନରେ ୧୯୯୮ରୁ ଶାସନ କରିଆସୁଥିବା ସିପିଆଇଏମ୍ ୫୦ରୁ ୧୬ ସିଟ୍‌କୁ ଖସିଆସିଥିଲା। ଭାଜପା ୩୬ ଓ ଏହାର ସହଯୋଗୀ ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା ୮ ଆସନ ଦଖଲ କରି ସରକାର ଗଢ଼ିଲେ। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୩୧ ହୋଇଥିବାବେଳେ ଦୁଇ ଦଳର ବିଧାୟକଙ୍କ ସଂଖ୍ୟା ମିଶିଲେ ୪୪ ହେଉଛି। ତେଣୁ ୫ ବର୍ଷ ପାଇଁ ନିରାପଦରେ ଶାସନ କରିବେ ବୋଲି ବିପ୍ଳବ ଦେବ ଧରିନେଇଥିଲେ। ପ୍ରଦର୍ଶନ ଓ ରାଜ୍ୟର ଉନ୍ନତି ପାଇଁ କାର୍ଯ୍ୟ ଅପେକ୍ଷା ବିପ୍ଳବ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି ନିଜ ବିବାଦୀୟ ମନ୍ତବ୍ୟକୁ ନେଇ। କେତେବେଳେ ବଙ୍ଗାଳୀଙ୍କୁ ବୁଦ୍ଧିଆ ଏବଂ ପଞ୍ଜାବୀ ଓ ଜାଠ୍‌ମାନଙ୍କୁ ସ୍ୱଳ୍ପ ମସ୍ତିଷ୍କଧାରୀ ଭାବେ ଅଭିହିତ କରି ବିବାଦୀୟ ହୋଇଛନ୍ତି ତ ପୁଣି କେବେ ମହାଭାରତ ଯୁଗରେ ଭାରତୀୟମାନେ ଇଣ୍ଟରନେଟ ଓ ଆର୍ଟିଫିସିଆଲ ସାଟେଲାଇଟ୍ ବ୍ୟବହାର କରୁଥିବା କହି ଚର୍ଚ୍ଚିତ ହୋଇଛନ୍ତି। ସେହି ବିପ୍ଳବ ଦେବଙ୍କୁ ଏବେ ଘେରିଛନ୍ତି ନିଜ ଦଳର ବିଧାୟକ।

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସୁଦୀପ ରାୟ ବର୍ମନଙ୍କ ନେତୃତ୍ୱରେ ଭାଜପାର ୧୨ ଅସନ୍ତୁଷ୍ଟ ଏମ୍‌ଏଲ୍‌ଏ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଆଶିଷ ଶାହା, ସୁଶାନ୍ତ ଚୌଧୁରୀ ଓ ରାମପ୍ରସାଦ ପାଲ ପ୍ରମୁଖ। ସେମାନେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟି ବିପ୍ଳବଙ୍କୁ ହଟାଇବା ପାଇଁ ଦାବି କରିବେ। ବିପ୍ଳବ ଦେବଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟା ନ ଗଲେ ରାଜ୍ୟରେ ଭାଜପା ସରକାର ପାଇଁ ଅଡୁଆ ସ୍ଥିତି ସୃଷ୍ଟି ହୋଇପାରେ। ଜଣେ ବିଧାୟକ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି, ସୁଶାସନ ପାଇଁ ଭାଜପାର ୩୬ ବିଧାୟକଙ୍କ ମଧ୍ୟରୁ ୨୫ ଜଣ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଓ ମନ୍ତ୍ରିମଣ୍ଡଳରେ ଅଦଳବଦଳ ଚାହୁଁଛନ୍ତି। ବିପ୍ଳବ ରାଜ୍ୟରେ ଦଳକୁ ଧ୍ୱଂସ କରିଦେଲେଣି। ଦଳ ଲୋକଙ୍କଠାରୁ ଦୂରେଇଯାଇଛି। ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ବିପ୍ଳବଙ୍କୁ ହଟାଇବାକୁ ଦାବି କରାଯିବ ବୋଲି ସୁଶାନ୍ତ ଚୌଧୁରୀ କହିଛନ୍ତି। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସୁଦୀପ ରାୟ ବର୍ମନ ରାଜ୍ୟରେ କରୋନା ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଖୋଲାଖୋଲି ସମାଲୋଚନା କରିଛନ୍ତି। ସୋମବାର ସୁଦ୍ଧା ତ୍ରିପୁରାରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୨୪,୪୦୩ରେ ପହଞ୍ଚିଥିବାବେଳେ ଭୂତାଣୁଜନିତ ମୃତ୍ୟୁସଂଖ୍ୟା ୩୧୬ ଛୁଇଁଛି। ଏଥିପାଇଁ ବିପ୍ଳବ ଦେବଙ୍କ ଦୁର୍ବଳ ନେତୃତ୍ୱକୁ ଦାୟୀ କରାଯାଉଛି।



ଶ୍ରୀନଗରସ୍ଥିତ ଓଲ୍ଡ ବର୍ଜୁଲ୍ଲାରେ ସୁରକ୍ଷାବଳର ଏନ୍‌କାଉଣ୍ଟରରେ ପାକିସ୍ତାନର ଲଶ୍କର କମାଣ୍ଡର ସୈଫୁଲ୍ଲାଙ୍କ ସମେତ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଏକ ଘର ଜଳିଯାଉଥିବାବେଳର ଦୃଶ୍ୟ।

## ଭାଜପାରେ ଅଭିନେତ୍ରୀ ଖୁସ୍‌ବୁ

ଚେନ୍ନାଇ, ୧୨।୧୦



କଂଗ୍ରେସ ଛାଡ଼ି ଅଭିନେତ୍ରୀ ଖୁସ୍‌ବୁ ସୁନ୍ଦର ସୋମବାର ଭାଜପାରେ ଯୋଗଦେଇଛନ୍ତି। ବିରୋଧୀ ଦଳର ମୁଖପାତ୍ର ଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ବିରୋଧରେ ଅନେକ କଥା କହିଥିବା ସେ ପ୍ରକାଶ କରିଛନ୍ତି। ହେଲେ ଭାଜପା ବିରୋଧରେ ଦୁର୍ନୀତି ଅଭିଯୋଗ ନାହିଁ ବୋଲି ସେ କହିଛନ୍ତି। ଦେଶର ବିକାଶ ଲାଗି ମୋଦିଙ୍କ ହାତମୁଠା ଟାଣ କରିବା ପାଇଁ ସେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି।

## ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

ହାଇଦ୍ରାବାଦ, ୧୨।୧୦

**ବିଚାରପତିଙ୍କ ବିରୋଧରେ ମାନହାନି ମନ୍ତବ୍ୟ**



ୱାଇ.ଏସ୍. ଜଗନମୋହନ୍ ରେଡ୍ଡୀ ଜଷ୍ଟିସ ଏନ୍. ଭି. ରମନା

ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ସୋସିଆଲ ମିଡିଆରେ ଭୁଲ୍ ଭାବେ ଦର୍ଶାଇ ବିଚାରପତିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦିଆଯିବା ପରେ ସୋମବାର ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ବିଚାରପତିଙ୍କ ମାନହାନି ହେବା ଘଟଣାରେ ମାମଲା ରୁଜୁ କରିବାକୁ ହାଇକୋର୍ଟ ସିବିଆଇକୁ କହିଛନ୍ତି। ଏନେଇ କୋର୍ଟ ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ୪୯ ନେତା ଓ କର୍ମକର୍ତ୍ତାଙ୍କୁ ନୋଟିସ ଜାରି କରିଛନ୍ତି।

ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟ ୪ ବିଚାରପତି ରାଜ୍ୟର ନିର୍ବାଚିତ ସରକାରଙ୍କ ବିରୋଧରେ ଯାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଜଗନମୋହନ୍ ରେଡ୍ଡୀ ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍‌ଡେଙ୍କୁ ୧୬ ପୃଷ୍ଠା ସମ୍ବଳିତ ପତ୍ର ଲେଖି ଅଭିଯୋଗ କରିଥିଲେ। ଏପରି କି ତାଙ୍କ ସରକାରକୁ ହଟାଇବା ଲାଗି ଷଡ଼ଯନ୍ତ୍ର ଚାଲିଛି, ଏଥିରେ ସୁପ୍ରିମକୋର୍ଟ ବିଚାରପତି ଏନ୍. ଭି. ରମନା ସାମିଲ ଥିବା ଜଗନ୍‌ମୋହନ୍ ଦର୍ଶାଇଥିଲେ। ବିରୋଧୀ ଦଳ ନେତା ତଥା ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁଙ୍କୁ ଜଷ୍ଟିସ ରମନା ସହଯୋଗ କରୁଥିବା ନେଇ ସେ ଅଭିଯୋଗ କରିଥିଲେ। ତେବେ ସିବିଆଇକୁ ସହଯୋଗ କରିବା ଲାଗି ହାଇକୋର୍ଟ ସରକାରଙ୍କୁ କହିଛନ୍ତି। କୋର୍ଟ ରାୟକୁ ବିରୋଧ କରି ସୋସିଆଲ ମିଡିଆରେ ବିଚାରପତିଙ୍କ କୁତ୍ସାରଟନା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି।

## ଫାରୁକ୍‌ଙ୍କୁ ଭାଜପାର ସମାଲୋଚନା

ନୂଆଦିଲ୍ଲୀ, ୧୨।୧୦

ନ୍ୟାଶନାଲ କନ୍‌ଫରେନ୍ସ ନେତା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ମନ୍ତବ୍ୟକୁ ନେଇ ଭାଜପା ତୀବ୍ର ସମାଲୋଚନା କରିଛି। ଚାଇନା ୩୭୦ ଧାରା ଉଚ୍ଛେଦକୁ ବେଆଇନ ବୋଲି କହୁଛି। ଏହାର ସହାୟତାରେ ଜମ୍ମୁ-କଶ୍ମୀରରେ ୩୭୦ ଧାରା ପୁନଃ ଲାଗୁ କରାଯିବ ବୋଲି ଫାରୁକ୍ କହିଥିଲେ। ଏହାକୁ ବିରୋଧ କରି ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ୩୭୦ ଉଚ୍ଛେଦ ପରେ ଚାଇନାର ଅନୁପ୍ରବେଶ ଉଦ୍ୟମ କରାଯାଇଛି କହିବା ଭୁଲ୍। ଆଇନ ପ୍ରଣୟନ ହେବା ପରେ ଏଭଳି ଦେଶଦ୍ରୋହୀ କଥା ଜଣେ ସାଂସଦ କହିବା ଅନୁଚିତ। ଶତ୍ରୁରାଷ୍ଟ୍ର ଚାଇନା ଓ ପାକିସ୍ତାନ ପ୍ରତି ଏଭଳି କୋମଳତା କେଉଁଠାରୁ ଆସିଲା ବୋଲି ପାତ୍ର ପ୍ରଶ୍ନ କରିଛନ୍ତି। ଫାରୁକ୍ ଚାଇନା ସହଯୋଗୀ ଭାବେ କଥା କହୁଛନ୍ତି। ତେବେ ଫାରୁକ୍ ଗାନ୍ଧୀ ଓ ରାହୁଲ ଅବ୍‌ଦୁଲ୍ଲା କହିବାରେ କିଛି ଭୁଲ୍ ନାହିଁ।

## କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨।୧୦(ପି.ଟି.)



**କୃଷି ଆଇନର ବୈଧତାକୁ ଚ୍ୟାଲେଞ୍ଜ**

କେନ୍ଦ୍ରର ନବପ୍ରଣୀତ ୩ ବିବାଦୀୟ କୃଷି ଆଇନର ସାମ୍ବିଧାନିକ ବୈଧତାକୁ ଏକାଧିକ ପିଟିଶନ ଜରିଆରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ସୋମବାର ଏନେଇ ସରକାରଙ୍କୁ ଜବାବ ମାଗିଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି।

କୃଷକଙ୍କ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ, ଆଶ୍ୱାସନା ଓ କୃଷି ସେବା ଆଇନ, ୨୦୨୦; କୃଷକଙ୍କ ଉତ୍ପାଦିତ ସାମଗ୍ରୀ ବେପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସୁବିଧା) ଆଇନ, ୨୦୨୦ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଆଇନ, ୨୦୨୦ ସେପ୍ଟେମ୍ବର ୨୭ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ ଲାଗୁ ହୋଇଛି। ଏହାକୁ ବିରୋଧ କରି କଂଗ୍ରେସ ଶାସିତ ରାଜ୍ୟ ସମେତ ଅନ୍ୟ ବିରୋଧୀ ଦଳ ଶାସନାଧୀନ ରାଜ୍ୟଗୁଡ଼ିକର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ଆର୍‌ଜେଡି ଏମ୍‌ପି ମନୋଜ ଝା, କଂଗ୍ରେସ ଏମ୍‌ପି ଟି.ଏନ୍. ପ୍ରଥାପନ୍ ଏବଂ ଡିଏମ୍‌କେର ରାଜ୍ୟ ସଭା ସଦସ୍ୟ ତିରୁଚି ଶିବା ପ୍ରମୁଖ ଅଛନ୍ତି। ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମାସୁବ୍ରମଣ୍ୟମ୍ ସାମିଲ ଥିବା ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି। ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ଏହି ୩ କୃଷି ଆଇନ ଉତ୍ପାଦିତ ସାମଗ୍ରୀର ଦର ସୁନିଶ୍ଚିତ କରୁଥିବା ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ୍ ମାର୍କେଟ କମିଟି (ଏପିଏମ୍‌ସି) ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବ ବୋଲି ଆବେଦନକାରୀମାନେ ନିଜ ପିଟିଶନରେ ଦର୍ଶାଇବା ସହ ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିଛନ୍ତି। ୪ ସପ୍ତାହ ମଧ୍ୟରେ କେନ୍ଦ୍ର ସରକାର ଜବାବ ଦାଖଲ କରିବା ପରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

# ଫୁରସତ୍

## କ୍ୟାଟ୍ରିନାଙ୍କ ବେଲି ଡ୍ୟାନ୍ସ ଭିଡିଓ ଭାଇରାଲ



କ୍ୟାଟ୍ରିନା କୈଫ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଅଭିନୟ ସହିତ ନିଜର ଜବରଦସ୍ତ ଡ୍ୟାନ୍ସ ପାଇଁ ବେଶ୍ ପରିଚିତ। ତାଙ୍କର ସବୁ ଫଟୋ ଏବଂ ଭିଡିଓ ଇନ୍‌ଷ୍ଟାରେ ଖୁବ୍ ଭାଇରାଲ ହୋଇଥାଏ। ନିକଟରେ ତାଙ୍କର ଏକ ବେଲି ଡ୍ୟାନ୍ସ ଭିଡିଓକୁ ଫ୍ୟାନମାନେ ଲାଇକ୍ କରିବା ସହ ଢେର୍‌ସାରା କମେଣ୍ଟ ମଧ୍ୟ କରିଛନ୍ତି। ଏହି ଭିଡିଓରେ କ୍ୟାଟ୍ରିନା 'ମାଶାଲ୍ଲା' ସଙ୍ଗରେ ବେଲି ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଏଥିରେ ସେ ଗ୍ରେ କଲର୍‌ର ଆଉଟ୍‌ଫିଟ୍‌ରେ ନଜର୍ ଆସିଛନ୍ତି। ତେବେ ଏହି ଥ୍ରୋ ବ୍ୟାକ୍ ଭିଡିଓକୁ ଲୋକେ ପସନ୍ଦ କରୁଛନ୍ତି। ଏଥିରେ ତାଙ୍କ ସହିତ ଅଛନ୍ତି ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା। ତାଙ୍କର ଏଭଳି ଡ୍ୟାନ୍ସ ଦେଖି ସିଦ୍ଧାର୍ଥ ପୂରା ଆଶ୍ଚର୍ଯ୍ୟ ହୋଇ କହିଛନ୍ତି, ତୁମେ ଜଣେ ଭଲ ଡ୍ୟାନ୍ସର। ତେବେ କ୍ୟାଟ୍ରିନାଙ୍କ ଫ୍ୟାନ୍ ପେଜ୍‌ରୁ ଏହି ଭିଡିଓ ଶେୟାର କରାଯାଇଛି। ଏହାକୁ ବର୍ତ୍ତମାନ ସୁଦ୍ଧା ୧ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ସୂଚନା ଥାଉ କି, କ୍ୟାଟ୍ରିନାଙ୍କ ଅପକମିଂ ଫିଲ୍ମ 'ସୂର୍ଯ୍ୟବଂଶୀ' ଆଗକୁ ରିଲିଜ୍ ହେବାକୁ ଯାଉଛି। ଏଥିରେ ତାଙ୍କ ସହ ଲିଡ୍ ରୋଲ୍‌ରେ ଅକ୍ଷୟ କୁମାର ଅଛନ୍ତି। ଏହି ଫିଲ୍ମଟି ଗତ ମାର୍ଚ୍ଚରେ ରିଲିଜ୍ ହେବାର ଥିଲା। କିନ୍ତୁ କରୋନା ସଂକ୍ରମଣ କାରଣରୁ ଏହାର ରିଲିଜ୍‌କୁ ସ୍ଥଗିତ ରଖାଯାଇଥିଲା। 'ସୂର୍ଯବଂଶୀ' ବ୍ୟତୀତ କ୍ୟାଟ୍ରିନା 'ଫୋନ୍‌ଭୂତ' ଫିଲ୍ମରେ ମଧ୍ୟ ନଜର୍ ଆସିବେ। ଏହା ହେଉଛି ଏକ କମେଡ଼ି ହରର୍ ମୁଭି। ଏଥିରେ ତାଙ୍କ ସହ ମୁଖ୍ୟ ଭୂମିକାରେ ଈଶାନ୍ ଖଟରଙ୍କୁ ଦେଖିବାକୁ ମିଳିବ।

## ୧୦ ବର୍ଷର ରୋଷେୟା

**ଘଣ୍ଟାଏରେ ୩୦ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ରେକର୍ଡ**



**ଥିରୁଭାନନ୍ତପୁରମ୍:** ଯେଉଁ ବୟସରେ ପିଲାମାନେ ଖେଳକୁଦରେ ସମୟ କଟାନ୍ତି , ସେହି ବୟସରେ ପିଲାଟିଏ ରୋଷେଇ କରିପାରେ ଏକଥାକୁ ହୁଏତ ସହଜରେ କେହି ବିଶ୍ୱାସ କରିବେନି। ହେଲେ ମାତ୍ର ୧୦ ବର୍ଷ ବୟସର ଝିଅଟିଏ ରୋଷେଇ କରିପାରିଛନ୍ତି ୩୦ ପ୍ରକାରର ଖାଦ୍ୟ। ତା' ପୁଣି ମାତ୍ର ୧ ଘଣ୍ଟା ମଧ୍ୟରେ। ଏଭଳି ଏକ କାମ କରି ଏବେ ରେକର୍ଡ କରିଛନ୍ତି ସାନ୍‌ଭି ଏମ୍ ପ୍ରଜିତ୍।

ଯେଉଁ ବୟସରେ ପିଲାମାନେ ଖେଳକୁଦ କରିଥାନ୍ତି ସେ ବୟସରେ ସାନ୍‌ଭି ସୁନ୍ଦର ସୁନ୍ଦର ରୋଷେଇ କରି ରେକର୍ଡ କରିପାରିଛନ୍ତି। କେରଳ କୋଚିର ଏର୍ନାକୁଲମ୍ ଅଞ୍ଚଳର ଆଇଏଏଫ୍ ଅଫିସର ପ୍ରଜିତ୍ ବାବା ଏବଂ ମାଞ୍ଜାମାଙ୍କ ଝିଅ ହେଉଛନ୍ତି ସାନ୍‌ଭି। ରୋଷେଇ ପ୍ରତି ତାଙ୍କର ରହିଛି ସ୍ୱତନ୍ତ୍ର ଦୁର୍ବଳତା। ସେଥିପାଇଁ ସେ ସବୁବେଳେ ତାଙ୍କ ମାଆଙ୍କ ପାଖରେ ରହି ରୋଷେଇ କରିବା ଅଭ୍ୟାସ କରନ୍ତି। ରୋଷେଇ ପ୍ରତି ରହିଥିବା ଏହି ଦୁର୍ବଳତା କାରଣରୁ ସେ ଖୁବ୍‌ଶୀଘ୍ର ବିଭିନ୍ନ ପ୍ରକାରର ରୋଷେଇ ଶିଖି ପାରିଛନ୍ତି। ଏବେ ସେ ଏତେ କମ୍ ବୟସରେ ସବୁଠୁ ଅଧିକ ପ୍ରକାରର ରୋଷେଇ କରି ରେକର୍ଡ କରିପାରିଛନ୍ତି। ମାତ୍ର ୧ ଘଣ୍ଟା ମଧ୍ୟରେ ସେ ରୋଷେଇ କରିଛନ୍ତି ୩୩ ପ୍ରକାରର ଖାଦ୍ୟ। ଭାତ, ଇଡ୍‌ଲି, ମସରୁମ୍ ଟିକ୍କା, ଉତ୍ତପମ୍, ପନିର ଟିକ୍କା, ଅଣ୍ଡା, ସାଣ୍ଡୱିଚ୍, ପାପ୍‌ଡି ଚାଟ୍, ଫ୍ରାଏଡ୍ ରାଇସ୍, ଚିକେନ୍ ରୋଷ୍ଟ, ପାନ୍ କେକ୍ ଆଦି ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଦେଇଛନ୍ତି। ଏଥିପାଇଁ ଏବେ ସେ ଏସିଆ ବୁକ୍ ଅଫ୍ ରେକର୍ଡ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଅଧିକାରୀମାନେ ଅନ୍‌ଲାଇନ୍‌ରେ ସାନ୍‌ଭି ବିଶାଖାପାଟଣା ଘରେ ତାଙ୍କ ରୋଷେଇ ଦେଖିବା ପରେ ତାଙ୍କୁ ସବୁଠୁ କମ୍ ବୟସର ସ୍ୱତନ୍ତ୍ର ରୋଷେୟାଭାବେ ପ୍ରମାଣ ଦେଇଥିଲେ। ଏହି ରେକର୍ଡ ପୂର୍ବରୁ ସାନ୍‌ଭି ଚିଲ୍‌ଡ୍ରେନ୍‌ସ କୁକେରୀ ଶୋ' ରେ ମଧ୍ୟ ଭାଗ ନେଇ ବିଜେତା ହୋଇଛନ୍ତି। ସେ ମଧ୍ୟ ୟୁଟ୍ୟୁବରେ ଏକ ରୋଷେଇ ଚ୍ୟାନେଲ କରି ସେଥିରେ ବିଭିନ୍ନ ପ୍ରକାରର ରୋଷେଇ ସମ୍ବନ୍ଧରେ ଶିକ୍ଷା ଦେଇଥାନ୍ତି।

## ଦିନକ ପାଇଁ ଜିଲାପାଳ ଆସନରେ ଛାତ୍ରୀ ଶ୍ରାବଣୀ

**ଅନନ୍ତପୁର(ଆନ୍ଧ୍ରପ୍ରଦେଶ):** ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲା ମୁଡିଗୁବ୍ବା କସ୍ତୁରବା ଗାନ୍ଧି ଆବାସିକ ବିଦ୍ୟାଳୟ(କେଜିବିଭି) ଛାତ୍ରୀ ଏମ୍. ଶ୍ରାବଣୀ। ୨୦୨୦ ଅକ୍ଟୋବର ୧୧ କାହା ପାଇଁ ସାଧାରଣ ଦିନଟିଏ ହୋଇପାରେ। ହେଲେ ଶ୍ରାବଣୀଙ୍କ ପାଇଁ ଥିଲା ସ୍ମରଣୀୟ। ଦିନକ ପାଇଁ ହେଲେ ବି ଏହିଦିନ ସେ ଅନନ୍ତପୁର ଜିଲାପାଳ ଆସନରେ ବସିବାର ସୁଯୋଗ ପାଇଥିଲେ। ଜିଲାପାଳ ଭାବେ ସେ ୨ଟି ଗୁରୁତ୍ୱପୂର୍ଣ୍ଣ ଫାଇଲ୍‌ରେ ଦସ୍ତଖତ ମଧ୍ୟ କରିଥିଲେ। ଜିଲା ମୁଖ୍ୟ ଭାବେ ସେ ଯୌନ ନିର୍ଯାତିତାମାନଙ୍କୁ ୨୫ହଜାର ଟଙ୍କା କ୍ଷତିପୂରଣ ମଞ୍ଜୁର କରିଥିଲେ। ଏଥିସହ ରାତି ୮ଟାରୁ ସକାଳ ୮ଟା ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟାଳୟରେ ମହିଳାଙ୍କୁ କାର୍ଯ୍ୟ କରିବାକୁ କୁହାଯାଇ ପାରିବ ନାହିଁ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ।

ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସରେ ତାଙ୍କୁ ଏଭଳି ସମ୍ମାନ ମିଳିଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି। 'ବାଲିକେ ଭବିଷ୍ୟଥୁ'(କନ୍ୟା ସନ୍ତାନ ହେଉଛନ୍ତି ଭବିଷ୍ୟତ) କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଶ୍ରାବଣୀଙ୍କୁ ଦିନକ ପାଇଁ ଜିଲାପାଳଙ୍କ ଆସନରେ ବସି ଜିଲା ପରିଚାଳନାର ସୁଯୋଗ ଦିଆଯାଇଥିଲା। ସୂଚନାଯୋଗ୍ୟ, ଜିଲାରେ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ପ୍ରତ୍ୟେକ ବିଭାଗର ମୁଖ୍ୟ ଜଣେ ମହିଳା ରହିବେ ବୋଲି ଶନିବାର ଅନନ୍ତପୁର ଜିଲାପାଳ ଗନ୍ଧମ୍ ଚନ୍ଦ୍ରୁଡୁ ଘୋଷଣା କରିଥିଲେ। ଶ୍ରାବଣୀ ଜିଲାପାଳଭାବେ ଦୁଇ ଫାଇଲ୍‌ରେ ଦସ୍ତଖତ ବ୍ୟତୀତ କ୍ଷେତ୍ର ପରିଦର୍ଶନରେ ମଧ୍ୟ ଯାଇଥିଲେ। ବିଭିନ୍ନ ସମସ୍ୟା ବିଷୟରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ପୌର ବାଳିକା ଉଚ୍ଚ ବିଦ୍ୟାଳୟ ଗସ୍ତରେ ଯାଇ ଶିକ୍ଷା ବିଭାଗ ପକ୍ଷରୁ ଚାଲିଥିବା ଯୋଜନା ଓ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ଶ୍ରାବଣୀଙ୍କୁ ଲଟେରି ମାଧ୍ୟମରେ ଦିନକ ପାଇଁ ଜିଲାପାଳ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିଭଳି ଅନ୍ୟ କେତେଜଣ ଛାତ୍ରୀଙ୍କୁ ମଧ୍ୟ ଦିନକ ପାଇଁ ଜଏଣ୍ଟ କଲେକ୍ଟର ଦାୟିତ୍ୱ ଦିଆଯାଇଥିଲା। ଏ ନେଇ ଅନନ୍ତପୁର ଜିଲାପାଳ କୁହନ୍ତି, ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କୁ ସମାନ ସୁଯୋଗ ମିଳିବା ଜରୁରୀ। ପାଠ ପଢ଼ିବା ସମୟରୁ ହିଁ ସେମାନଙ୍କ ମନରେ ପ୍ରଶାସନିକ ସେବା ପ୍ରତି ଆଗ୍ରହ ସୃଷ୍ଟି କରିବା ଏଭଳି ଏକ ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଉକ୍ତ ଛାତ୍ରମାନଙ୍କୁ ସେମାନଙ୍କ ଲକ୍ଷ ପୂରଣ ଦିଗରେ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।




LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
ନୂଆ ଯୁଗ, ନୂଆ ଶୈଳୀ ।
ସବୁଠୁ ସ୍ପୋର୍ଟି 125cc
ରେ ₹3000#/- ପର୍ଯ୍ୟନ୍ତର ସଞ୍ଚୟ
O&M ODI
ଭାରିଆଣ୍ଟସ | ଏକ୍ସ ଶୋରୁମ୍ ମୂଲ୍ୟ (ଓଡ଼ିଶା)
125 ସ୍ପ୍ଲିଟ୍ ସୀଟ୍ ଡ୍ରମ୍ | ~~₹74 106/-~~ ₹71 106/-
125 ସିଙ୍ଗଲ୍ ସୀଟ୍ ଡ୍ରମ୍ | ~~₹72 954/-~~ ₹70 454/-
125 ଡିସ୍କ ଭାରିଆଣ୍ଟସ* | ~~₹77 754/-~~ ₹75 754/-
ମାତ୍ର ₹8 580/- ପରି ଆକର୍ଷକ ଡାଉନ୍ ପେମେଣ୍ଟ ରେ*
pulsar
DEFINITELY MALE
Call 7219821111
visit www.bajajauto.com
Scan for a callback
BAJAJ FINANCE LTD - AF
#ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର୍ 31 ଅକ୍ଟୋବର 2020 ପର୍ଯ୍ୟନ୍ତ ବୈଧ । ₹3000 କ୍ୟାଶ୍ ଡିସ୍କାଉଣ୍ଟ ପଲ୍ସର୍ 125cc ସ୍ପ୍ଲିଟ୍ ସୀଟ୍ ଡ୍ରମ୍ ଭାରିଆଣ୍ଟ ପାଇଁ, ₹2500 ପଲ୍ସର୍ 125 ସିଙ୍ଗଲ୍ ସୀଟ୍ ଡ୍ରମ୍ ଭାରିଆଣ୍ଟ ପାଇଁ ଓ ₹2000 ପଲ୍ସର୍ 125cc ଡିସ୍କ ଭାରିଆଣ୍ଟ ପାଇଁ ପ୍ରଯୁଜ୍ୟ । ନ୍ୟୁନ ଡାଉନ୍ ପେମେଣ୍ଟ ଅନ୍ୟାନ୍ୟ ବଜାଜ ମଡେଲ ସକାଶେ ବି ମିଳୁଛି, ଯାହା ପ୍ରତି ଫାଇନାନ୍ସିଅର୍ ଙ୍କ ଠାରେ ଭିନ୍ନ ହୋଇପାରେ । DCC ଓ ପ୍ରୋସେସିଙ୍ଗ ଫୀ ଯଥାପ୍ରଯୁଜ୍ୟ ଅତିରିକ୍ତ । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ବିନା ଅଗ୍ରୀମ ସୂଚନାରେ ଯେକୌଣସି ବା ସବୁ ଅଫର୍ ସୁଧାରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । *ପଲ୍ସର୍ 125 ସିଙ୍ଗଲ୍ ସୀଟ୍ ଡିସ୍କ ଭାରିଆଣ୍ଟ ଉପରେ ଡାଉନ୍ ପେମେଣ୍ଟ ହିସାବ କରାଯାଇଛି ।
Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9439008692 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8917443937, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Parajang 9178061624, 06768261573, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Mahidharpur 7978559852/9937183086, Banarpal 9178064220 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445.

**ଆଜିର ମନ୍ତବ୍ୟ**

"ଗଣମାଧ୍ୟମ ଓ ଅଭିବ୍ୟକ୍ତି ସ୍ୱାଧୀନତାକୁ ନିୟନ୍ତ୍ରଣ କରିବା ପାଇଁ ଆଇନର ଅପବ୍ୟବହାର କରାଯାଉଛି।"
– ଜଷ୍ଟିସ୍ ମଦନ ବି. ଲୋକୁର, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨୦୩୫ରେ ସୁମେରୁ ଅଞ୍ଚଳ ହେବ ବରଫମୁକ୍ତ



## ବିଶ୍ୱ ତାପନ ବୃଦ୍ଧିକୁ ନେଇ ବୈଜ୍ଞାନିକଙ୍କ ଚେତାବନୀ

ୱାଶିଂଟନ, ୧୨।୧୦

ପୃଥିବୀର ଏକ ସ୍ୱତନ୍ତ୍ର ଛବି ରହିଛି, ଯାହା ମହାକାଶରୁ ଦେଖାଯାଇଥାଏ। ବିଶାଳ ସମୁଦ୍ରର ନୀଳ ଜଳରାଶି, ଘଞ୍ଚ ଜଙ୍ଗଲ ଭରା ସବୁଜ ବାନାନୀ ଏବଂ ଉପରେ ଓ ତଳେ ଜମା ହୋଇଥିବା ଧଳା ରଙ୍ଗର ଆସ୍ତରଣ ଇତ୍ୟାଦି। କିନ୍ତୁ ପରିବେଶ ବଦଳିବା ସହ ପୃଥିବୀର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ଫିକା ପଡ଼ିବାରେ ଲାଗିଛି। ଆଉ ୧୫ ବର୍ଷ ପରେ ଅର୍ଥାତ୍ ୨୦୩୫ ଗ୍ରୀଷ୍ମଋତୁ ବେଳକୁ ଏଭଳି ସ୍ଥିତି ଆଉ ରହିବ ନାହିଁ। ସୁମେରୁ ଅଞ୍ଚଳରୁ ପ୍ରଥମ ଥର ଲାଗି ସମସ୍ତ ବରଫ ଉଭେଇଯିବ ବୋଲି ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି।

ଉତ୍ତର କ୍ୟାରୋଲିନା ବିଶ୍ୱବିଦ୍ୟାଳୟ ଏବଂ ଆମେରିକାର ଜାତୀୟ ସମୁଦ୍ରୀୟ ଓ ବାୟୁମଣ୍ଡଳୀୟ ପ୍ରଶାସନ ଚଳିତବର୍ଷ ପ୍ରାରମ୍ଭରୁ ଭିନ୍ନ ଭିନ୍ନ ଗବେଷଣା କରି ଏଭଳି ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ବ୍ରିଟିଶ୍ ଆଣ୍ଟାର୍କଟିକ ସର୍ଭେର ଭୂ-ନମୁନା ସଂଗ୍ରହକାରୀ ମାରିଆ ଭିକ୍ଟୋରିଆ ଗୁଆରିନୋ ମଧ୍ୟ ଏଭଳି ସତର୍କ କରାଇବା ସହ ଆମକୁ ପ୍ରସ୍ତୁତ ରହିବା ଲାଗି ଖୁବ୍ କମ୍ ସମୟ ରହିଛି ବୋଲି ଦର୍ଶାଇଛନ୍ତି। ନୂଆ ଗବେଷଣାରୁ ଜଣାପଡ଼ିଛି ଯେ, ସୁମେରୁ ଅଞ୍ଚଳରେ ଥିବା ବରଫ କ୍ରମଶଃ ତରଳିବାରେ ଲାଗିଛି। ୧୯୭୯ରୁ ଦଶନ୍ଧି ପିଛା ୧୩% ବରଫ ଖରାଦିନେ ତରଳୁଛି। ଦୀର୍ଘବର୍ଷର ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ପରିସ୍ଥିତି ଦେଖାଦେଇଥିବା ଗୁଆରିନୋ ଓ ତାଙ୍କ ସହଯୋଗୀ ପ୍ରକାଶ କରିଛନ୍ତି। ଏହି ନୂଆ ଅଧ୍ୟୟନ ବିଶେଷକରି ୧,୩୦,୦୦୦ ବର୍ଷ ପୂର୍ବର ସ୍ଥିତି ସମ୍ପର୍କରେ ଅବଗତ କରାଉଛି। ସେତେବେଳେ ପୂର୍ବ ଔଦ୍ୟୋଗିକ ଯୁଗ ତୁଳନାରେ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିଲା। ଭବିଷ୍ୟତ ଲାଗି ମଣିଷ ଦ୍ୱାରା କରାଯାଉଥିବା କାର୍ଯ୍ୟ ପ୍ରଶଂସନୀୟ ରହିଥିଲା। ଏବେକାର ସ୍ଥିତି ବଦଳିଛି। ବିଶ୍ୱ ତାପନ ବଢ଼ିବାରେ ଲାଗିଛି। ସୁମେରୁ ଅଞ୍ଚଳରେ ଏହି ସ୍ଥିତି ଦୁଇଗୁଣ ବୋଲି ଜଣାପଡ଼ିଛି।

ଗୁଆରିନୋଙ୍କ ଗବେଷଣା ବିଶ୍ୱ ତାପନ ଓ ଏହାର ଗତି ସମ୍ପର୍କରେ ଆଲୋଚନା ଲାଗି ଚଳିତବର୍ଷ ପାଣିପାଗ ବିଜ୍ଞାନୀଙ୍କୁ ଅଡୁଆରେ ପକାଇଛି। ବିଶ୍ୱ ତାପନର ଗତି ଅଧିକ ବେଗରେ ବଢୁଥିବାରୁ ଭୂ-ନମୁନା ସଂଗ୍ରହକୁ ନେଇ ବୈଜ୍ଞାନିକଙ୍କ ମଧ୍ୟରେ ଫଳାଫଳକୁ ନେଇ ଅସହମତି ବଢ଼ିବାରେ ଲାଗିଛି। ଭିନ୍ନ ଭିନ୍ନ ଗବେଷଣା ମାଧ୍ୟମରେ ଏଭଳି ଗବେଷଣାମାନ ଜାରି ରହିଛି। ତେବେ ଅପ୍ରତ୍ୟାଶିତ ଘଟଣାଗୁଡ଼ିକ ସମୟରେଖାକୁ ବଦଳାଇ ଦେଇଥାଏ ବୋଲି ଉତ୍ତର କ୍ୟାରୋଲିନା ବିଶ୍ୱବିଦ୍ୟାଳୟର ଗବେଷକ ଗେ. ପେଙ୍ଗ୍ ପ୍ରକାଶ କରିଛନ୍ତି। ଜ୍ୱାଳାମୁଖୀ ବିସ୍ଫୋରଣକୁ ଉଦାହରଣ ଭାବେ ନିଆଯାଇପାରେ। ଏହା ପରିବେଶକୁ ବଦଳାଇଦେବା ସହ ସୂର୍ଯ୍ୟାଲୋକକୁ ଅବରୋଧ କରି ରସାୟନିକ ଆସ୍ତରଣ ସୃଷ୍ଟି କରିଥାଏ। ପରିବେଶରେ ସନ୍ତୁଳନର ଅଭାବ ଓ ତାପମାନ ବୃଦ୍ଧି ଘଟିଲେ ସମୁଦ୍ର ବରଫଗୁଡ଼ିକ ତରଳିବା ସ୍ୱାଭାବିକ। ଦୀର୍ଘଦିନରେ ଏଭଳି ସ୍ଥିତି ଦେଖାଦେଇଥିଲେ ହେଁ ଏବେ ଏହା ଉଗ୍ର ସ୍ଥିତିରେ ପହଞ୍ଚିଛି। ଏବେଠାରୁ ସୁମେରୁ ଅଞ୍ଚଳର ଲୋକ ଭୂ-ରାଜନୀତି, ପରିବହନ ଓ ଆବଶ୍ୟକ ଖାଦ୍ୟ ସମ୍ପର୍କରେ ଚିନ୍ତାକରିବା ଉଚିତ। ମହାମାରୀ ଚାଲିଯିବା ପରେ ପେଙ୍ଗ୍ ସୁମେରୁ ଅଞ୍ଚଳ ଯାଇ ସ୍ଥିତି ପରଖିବେ ବୋଲି ମନବଳାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆନ୍ତରିକତାହୀନ...

ଡିସେମ୍ବର ୨୭ରେ ଏକ ଟାସ୍କଫୋର୍ସ ଗଠନ ହୋଇଥିଲା। ଏହାପରେ ଉକ୍ତ ଟାସ୍କଫୋର୍ସ ଆସନ୍ତା ୩ ବର୍ଷ ପାଇଁ ଆଳୁ ଉତ୍ପାଦନ, ଭଣ୍ଡାରଣ ଏବଂ ଯୋଗାଣ ପାଇଁ ବିଭିନ୍ନ ସୁପାରିସ କରିଥିଲା। ଏହିକ୍ରମରେ ରାଜ୍ୟ ସରକାର ଏକ ନୂତନ ଯୋଜନା 'ରାଜ୍ୟ ଆଳୁ ମିଶନ' କାର୍ଯ୍ୟକାରୀ କରିଥିଲେ। ଏଥିରେ ଆଳୁ ଉତ୍ପାଦନ ବୃଦ୍ଧି, ବଜାର ସୁବିଧା, ଶୀତଳଭଣ୍ଡାର କ୍ଷମତା ବୃଦ୍ଧି, ରାଜ୍ୟରେ ଆଳୁ ବିହନ ଉତ୍ପାଦନ, ଚାଷ ଓ ଭଣ୍ଡାରଣ ପାଇଁ କ୍ରେଡିଟ୍ ଲିଙ୍କେଜ୍, ଆଳୁ ଚାଷୀ ସଂଘ ଗଠନ ଇତ୍ୟାଦି ବିଷୟ ରହିଥିଲା। ଏଥିପାଇଁ ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ରାଜ୍ୟରେ ୫,୬୦,୦୦୦ ଏମ୍‌ଟି କ୍ଷମତା ବିଶିଷ୍ଟ ୧୧୨ଟି ଶୀତଳଭଣ୍ଡାର ନିର୍ମାଣ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। କିନ୍ତୁ ବିଡମ୍ବନା ଯେ, ୧,୦୦,୬୦୦ ଏମ୍‌ଟି କ୍ଷମତା ବିଶିଷ୍ଟ ମାତ୍ର ୨୨ଟି ଶୀତଳଭଣ୍ଡାର ନିର୍ମାଣ ହୋଇଛି। ଏଥିମଧ୍ୟରେ ସମ୍ବଲପୁର ଜିଲାର ୪, ଖୋର୍ଦ୍ଧାର ୩, ସୁନ୍ଦରଗଡ଼ର ୩, ବାଲେଶ୍ୱରର ୨, ଯାଜପୁର, ଝାରସୁଗୁଡ଼ା, ଅନୁଗୋଳ, ଭଦ୍ରକ, ଗଞ୍ଜାମ, ପୁରୀ, ବଲାଙ୍ଗୀର, କୋରାପୁଟ, କଟକ, ନବରଙ୍ଗପୁରରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ରହିଛି। ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଶୀତଳଭଣ୍ଡାରଗୁଡ଼ିକର ମାଲିକଙ୍କୁ ୨ଟି ପର୍ଯ୍ୟାୟରେ ୨୬୬୮.୮୦ ଲକ୍ଷ ଏବଂ ୧୪୧୩.୬୦ ଲକ୍ଷ ଟଙ୍କା ରିହାତି ଦିଆଯାଇଛି। ହେଲେ ୫ ବର୍ଷରେ ଧାର୍ଯ୍ୟ ୧୧୨ଟି ଶୀତଳଭଣ୍ଡାର ସମ୍ପୂର୍ଣ୍ଣ ହୋଇ ନ ପାରିବା ପଛରେ ସରକାର ୪ଟି କାରଣକୁ ଦାୟୀ କରିଛନ୍ତି। ତାହାହେଲା ବହୁ ଅଧିକ ପରିଚାଳନା ଖର୍ଚ୍ଚ, ପ୍ରାରମ୍ଭିକ ନିର୍ମାଣରେ ଅତ୍ୟଧିକ ଖର୍ଚ୍ଚ, ରାଜ୍ୟରେ ଦୀର୍ଘମିଆଦୀ ସଂରକ୍ଷଣ ହେଉଥିବା ପନିପରିବାର ଉତ୍ପାଦନ କମ୍ ଏବଂ ବ୍ୟାଙ୍କଗୁଡ଼ିକର ଅସହଯୋଗ। ଏଭଳିସ୍ଥିତିରେ ଓଡ଼ିଶା ଷ୍ଟେଟ୍ ଏଗ୍ରିକଲଚର ମାର୍କେଟିଂ(ଓଏସ୍ଏଏମ୍) ବୋର୍ଡ ଗତ ଅଗଷ୍ଟ ୧୮ରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟକୁ ଶୀତଳଭଣ୍ଡାର ନିର୍ମାଣ ପାଇଁ ଆବଣ୍ଟିତ ରିହାତି ଅର୍ଥ ବାବଦକୁ ୨୧ କୋଟି ୭୨ ଲକ୍ଷ ଟଙ୍କା ଫେରାଇ ଦେଇଛି। ଶୀତଳଭଣ୍ଡାର ପାଇଁ ୧୩୩ କୋଟି ୧୫ ଲକ୍ଷ ଟଙ୍କା ଅଟକଳ ହୋଇଥିଲା ବେଳେ ୫୯ କୋଟି ୩୫ ଲକ୍ଷ ଟଙ୍କା ମିଳିଥିଲା। ୨୦୧୮-୧୯ ବର୍ଷରେ କାର୍ଯ୍ୟକ୍ଷମ ଶୀତଳଭଣ୍ଡାରରେ ରାଜ୍ୟ ବାହାରୁ ଆମଦାନୀ ୭୨,୦୪୦ ଏମ୍‌ଟି ଆଳୁ, ରାଜ୍ୟର ଉତ୍ପାଦିତ ୧୬,୨୬୦ ଏମ୍‌ଟି ଆଳୁ, ୧୩,୭୫୦ ଏମ୍‌ଟି ଫଳ ଓ ଅନ୍ୟାନ୍ୟ ଉତ୍ପାଦିତ ସାମଗ୍ରୀ ୧୦,୮୩୦ ଏମ୍‌ଟି ସଂରକ୍ଷଣ କରାଯାଇଥିଲା ବୋଲି ସରକାରୀ ଭାବେ କୁହାଯାଇଛି, ଯାହାକି ସମୁଦାୟ ଶୀତଳଭଣ୍ଡାର କ୍ଷମତାର ମାତ୍ର ୪୭ ପ୍ରତିଶତ। ଏଥିରୁ ରାଜ୍ୟରେ ଆଳୁ ଉତ୍ପାଦନ ପରିମାଣ କେତେ କମ୍ ତାହା ସହଜେ ଅନୁମେୟ।

ରାଜ୍ୟ ଆଳୁ ମିଶନ ଯୋଜନାରେ ଯାଜପୁର ଜିଲାରେ ବଂଶୀଧର ନାଁରେ ଗୋଟିଏ ମାତ୍ର ଶୀତଳଭଣ୍ଡାର ନିର୍ମାଣ ହୋଇଛି। ପାଣିକୋଇଲିଠାରେ ଆଉ ଏକ ଶୀତଳଭଣ୍ଡାର ନିର୍ମାଣାଧୀନ ରହିଛି। ଜିଲାରେ ୧୮ ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଥିବାବେଳେ ୧୦ ହେକ୍ଟର ଜମିରେ ମାତ୍ର ୧୫୦ କୁଇଣ୍ଟାଲ ଆଳୁ ଉତ୍ପାଦନ କରିବାକୁ ଚଳିତବର୍ଷ ଧାର୍ଯ୍ୟ ହୋଇଛି। ଏଥିଯୋଗୁ ଆଳୁ ଦର ଆକାଶଛୁଆଁ ହେଉଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଉଦ୍ୟାନ ବିଭାଗ ଅତିରିକ୍ତ ଉପନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ରାଜ୍ୟ ଆଳୁ ମିଶନ ଯୋଜନାରେ ଶୀତଳଭଣ୍ଡାର ପାଇଁ ବିଦ୍ୟୁତ୍ ଖର୍ଚ୍ଚ ବାବଦକୁ ୧ମ ଓ ୨ୟ ବର୍ଷରେ ୫୦ ପ୍ରତିଶତ, ୩ୟ ଓ ୪ର୍ଥ ବର୍ଷ ପାଇଁ ୩୦ ପ୍ରତିଶତ ଏବଂ ୫ମ ଓ ୬ଷ୍ଠ ବର୍ଷ ପାଇଁ ୨୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ବ୍ୟାଙ୍କର ଅସହଯୋଗ ଯୋଗୁ ପାଣିକୋଇଲି ଶୀତଳ ଭଣ୍ଡାର ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଚଳିତବର୍ଷ ଆଳୁ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଧର୍ମଶାଳା ଓ ରସୁଲପୁର ବ୍ଲକର ଚାଷୀଙ୍କ ସହ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି।

## ମିଲ୍‌ଗ୍ରୋମ, ୱିଲ୍‌ସନଙ୍କୁ...

ପିଏଚ୍.ଡି. ଆଡ୍‌ଭାଇଜର ଥିଲେ। ମୁଁ ରହୁଥିବା ଘର ସାମ୍ନା ରାସ୍ତାର ଠିକ୍ ଅପରପାର୍ଶ୍ୱରେ ସେ ରୁହନ୍ତି। ଆମେ ଦୁହେଁ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବୋଲି ପୂର୍ବରୁ ଛାତ୍ରୀଛାତ୍ର, ବନ୍ଧୁ ଓ ସହଯୋଗୀମାନେ କହୁଥିଲେ। ସେମାନଙ୍କ କଥା ଏବେ ସତ ହୋଇଛି। ସେହିପରି ନିଲାମୀ ସିଦ୍ଧାନ୍ତକୁ ଉନ୍ନତ କରି ଏହି ମର୍ଯ୍ୟାଦାଜନକ ସମ୍ମାନ ହାସଲ କରିବାରେ ମିଲ୍‌ଗ୍ରୋମ୍‌ଙ୍କ ଅବଦାନ ଉଲ୍ଲେଖନୀୟ ବୋଲି ୱିଲ୍‌ସନ(୮୩) ପ୍ରଶଂସା କରିଛନ୍ତି। ବୈଷୟିକ ଦୃଷ୍ଟିକୋଣରୁ 'ସେରିଜେସ୍ ରିକ୍ସବ୍ୟାଙ୍କ ପ୍ରାଇଜ୍ ଇନ୍ ମେମୋରି ଅଫ୍ ଆଲ୍‌ଫ୍ରେଡ୍ ନୋବେଲ' ଭାବେ ପରିଚିତ ଏହି ପୁରସ୍କାରର ଘୋଷଣା ଏଭଳି ସମୟରେ କରାଯାଇଛି, ଯେତେବେଳେ ସାରା ବିଶ୍ୱରେ କରୋନା ଭାଇରସ୍ ସଂକ୍ରମଣ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଛି। କୋଭିଡ୍-୧୯ ଯୋଗୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରାୟ ସମସ୍ତ ଦେଶରେ ସର୍ବାଧିକ ମାନ୍ଦାବସ୍ଥା ଅନୁଭୂତ ହେଉଛି। ସ୍ୱିଡେନର ବିଶିଷ୍ଟ ରସାୟନବିତ୍ ତଥା ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ସ୍ମୃତିରେ ୧୯୬୯ ମସିହାରୁ ୫୧ ଥର ଏହି ସମ୍ମାନ ଦିଆଗଲାଣି। ୨୦୧୯ରେ ଭାରତୀୟ ବଂଶୋଦ୍ଭବ ଅଭିଜିତ ବାନାର୍ଜୀ ଓ ତାଙ୍କ ସ୍ତ୍ରୀ ଏସ୍ଥର ଡୁଫ୍ଲୋ ଏବଂ ମାଇକେଲ କ୍ରେମରଙ୍କୁ ପ୍ରଦାନ କରାଯାଇଥିଲା। ଅଭିଜିତ ଓ ଡୁଫ୍ଲୋ ଆମେରିକାର କେମ୍ବ୍ରିଜ୍‌ସ୍ଥିତ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟରେ ଅଧ୍ୟାପନା କରୁଥିବାବେଳେ କ୍ରେମର ହାର୍ଭାର୍ଡ ୟୁନିଭର୍ସିଟିରେ ଗବେଷଣାରତ। ଏହି ୩ ଅର୍ଥନୀତିଜ୍ଞ ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଗବେଷଣା କରି ସଫଳତା ହାସଲ କରିଥିଲେ। ଏହି ପୁରସ୍କାର ବାବଦକୁ ନଗଦ ୧ କୋଟି କ୍ରୋନା (ପ୍ରାୟ ୧୧ ଲକ୍ଷ ଆମେରିକୀୟ ଡଲାର) ଓ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥାଏ।

## ସରକାରୀ କର୍ମଚାରୀ ପାଇବେ...

ଏବଂ କେନ୍ଦ୍ର ସରକାରଙ୍କ ଅତିରିକ୍ତ ୨୫ ହଜାର କୋଟି ଟଙ୍କାର ଖର୍ଚ୍ଚ ଭଳି ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି, କେନ୍ଦ୍ର କର୍ମଚାରୀ ଏବଂ ସଙ୍ଗଠିତ କ୍ଷେତ୍ର କର୍ମଚାରୀଙ୍କ ସଞ୍ଚୟ ବୃଦ୍ଧି ହେଉଥିବା ନଜରକୁ ଆସିଛି। ଖର୍ଚ୍ଚ ଦ୍ୱାରା ଚାହିଦା ବୃଦ୍ଧି ଲାଗି ଏହି ବର୍ଗର ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ କରାଯାଉଛି। ଫଳରେ ଅର୍ଥ ବ୍ୟବସ୍ଥାରେ ଚାହିଦା ଫେରିଲେ ଏହାର ଲାଭ ବିଭିନ୍ନ ବର୍ଗର ଲୋକ ପାଇପାରିବେ। ଏହି ପ୍ରୟାସ ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ମୋଟ ୭୩ ହଜାର କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ କରାଯାଇଛି ବୋଲି ସରକାର କହିଛନ୍ତି। କେନ୍ଦ୍ର କର୍ମଚାରୀଙ୍କ ପାଇଁ ସୁଧମୁକ୍ତ ପାର୍ବଣ ଅଗ୍ରିମ ରାଶି ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ୧୦ ହଜାର ଟଙ୍କା ଲେଖାଏ ଅର୍ଥରାଶି ସରକାର କେନ୍ଦ୍ର କର୍ମଚାରୀ ଏବଂ ଅଧିକାରୀଙ୍କୁ ପ୍ରଦାନ କରିବେ। ଏହି ଅର୍ଥ ପ୍ରିପେଡ୍ ରୁପେ କାର୍ଡରେ ଦିଆଯିବ, ଯାହାକୁ ୨୦୨୧ ମାର୍ଚ୍ଚ ଶେଷ ସୁଦ୍ଧା ଖର୍ଚ୍ଚ କରିବାକୁ ପଡିବ। ୧୦ କିସ୍ତିରେ ଏହାକୁ କର୍ମଚାରୀ ପଇଠ କରିପାରିବେ। ଏହି ଯୋଜନାରେ ପ୍ରାୟ ୪ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାବାଦ କର୍ମଚାରୀଙ୍କୁ ଲିଭ୍ ଟ୍ରାଭେଲ କନସେସନ(ଏଲ୍‌ଟିସି) ବଦଳରେ କ୍ୟାଶ ଭାଉଚର ପ୍ରଦାନ କରାଯିବ। ଏହାକୁ ନେଇ କେନ୍ଦ୍ର କର୍ମଚାରୀମାନେ ଖାଦ୍ୟ ବର୍ଗରେ ନ ଥିବା ଜିଏସ୍‌ଟି ସୂଚୀଭୁକ୍ତ ସାମଗ୍ରୀ କ୍ରୟ କରିପାରିବେ। ୧୨% କିମ୍ବା ଏହା ଠାରୁ ଅଧିକ ହାରରେ ଜିଏସ୍‌ଟି ଲାଗୁ ହେଉଥିବା ସାମଗ୍ରୀ କିଣିବାକୁ ଲୋକଙ୍କୁ ସୁବିଧା ମିଳିବ। ଜିଏସ୍‌ଟି ପଞ୍ଜୀକରଣ କରିଥିବା ଷ୍ଟୋରଗୁଡ଼ିକରୁ ଡିଜିଟାଲ ଉପାୟରେ କ୍ରୟ କରିବାର ନିୟମ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ଜଣେ କେନ୍ଦ୍ର କର୍ମଚାରୀ ପ୍ରତି ୪ ବର୍ଷରେ ଏଲ୍‌ଟିସି ଲାଭ କରିଥାନ୍ତି। ନିଜ ପସନ୍ଦର ଯେକୌଣସି ସ୍ଥାନରୁ ଯିବାରେ ଏହି ରିହାତି ଦିଆଯାଇଥାଏ। ମହାମାରୀ ଚାଲିଥିବାରୁ କେନ୍ଦ୍ର ସରକାର ଏହି ବାବଦ ମିଳୁଥିବା ସୁବିଧାକୁ କ୍ୟାଶ ଭାଉଚର ଭାବେ ପ୍ରଦାନ କରିବେ। ଏଥିରେ କେନ୍ଦ୍ର ସରକାର ୫୬୭୫ କୋଟି ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୧୯୦୦ କୋଟି ଖର୍ଚ୍ଚ କରିବେ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି। ଏଭଳି ପଦକ୍ଷେପ ଯୋଗୁ ଅର୍ଥ ବ୍ୟବସ୍ଥାରେ ୧୯ ହଜାର କୋଟି ଟଙ୍କାର ଚାହିଦା ଯୋଡିବାରେଏହା ସହାୟକ ହେବ। ସେହିଭଳି ରାଜ୍ୟଗୁଡିକ ଉକ୍ତ ଯୋଜନା କାର୍ଯ୍ୟକାରୀ କଲେ ଆଉ ୯ ହଜାର କୋଟିର ଚାହିଦା ବଢ଼ିଯିବ।

ରାଜ୍ୟଗୁଡିକୁ ୫୦ ବର୍ଷର ସୁଧମୁକ୍ତ ଋଣ ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବାବଦରେ ରାଜ୍ୟ ୧୨ ହଜାର କୋଟି ଟଙ୍କା ପାଇବେ। ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟ ବିଭିନ୍ନ ପ୍ରକଳ୍ପରେ ଏହାକୁ ବ୍ୟବହାର କରିପାରିବେ। ମୋଟ ଅର୍ଥ ମଧ୍ୟରୁ ୧୬ ଶହ କୋଟି ଟଙ୍କା ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯିବ। ୯୦୦ କୋଟି ଉତ୍ତରାଚଳ ଏବଂ ହିମାଞ୍ଚଳ ପ୍ରଦେଶ ପାଇବେ। ଅର୍ଥନୈତିକ ସଂସ୍କାର ଆଣିବାରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ରାଜ୍ୟଗୁଡ଼ିକୁ ୨ ହଜାର କୋଟି ଏବଂ ଅନ୍ୟ ରାଜ୍ୟଗୁଡିକୁ ୭୫୦୦ କୋଟି ଟଙ୍କା ମିଳିବ। ଚାଲିଥିବା କିମ୍ବା ନୂଆ ପ୍ରକଳ୍ପରେ ଏହି ଅର୍ଥକୁ ରାଜ୍ୟ ଖର୍ଚ୍ଚ କରିପାରିବେ। ରାଜ୍ୟଗୁଡ଼ିକ ଠିକାଦାର ଏବଂ ଯୋଗାଣକାରୀଙ୍କ ବକେୟା ରାଶି ୨୦୨୧ ମାର୍ଚ୍ଚ ପୂର୍ବରୁ ପ୍ରଦାନ କରିପାରିବେ ବୋଲି ଅର୍ଥମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିଭଳି କେନ୍ଦ୍ର ସରକାର ଅତିରିକ୍ତ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ କରିବେ। ବଜେଟରେ ଧାର୍ଯ୍ୟ ହୋଇଥିବା ୪.୫୧ ଲକ୍ଷ କୋଟି ଟଙ୍କା ବାଦ୍ ଏହି ଅର୍ଥ ଖର୍ଚ୍ଚ ହେବ। ରାଜପଥ,ପ୍ରତିରକ୍ଷା ଭିତ୍ତିଭୂମି, ଜଳ ଯୋଗାଣ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ କରାଯିବ ବୋଲି ଜଣାପଡିଛି।

## ପୂର୍ବତନ ବାଚସ୍ପତି ଶରତ...

ସ୍ୱର୍ଗତ କର ଏକାଧାରାରେ ଜଣେ ବାଗ୍ମୀ, ଗ୍ରନ୍ଥକାର, ସୁଲେଖକ ଓ ପ୍ରବଚକ ଥିଲେ। କଟକ ଜିଲା ମାହାଙ୍ଗା ନିର୍ବାଚନମଣ୍ଡଳୀର ଜଣେ ଦକ୍ଷ ଓ ଟାଣୁଆ ନେତାଭାବେ ତାଙ୍କର ଖ୍ୟାତି ରହିଥିଲା। ୧୯୭୭ରୁ ୮୦ ମସିହା ପର୍ଯ୍ୟନ୍ତ କଟକ ଲୋକ ସଭା ଆସନରୁ ସେ ଏମ୍‌ପି ଥିଲେ। ମାହାଙ୍ଗା ବିଧାନସଭା ଆସନରୁ କର ୧୯୭୧-୧୯୭୪, ୧୯୯୦-୧୯୯୫ ଏବଂ ୨୦୦୦-୨୦୦୪ ପର୍ଯ୍ୟନ୍ତ ବିଧାୟକ ହୋଇଥିଲେ। ୧୯୭୧ରେ ବିଶ୍ୱନାଥ ଦାଶଙ୍କ ସରକାରରେ ଶିକ୍ଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଥିଲେ। ୧୦ମାର୍ଚ୍ଚ ୨୦୦୦ରୁ ୨୦୦୪ ମେ ୨୧ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ବାଚସ୍ପତି ଥିଲେ। ୧୯୬୪ରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୈତିକ ବିଜ୍ଞାନରେ ସ୍ନାତକ କରିବା ପରେ କର ରାଜନୀତିରେ ଯୋଗ ଦେଇଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସହ ଦୀର୍ଘବର୍ଷ କାର୍ଯ୍ୟ କରିଥିଲେ। ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ସଂସ୍ପର୍ଶରେ ଆସି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ସଦସ୍ୟ ଥିଲେ।

ସେପ୍ଟେମ୍ବର ୧୯୩୯ରେ ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଚାଇଁଆପାଳ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଜଣେ ଦକ୍ଷ ରାଜନେତା, ସୁଲେଖକ ଭାବେ ତାଙ୍କର ଖ୍ୟାତି ଥିଲା। ୫ କବିତା ସଂକଳନ ସହ ବହୁ ଆଧାତ୍ମିକ ପୁସ୍ତକ ରଚନା କରିଛନ୍ତି। ଅଲ୍ ଇଣ୍ଡିଆ ରେଡିଓ ଦୂରଦର୍ଶନ ଓ ବେସରକାରୀ ଟିଭି ଚ୍ୟାନେଲରେ ୪୫ ବର୍ଷ ଧରି ରଥଯାତ୍ରା ଧାରା ବିବରଣୀ ଦେଇଥିଲେ। ଶରତ କରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, କର ଜଣେ ପ୍ରତିଭାବାନ୍ ରାଜନେତା ଏବଂ ଦକ୍ଷ ପ୍ରଶାସକ ଥିଲେ। ବାଚସ୍ପତି ଭାବେ ଦକ୍ଷତାର ସହ ଗୃହ ପରିଚାଳନା କରି ଏକ ଉତ୍ତମ ସଂସଦୀୟ ପରମ୍ପରା ପ୍ରତିଷ୍ଠା କରିଥିଲେ। ଓଡ଼ିଶା ସରକାରରେ ମନ୍ତ୍ରୀଭାବେ ସେ ବିଭିନ୍ନ ସମୟରେ ନିଜ ନେତୃତ୍ୱ ଏବଂ ପ୍ରଶାସନିକ ଅଭିଜ୍ଞତାର ପରାକାଷ୍ଠା ଛାଡି ଯାଇଛନ୍ତି। ତାଙ୍କ ବିୟୋଗରେ ରାଜ୍ୟ ଜଣେ ବିଶିଷ୍ଟ ରାଜନିତିଜ୍ଞଙ୍କୁ ହରାଇଛି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ କରଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କୃତ୍ତିକା ନକ୍ଷତ୍ରର ବିଭିନ୍ନ ପ୍ରକାରର ସମସ୍ୟା ସଙ୍ଗକୁ ଅଯଥା ଅର୍ଥ ବ୍ୟୟ ମାନସିକ ସ୍ଥିତିକୁ କଳୁଷିତ କରିଦେବ। ପୂର୍ବରୁ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରି ପାରନ୍ତି। କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଯୁକ୍ତି ଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବୃଷ**
ମୃଗଶିରା ନକ୍ଷତ୍ରର ଶାରୀରିକ ଅସୁସ୍ଥତା ସଙ୍ଗକୁ ପାରିବାରିକ ଅଶାନ୍ତି ଦେଖାଦେଇପାରେ। ବନ୍ଧୁମାନେ ସାମୟିକ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ମିଥୁନ**
ଆରଦ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ନିଜ ନିଜ ଜିଦ୍‌ରେ ଅଟଳ, ଅଚଳ ରହିବା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଅର୍ଥ ସମ୍ବନ୍ଧୀୟ କଥା, ଚୁକ୍ତିପତ୍ର, ଜମିଜମା କାରବାର, ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମ ସୃଷ୍ଟିହେବ। ଭ୍ରମଣ ସୁଯୋଗ ପାଇବେ, କିନ୍ତୁ ଫେରିବାରେ ଆନନ୍ଦ ରହିବ ନାହିଁ।

**କର୍କଟ**
ପୁଷ୍ୟା ନକ୍ଷତ୍ର କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତାର ଭୂୟସୀ ପ୍ରଶଂସା କରିବେ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ପ୍ରଶାସନ, ସାମ୍ବାଦିକତା ଓ ନିର୍ମାଣ କ୍ଷେତ୍ରରେ ସମ୍ମାନ ପାଇ ଖୁସି ହେବେ।

**ସିଂହ**
ପୂର୍ବାଫାଲଗୁନୀର ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ଅଳ୍ପ ସମୟ ଭିତରେ ମିଳାଇଯିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ବ୍ୟବସାୟିକ କ୍ଷେତ୍ର ଓ ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ।

**କନ୍ୟା**
ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ହାସଲ କରିବେ। ଗଠନ ମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ, ତଥାପି ଆପଣଙ୍କ କାର୍ଯ୍ୟଦକ୍ଷତା ଓ କଥନଶୈଳୀରୁ ପ୍ରଶଂସିତ ହେବେ।

**ତୁଳା**
ସ୍ୱାତୀ ନକ୍ଷତ୍ର ପାଇଁ ଆତ୍ମୀୟମାନଙ୍କ ସହଯୋଗରୁ ସମାଧାନର ସରଳସୂତ୍ର ବାହାର କରିବାରେ ସମର୍ଥ ହେବେ। ଦୀର୍ଘଦିନର ଅଭିଳାଷ ପୂରଣ ହେବ ଓ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଜମିଜମା ସମସ୍ୟା, ସମାଧାନ ଦିଗକୁ ମୁହାଁଇପାରେ।

**ବିଛା**
ଅନୁରାଧାର ମାନସିକ ଅସ୍ଥିରତା କାରଣରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଗୃହ କଳି ସମାଧାନ ହୋଇଯିବ।

**ଧନୁ**
ପୂର୍ବାଷାଢା ନକ୍ଷତ୍ର ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ସନ୍ତାନ ମାନଙ୍କ ସକାଶେ ଆଗାମୀ ବୈବାହିକ କର୍ମ ସମ୍ପାଦନ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା ହୋଇପାରେ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

**ମକର**
ଶ୍ରବଣା ନକ୍ଷତ୍ର ବିଭିନ୍ନ ଦିଗରୁ ମାନସିକ ଚାପ ଓ ପ୍ରତିବନ୍ଧକର ସାମ୍ନା କରିପାରନ୍ତି। ପରିବାରରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ହେତୁ ମନାନ୍ତର ସୃଷ୍ଟି ହୋଇପାରେ। ସମ୍ପର୍କ ଭଲ ଥିଲେ ମଧ୍ୟ ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ।

**କୁମ୍ଭ**
ଧନିଷ୍ଠା ନକ୍ଷତ୍ର ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ଅବଶ୍ୟ ସୃଷ୍ଟି ହେବ। ଅଭିମାନ କରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କୌଣସି କାଗଜପତ୍ର ସମ୍ପର୍କୀୟ ଶୁଭ ସୂଚନା ପାଇବେ।

**ମୀନ**
ଉତ୍ତରଭାଦ୍ରବ ନକ୍ଷତ୍ରର ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସଙ୍ଗକୁ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ଢଳିପାରେ।

ଆଜି ଆଶ୍ୱିନ ମଳ କୃଷ୍ଣପକ୍ଷର ସର୍ବସମ୍ମତ ପୁରୁଷୋତ୍ତମ ଏକାଦଶୀ ମଙ୍ଗଳବାର, ଅକ୍ଟୋବର ୧୩ ତାରିଖ, ରାଶିନକ୍ଷତ୍ର– ମଘା/ସିଂହ,ମକର ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱାଦଶୀର ପାର୍ବଣଶ୍ରାଦ୍ଧ, ଦିବା ଘ.୦୫.୪୪ମି. ଗତେ ଘ.୦୬.୩୦ମି. ମଧ୍ୟେ, ଘ.୦୭.୧୭ମି. ଗତେ ଘ.୧୧.୦୯ମି. ମଧ୍ୟେ, ରାତ୍ରି ଘ.୦୭.୪୯ମି. ଗତେ ଘ.୦୮.୩୯ମି. ମଧ୍ୟେ, ଘ.୦୯.୨୮ମି. ଗତେ ଘ.୧୧.୫୭ମି. ମଧ୍ୟେ, ଘ.୦୪.୦୫ମି. ଗତେ ଘ.୦୫.୪୪ମି. ମଧ୍ୟେ ଅମୃତ ବେଳା। ସନ୍ଧ୍ୟା ଘ.୦୫.୨୧ମି.ଗତେ ଘ.୦୭.୪୯ମି. ମଧ୍ୟେ, ରାତ୍ରି ଘ.୦୧.୩୬ମି. ଗତେ ଘ.୦୩.୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୨.୨୬ମି. ଗତେ ଘ.୦୩.୫୪ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**

real estate

**SALE**

ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ NH5 ରୁ 1.5km ମଧ୍ୟରେ ଘରବାରି ବାସୋପଯୋଗୀ ପ୍ଲଟ୍ ମିଳୁଅଛି। 7735922768. D-69177

**About 3 K.M.from KIIT Jagannath Temple, Khordha-Barang road side Kataki 6 gunth gharabari land for sale, Contact No-6372388060.** D-18566

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

**Well developed 30'road, ଘରବାରୀ, boundary, ଇଲେକ୍ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner-9437033320.** D-69181

Bhubaneswar ସୁନ୍ଦରପଦାରେ 1200sqft. plot 11,40,000/- କିଣି ଘର କରନ୍ତୁ। 9938016295. D-69183

ଛତାବର 200' roadside Nakhara Synergy College ପାଖରେ ଗୃହୋପଯୋଗୀ ଜାଗା 1500sqft.କୁ 9,75,000/- 9437306208. D-69349

to-let

1200sqft. semi furnished Office space for rent at Goutam Nagar, Bhubaneswar. Contact: 9776117523, 9337117523. D-67572

healthcare

Newly open SPA centre smart therapist full body massage: 7846814019. D-59967

Swarna SPA newly open positively health benefits with expert therapist. 7873794731. D-69776

Herbal full body massage by smart / expert therapist. Contact: 8338067247. D-69775

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69778

Newly open SPA centre smart therapist full body massage: 7205187702. D-59966

Full ayurvedic body massage with refreshment expert therapist call: 7436826500. D-69774

Get refreshment body massage by expert therapist contact for 7205084157. D-69777

Newly open SPA centre smart therapist full body massage: 8114970372. D-59968

Newly open full body massage SPA in Bhubaneswar. Contact: 7205058838. D-69779

Rejuvenate and Ayurvedic full body massage by smart therapist. 9348123330. D-69780

**LOST**

I, Prasant Kumar Rath, R/o. Brooks Hill, P.S. Dhanupali, Dist. Sambalpur have lost my Original RSD bearing No.471 dated 18.03.1977 executed in favour of my father Ghanashyam Rath. Inspite of my several search, I could not traced it out. If any body found please contact: 8249438404. D-69812

ମୁଁ ବଳରାମ ପାଢ଼ୀ, ପି.– ସ୍ୱର୍ଗତ ଲକ୍ଷ୍ୟପତି ପାଢ଼ୀ, ନି.– ଏ.ନ.ଲେନ୍ ବାହାଲପଡ଼ା, ସମ୍ବଲପୁରରୁ ଜଣାଉଛି ଯେ, ଗତ ତା.୦୬।୧୦।୨୦୨୦ ସକାଳ ୧୧.୩୦ଟାରେ ଏ.ନ.ଲେନ ବାହାଲପଡ଼ାଠାରୁ କଚେରି ଆସୁଥିବା ସମୟରେ ନିଜ ଘର ସେଲ୍‌ଡିଡ୍ No.1764, Plot No.1093/3, Khata No.644/127 ହଜିଯାଇଛି। ବହୁତ ଖୋଜାଖୋଜି କଲାପରେ ମଧ୍ୟ ପାଇଲି ନାହିଁ। D-69813

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

**ଡକ୍ଟରେଟ୍ ଲାଭ**



**Chronotype and Social Networking Sites Use- Repercussions on Excessive Daytime Sleepiness, Behavioral Sleep Variables and Performance among University Students.**

**Name of Guide:**
Prof. (Dr) Atanu Kumar Pati, Vice Chancellor, Gangadhar Meher University, Amruta Vihar,Sambalpur.

**Acknowledgement-**
Grand father- Sri Sachidananda Swain
Father- Sri Rajani Kanta Swain
Mother- Smt. Kanaka Manjari Acharya
Sister and friends.
D-18591

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୭୯,୧୬,୯୪୮ | ୧୦,୮୩,୬୫୭ | ୨,୮୪,୮୪,୬୫୦ |
| ଭାରତ | ୭୧,୭୨,୪୭୦ | ୧,୦୯,୮୭୯ | ୬୨,୨୩,୨୩୧ |
| ଓଡ଼ିଶା | ୨,୫୪,୬୬୨ | ୧୦୪୦(+୫୩) | ୨,୩୦,୧୯୨ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ତୀବ୍ର ଅବପାତରେ ପରିଣତ ହେଲା ଲଘୁଚାପ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ତୀବ୍ର ଅବପାତରେ ପରିଣତ ହୋଇଛି। ସୋମବାର ସନ୍ଧ୍ୟାସୁଦ୍ଧା ଏହା ଦକ୍ଷିଣ-ପୂର୍ବ ଦିଗରେ ବିଶାଖାପାଟଣାଠାରୁ ୨୫୦କିମି ଦୂରରେ ସକ୍ରିୟ ରହିଛି। ୬ କିମି ବେଗରେ ଗତି କରୁଥିବାବେଳେ ମଙ୍ଗଳବାର ସକାଳେ କାକିନାଡ଼ା ନିକଟରେ ଆନ୍ଧ୍ର ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ପବନର ବେଗ ୫୫ରୁ ୬୦ କିମି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ହେବ। ବିଶେଷକରି ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ଗଜପତି, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁରରେ ବର୍ଷାର ପ୍ରକୋପ ଅଧିକ ରହିବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ସତର୍କ ରହିବାରୁ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଛତ୍ରପୁରରେ ସର୍ବାଧିକ ୫୨.୬ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ପାରଳାଖେମୁଣ୍ଡିରେ ୪୫, ଗୋପାଳପୁରରେ ୩୪ମିମି ବର୍ଷା ହୋଇଛି। ସେହିପରି କୋରାପୁଟ, ରାୟଗଡ଼ା, ମାଲକାନଗିରି, ଗଜପତି, ଗଞ୍ଜାମ, ନବରଙ୍ଗପୁର, କନ୍ଧମାଳ, ପୁରୀ, ଖୋର୍ଦ୍ଧାରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି।

## ଆଜି ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ ଆଶଙ୍କା



# ବିଜେଡି, କଂଗ୍ରେସର ପ୍ରାର୍ଥୀ ଘୋଷଣା

## ବାଲେଶ୍ୱରରୁ ସ୍ୱରୂପ, ତିର୍ତ୍ତୋଲରୁ ବିଜୟ ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର (ବ୍ୟୁରୋ)/ ବାଲେଶ୍ୱର ଅଫିସ୍/ ଜଗତ୍‌ସିଂହପୁର ଅଫିସ, ୧୨।୧୦

ବାଲେଶ୍ୱର ଏବଂ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ବିଜେଡି ସୋମବାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସବୁ ଚର୍ଚ୍ଚା ଆଲୋଚନାର ଅନ୍ତ ଘଟାଇ ବିଜେଡି ବାଲେଶ୍ୱର ଆସନ ପାଇଁ ନୂଆ ଚେହେରାକୁ ଆଗକୁ ଆଣିଛି। ଏହି ଆସନରେ ଦଳ ସ୍ୱରୂପ କୁମାର ଦାସଙ୍କୁ ଟିକେଟ ଦେଇଛି। ସେହିପରି ତିର୍ତ୍ତୋଲ ଆସନରେ ବିଜେଡି ବିଜୟ ଶଙ୍କର ଦାସଙ୍କୁ ପ୍ରାର୍ଥୀ କରିଛି। ବିଜୟ ହେଉଛନ୍ତି ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପୁଅ। ତାଙ୍କୁ ଦଳୀୟ ଟିକେଟ ମିଳିବା ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା। ମାତ୍ର ବାଲେଶ୍ୱର ଆସନରେ ସ୍ୱରୂପଙ୍କୁ ଟିକେଟ ମିଳିବା ଅପ୍ରତ୍ୟାଶିତ ହୋଇଛି। ସ୍ୱରୂପ କହିଛନ୍ତି ଯେ, ପ୍ରାର୍ଥୀ ହେବା ନେଇ ଜାଣି ନ ଥିଲି। ଏହି ଦୌଡ଼ରେ ମଧ୍ୟ ନ ଥିଲି। ଦଳ ନିର୍ବାଚନ ଲଢ଼ିବା ସମୟରେ ସବୁ ପ୍ରକାର ତଥ୍ୟ ହାସଲ କରିଥାଏ। ତାଙ୍କୁ ପ୍ରାର୍ଥୀ କରିବା ସମୟରେ ଦଳ ସେହିପରି ଯୋଜନା କରି ତଥ୍ୟ ସଂଗ୍ରହ କରିଥିବ ବୋଲି ସ୍ୱରୂପ କହିଛନ୍ତି। ଦଳ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବା ପରେ ବିଧାୟକ ଦେବୀପ୍ରସାଦ ମିଶ୍ର, ପ୍ରଶାନ୍ତ ମୁଦୁଲି, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ଏବଂ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ନବୀନ ନିବାସ ଆସି ଉଭୟ ପ୍ରାର୍ଥୀଙ୍କ ଟିକେଟ ଗ୍ରହଣ କରିଛନ୍ତି। ତେବେ ଭାଜପା ପକ୍ଷରୁ ଦିନକ ଆଗରୁ ବାଲେଶ୍ୱର ଆସନ ପାଇଁ ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ମଦନମୋହନ ଦତ୍ତଙ୍କ ପୁଅ ମାନସ କୁମାର ଦତ୍ତଙ୍କୁ ପ୍ରାର୍ଥୀ କରିଛି। ସେହିପରି ତିର୍ତ୍ତୋଲ ଆସନରେ କଂଗ୍ରେସରୁ ଆସି ନିକଟରେ ଭାଜପାରେ ସାମିଲ ହୋଇଥିବା ରାଜକିଶୋର ବେହେରାଙ୍କୁ ପ୍ରାର୍ଥୀ କରିଛି।


ସ୍ୱରୂପ କୁମାର ଦାସ


ବିଜୟ ଶଙ୍କର ଦାସ

ତିର୍ତ୍ତୋଲ ଉପନିର୍ବାଚନ ପାଇଁ ବିଜେଡି ଟିକେଟ୍ ପାଇଥିବା ବିଜୟ ଏବେ ଜଗତ୍‌ସିଂହପୁର ଜିଲା ବିଜୁ ଛାତ୍ର ଜନତା ଦଳ ସାଧାରଣ ସମ୍ପାଦକ ଅଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶ ଓ ଶୃଙ୍ଖଳାକୁ ପାଥେୟ କରି ନିର୍ବାଚନ ଲଢ଼ିବେ। ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା ତାଙ୍କର ଲକ୍ଷ୍ୟ। ଅନ୍ୟପକ୍ଷରେ ବାଲେଶ୍ୱର ଉପନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀ ଭାବେ ପୂର୍ବତନ ଏମ୍‌ପି ତଥା ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସାମାଜିକ କର୍ମୀ ସୁବାସିନୀ ଜେନା, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ନାମ ଚର୍ଚ୍ଚା ହେଉଥିଲା। କିନ୍ତୁ ବିଜେଡି ବାଲେଶ୍ୱରର ପୂର୍ବତନ କାଉନସିଲର(୪ନଂ. ୱାର୍ଡ) ତଥା ବର୍ତ୍ତମାନର ଦଳୀୟ ଟାଉନ୍ ସଭାପତି ସ୍ୱରୂପ କୁମାର ଦାସଙ୍କୁ ଟିକେଟ୍ ଦେଇ ଚର୍ଚ୍ଚା ସୃଷ୍ଟି କରିଛି। ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ନିଷ୍ଠାର ସହ କରିବେ ବୋଲି ସ୍ୱରୂପ କହିବା ସହ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା ଏବଂ ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଏବଂ ବାଲେଶ୍ୱର ବିଧାୟକ ମଦନମୋହନ ଦତ୍ତଙ୍କ ବିୟୋଗ ପରେ ଏହି ଦୁଇ ଆସନ ଖାଲିପଡ଼ିଛି। ଆସନ୍ତା ନଭେମ୍ବର ୩ରେ ଉଭୟ ଆସନରେ ଉପନିର୍ବାଚନ ହେବାକୁ ଯାଉଛି।

## ବାଲେଶ୍ୱରରେ ମମତା, ତିର୍ତ୍ତୋଲରେ ହିମାଂଶୁ କଂଗ୍ରେସ ପ୍ରାର୍ଥୀ

ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ପାଇଁ ଭାଜପା, ବିଜେଡି ପରେ କଂଗ୍ରେସ ସୋମବାର ରାତିରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବାଲେଶ୍ୱର ଆସନ ପାଇଁ ଦଳ ମମତା କୁଣ୍ଡୁଙ୍କୁ ପ୍ରାର୍ଥୀ କରିଥିବାବେଳେ ତିର୍ତ୍ତୋଲ ଆସନ ଲାଗି ହିମାଂଶୁ ଭୂଷଣ ମଲ୍ଲିକଙ୍କୁ ଟିକେଟ ଦେଇଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଉଭୟଙ୍କ ପ୍ରାର୍ଥିତ୍ୱକୁ ମଞ୍ଜୁରୀ ଦେଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସାମାଜିକ କର୍ମୀ ଭାବେ ଜଣାଶୁଣା ମମତା କଂଗ୍ରେସରୁ ଟିକେଟ ପାଇବା ପାଇଁ ଆଶାୟୀ ଥିଲେ। ତାଙ୍କୁ ଯୋଗ୍ୟ ବୋଲି ବିବେଚନା କରି ଦଳ ଟିକେଟ ଦେଇଥିବାରୁ ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପିସିସି ସଭାପତି ଏବଂ ନବଜ୍ୟୋତି ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ସେହିପରି ହିମାଂଶୁ କହିଛନ୍ତି ଯେ, ମା' ଶାରଳାଙ୍କ ଆଶୀର୍ବାଦରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଲୋକଙ୍କ ସେବା ପାଇଁ ସୁଯୋଗ ମିଳିଛି। ଏଥିସହ ଏଆଇସିସି ଅଧ୍ୟକ୍ଷା, ପିସିସି ସଭାପତି, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ବେରୋଜଗାର, ଶିଳ୍ପର ଅଭାବ ଆଦି ପ୍ରସଙ୍ଗକୁ ନେଇ ସେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି।


ମମତା କୁଣ୍ଡୁ


ହିମାଂଶୁ ଭୂଷଣ ମଲ୍ଲିକ



“ ଜଗତର କୁଟୀଳତା ଦେଖି ମୁଖ ଫେରାଇ ଚାଲିଯାଅନା। ଏ ଜଗତ ଏକ ଆହତ ସର୍ପ। ତା'ର ବାହ୍ୟ ଖୋଳ (ସାପକାତି ପରି) ପରିବର୍ତ୍ତନ ଓ ଆଧାତ୍ମିକ ସିଦ୍ଧି। ଅପେକ୍ଷା କରି ଦେଖ –ଏହା ଏକ ବାଜିଖେଳ। ଏହି ହେୟତା ଭିତରୁ କିନ୍ତୁ ଭଗବାନ ବିଜୟୀ ହୋଇ ଉଠି ଆସିବେ। **–ଶ୍ରୀଅରବିନ୍ଦ**

# ପ୍ରଜାପତି ଉଡ଼ିଲେ

ଭାରତ ସରକାରଙ୍କ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ପାଣ୍ଠି ପାଇ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜେଡ୍ଏସ୍ଆଇ) କରିଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ହିମାଳୟ ଅଞ୍ଚଳରେ ହାରାହାରି ତାପମାତ୍ରା ବୃଦ୍ଧି ପାଉଥିବାରୁ ପ୍ରଜାପତି ଓ କୀଟଗୁଡ଼ିକ ସାଧାରଣ ବାସସ୍ଥଳ ଛାଡ଼ି ଅଧିକ ଉଚ୍ଚତାକୁ ଯିବାର ପରିଲକ୍ଷିତ ହୋଇଛି। ପୂର୍ବରୁ ଯେଉଁ ଉଚ୍ଚତାରେ ଏହି ଜୀବଗୁଡ଼ିକ ଉଡୁଥିଲେ ତାହାଠାରୁ କେତେକ ୧୦୦୦ ମିଟର ଓ ଆଉ କିଛି ୨୦୦୦ ମିଟର ଉପର ଯାଏ ଚାଲିଗଲେଣି। ଜେଡ୍ଏସ୍ଆଇର ନିର୍ଦ୍ଦେଶକ କୈଳାସ ଚନ୍ଦ୍ରା ଉଦାହରଣ ଦେଇ କହିଛନ୍ତି, କମନ୍ ମ୍ୟାପ୍ ଓ ଟେଲ୍‌ଲେସ୍ ବୁଶ୍‌ବ୍ଲୁ ପ୍ରଜାପତି ୨,୫୦୦ ମିଟର ଉପରେ ଦେଖାଯାଉଥିଲେ। ଏବେ ସେମାନେ ୩,୫୭୭ ମିଟର ଉପରେ ବୁଲୁଛନ୍ତି। ଅତି ସୂକ୍ଷ୍ମ ଜୀବ ହୋଇଥିବାରୁ ପ୍ରଜାପତିଗୁଡ଼ିକ ସାଧାରଣତଃ ଦୀର୍ଘମିଆଦୀ ଜଳବାୟୁ ପରିବର୍ତ୍ତନର ସଙ୍କେତ ଦେଇଥାଆନ୍ତି। ଅନୁରୂପ ଭାବେ ଚଳିତବର୍ଷ ପ୍ରାରମ୍ଭରେ ନର୍ଥ କ୍ୟାରୋଲିନା ଷ୍ଟେଟ୍ ୟୁନିଭର୍ସିଟି ଓ ଆମେରିକାର ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟମୋସ୍ଫିୟରିକ୍ ଆଡ୍‌ମିନିଷ୍ଟ୍ରେଶନ ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡ଼ିଥିଲା ଯେ, ଆଗକୁ ଜଳବାୟୁ ପରିବର୍ତ୍ତନ ଯୋଗୁ ପରିବେଶ ବଦଳିବା ସହ ପୃଥିବୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଫିକା ପଡ଼ିଯିବ। ଆଉ ମାତ୍ର ୧୫ ବର୍ଷ ପରେ ଅର୍ଥାତ୍ ୨୦୩୫ ଗ୍ରୀଷ୍ମ ଋତୁ ବେଳକୁ ବ୍ୟାପକ ପରିବର୍ତ୍ତନ ଦେଖାଦେବ। ସୁମେରୁ ଅଞ୍ଚଳରୁ ପ୍ରଥମ ଥର ପାଇଁ ସମସ୍ତ ବରଫ ତରଳିଯିବ ବୋଲି ବୈଜ୍ଞାନିକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ପୂର୍ବରୁ ଥିବା ଅନୁମାନକୁ ପୁନଃଗବେଷଣା କରି ପରିବେଶ ବୈଜ୍ଞାନିକମାନେ ଏହି ସମସ୍ୟା ନିକଟ ହୋଇଆସୁଥିବା ଚେତାବନୀ ଦେଲେଣି। ତେଣୁ ଆଗାମୀ ସମୟ ପରିବେଶ ଓ ପ୍ରାଣୀଜଗତ ତିଷ୍ଠିବା ସକାଶେ କିଭଳି ବିପଦ ସୃଷ୍ଟି କରିବ ଏହିସବୁ ଗବେଷଣା ଓ ସର୍ଭେ ରିପୋର୍ଟରୁ ବୁଝିନେବା କଥା।

ଭାରତ ସମେତ ସମଗ୍ର ବିଶ୍ୱ ଏବେ କୋଭିଡ୍–୧୯ ମହାମାରୀ କବଳରେ ପଡ଼ିଛି। ଗତ ମାର୍ଚ୍ଚରେ ଯେତେବେଳେ ସଂକ୍ରମଣର ସଂଖ୍ୟା ବଢ଼ିଚାଲିଲା, ସରକାରୀ ନିର୍ଦ୍ଦେଶ କ୍ରମେ ପ୍ରଥମେ ଲକ୍‌ଡାଉନ୍ ଓ ପରେ ଶଟ୍‌ଡାଉନ ଲାଗୁ କରାଯାଇ ଜନସାଧାରଣଙ୍କ ଚଳପ୍ରଚଳକୁ ସଙ୍କୁଚିତ କରାଯାଇଥିଲା। ଗାଡ଼ିମୋଟର ନ ଚାଲିବା ଓ ଲୋକଙ୍କ ହାଉଜାଉ କମିଯିବା ପରେ ରାସ୍ତା ଉପରକୁ ବଣୁଆ ଜୀବ ଚାଲିଆସିଥିଲେ। ପ୍ରଦୂଷଣ ସ୍ତର କମିଯାଇଥିବା ନେଇ ତଥ୍ୟ ପ୍ରକାଶ ପାଇଥିଲା। ହେଲେ ଏବେ ଜୀବନଯାତ୍ରା ଧୀରେ ଧୀରେ ସ୍ୱାଭାବିକ ହେବା ଓ କର୍ମସ୍ଥଳୀଗୁଡ଼ିକ ଖୋଲିଯାଉଥିବାରୁ ଲୋକେ ପୁଣି ବିଶୃଙ୍ଖଳିତ ହୋଇ ଏଣେତେଣେ ଦୌଡ଼ିବାରେ ଲାଗିଲେଣି।

ଜୀବଜନ୍ତୁ ପ୍ରକୃତି କୋଳରେ ବଢ଼ିଥିବାରୁ ସେମାନେ ଶୃଙ୍ଖଳିତ ହୋଇ ଗତି କରିଥାଆନ୍ତି। ଅତିବୁଦ୍ଧିଆ କୁହାଯାଉଥିବା ମଣିଷ ପ୍ରତି ମୁହୂର୍ତ୍ତରେ ପ୍ରାକୃତିକ ନିୟମ ଭାଙ୍ଗି ଦେଉଥିବାରୁ ସବୁକିଛି ବିଗିଡ଼ିଯାଉଛି। ବିସ୍ତାରବାଦୀ ଚିନ୍ତାଧାରା ଯୋଗୁ ଜୀବଜନ୍ତୁଙ୍କ ପ୍ରାକୃତିକ ବାସସ୍ଥଳ ମଣିଷର ଲୋଭ ଯୋଗୁ ଜବରଦଖଲ ହେଉଛି।

ଏକ ଭୂତାଣୁ କୋଭିଡ୍–୧୯ ମହାମାରୀ ବିଭୀଷିକା ଆଣି ସମଗ୍ର ପୃଥିବୀକୁ ତଟସ୍ଥ କରିଦେଲା। ବିଶ୍ୱର ବଡ଼ ବଡ଼ ଗବେଷକ, ବୈଜ୍ଞାନିକ ଓ ଡାକ୍ତର ଅଦ୍ୟାବଧି ଟିକାଟିଏ ଆଣିପାରିଲେ ନାହିଁ। ତେବେ ମଣିଷର ବାହାଦୁରି କ'ଣ ପାଇଁ ବୋଲି ପ୍ରଶ୍ନ ଉଠୁଛି। ଭୂତାଣୁ କେଉଁଭଳି ରୂପ ନେଇ ଆସିବ କହିବା କଷ୍ଟକର। ଏଠାରେ ଆଉ ଏକ ବିପଦ ସିଧାସଳଖ ଦେଖାଦେଲାଣି। ଦୀର୍ଘ ୭ ମାସ ହେବ ଭାରତର ବିଭିନ୍ନ ପ୍ରାନ୍ତରେ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ଚଳିତ ବର୍ଷ କଦାପି ଆଶାନୁରୂପ ଅମଳ ହେବ ନାହିଁ। କିଛି ମାସ ତଳେ ପଙ୍ଗପାଳ ଦଳ ମାଡ଼ିଆସି ଦେଶର ବିଭିନ୍ନ ପ୍ରାନ୍ତରେ ଫସଲ ବ୍ୟାପକ ନଷ୍ଟ କରିଥିଲେ। ଏବେ ଜାଏଣ୍ଟ ଆଫ୍ରିକାନ୍ ସ୍ନେଲ୍ ବା ଅତିକାୟ ଆଫ୍ରିକୀୟ ଗେଣ୍ଡା ଦକ୍ଷିଣ ଭାରତର ଚାଷ ଖେତ ଓ ବାଡ଼ିବଗିଚା ପାଇଁ ବିପଦ ସୃଷ୍ଟି କଲେଣି। କେନିଆ ଓ ତାଞ୍ଜାନିଆ ଆଦି ଦେଶରେ ଏହି ଧରଣର ଗେଣ୍ଡା ବହୁଳ ଭାବେ ଦେଖାଯାଇଥାଆନ୍ତି। କୁହାଯାଉଛି କେରଳରୁ ଜଳପଥ ଦେଇ ବାଣିଜ୍ୟିକ କାରବାର ବିଶେଷକରି କାଠ ବା ତା'ର ଗଣ୍ଡି ଆମଦାନୀ ବେଳେ ଏହି ପ୍ରଜାତିର ଗେଣ୍ଡା ଆସିଯାଇଥିଲେ। ଏମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଶସ୍ୟଖେତ ଓ ଉଦ୍ଭିଦରାଜି ପ୍ରତି ବିପଦ ବଢ଼ିଲାଣି। ବିଦେଶୀ କାଠରେ ଏହି ଗେଣ୍ଡା କେତେବେଳେ ଆସିଯାଇଥିବ ତାହା ଜାଣିବା କଷ୍ଟକର। ମନେରଖିବା ଉଚିତ ଯେ ସାମାନ୍ୟ ଅସାବଧାନତା ଯୋଗୁ ଗୋଟିଏ ଦେଶର ଭୂତାଣୁ ଅନ୍ୟ ଦେଶକୁ ବ୍ୟାପିଲା ପରି ଗେଣ୍ଡା ଭଳି ସାମାନ୍ୟ ଜୀବ ହେଲେ ମଧ୍ୟ ଗୋଟିଏ ଜଳବାୟୁ ଅବସ୍ଥାରୁ ଆଉ ଏକ ପରିବେଶକୁ ଯାଇ ବ୍ୟାପକ କ୍ଷତି ଘଟାଇପାରିବ। ଏବେ କେରଳ, କର୍ନାଟକ କୃଷକ ଫସଲ ନଷ୍ଟ ପାଇଁ ଆଫ୍ରିକୀୟ ଗେଣ୍ଡାକୁ ଦୋଷ ଦେଲେଣି। ଅନେକେ ଭୟଭୀତ ହେଲେଣି ଯେ ଯେଉଁ ପରିବା ଓ ଫଳ ସହ ଏହି ପ୍ରଜାତିର ଗେଣ୍ଡା ଲାଗି ରହିଥିବ ତାହାକୁ ଖାଇଲେ ସଂକ୍ରମଣ ହେବ। ତେଣୁ ମଣିଷ ପ୍ରତି ପଦକ୍ଷେପରେ ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ଆସୁଥିବା ବିପଦରୁ ଶିଖିବା ଦରକାର।

ଆଜିର ସ୍ଥିତିରେ ମଣିଷକୃତ ବିପର୍ଯ୍ୟୟ ଜଳବାୟୁ ପରିବର୍ତ୍ତନକୁ ଖୋରାକ ଯୋଗାଇ ଚାଲିଛି। ବିପଦ ଆସିଲା ବେଳେ ଗୋଟିଏ ଜାଗାରେ ଜାକିଜୁକି ହୋଇଯାଉଛେ। ତାହା ଟଳିଗଲା ପରେ ଯେଉଁ କଥାକୁ ସେହି କଥା। ଯଦି ଆମେ ଆମ ଜୀବନକୁ ଶୃଙ୍ଖଳିତ ଭାବେ ନେବା ଓ ଅନ୍ୟ ପ୍ରାଣୀ ଏବଂ ଉଦ୍ଭିଦଜଗତ ତିଷ୍ଠି ରହିବା ସକାଶେ ସେମାନଙ୍କ ସ୍ଥାନ ଛାଡ଼ି ଦେବା, ତାହା ହେଲେ ବ୍ୟାପକ ଜଳବାୟୁ ପରିବର୍ତ୍ତନରୁ ହୁଏତ ଆମର ଆଗାମୀ ପିଢ଼ି ବର୍ତ୍ତିଯାଇପାରିବ। ଯେଉଁ ପରିବେଶରେ ବାସ କରୁଛେ, ସେଥିପ୍ରତି ପ୍ରଥମେ ଧ୍ୟାନ ଦେବାର ସମୟ ଆସିଲାଣି।

# ଦୟା ବଢ଼ାଉଛି ଅପରାଧ



ସହଦେବ ସାହୁ

ଭଗବାନଙ୍କ ଦୟା ନ ଥିଲେ ମୁଁ ବା କିଏ, ବଡ ବଡ ଯୋଦ୍ଧାମାନେ ଏ ଭବସାଗର ପାର ହୋଇପାରିବେ ନାହିଁ। ଭକ୍ତ ଯେପରି କହେ କୃତାର୍ଥ ନାଗରିକ ବି ସେହିପରି କହେ, ମୁଖ୍ୟମନ୍ତ୍ରୀଙ୍କ ଦୟା ହୋଇ ନ ଥିଲେ ମୁଁ କିଏ ନା ଆପୋଲୋ କିଏ, ମୋତେ କ'ଣ ଆପୋଲୋ ପଚାରିଥାନ୍ତା, ମାଗଣା ଅର୍ଥାତ୍ ସରକାରୀ ଖର୍ଚ୍ଚରେ ଚିକିତ୍ସା କରିଥାନ୍ତା? ଦୟାର ଗୂଢ଼ ଅର୍ଥ ଟିକେ ବୁଝନ୍ତୁ। ପ୍ରାପ୍ୟ ବା 'ଯାହା ତୁମେ ପାଇବା କଥା' ସେଥିପାଇଁ କାହିଁକି ତୁମେ କାହାର ଦୟାର ପାତ୍ର ହେବ? ତାହା ଦେବା ବା ଯୋଗାଇବା ତ ସେ ଲୋକର କର୍ତ୍ତବ୍ୟ! ଯିଏ କର୍ତ୍ତବ୍ୟ କରେ ସେ ଦୟା କ'ଣ କଲା? ସେ ତା' କାମ କରୁଛି!

ଦୟା ଭଲ ଗୁଣ ନୁହେଁ, ଦୟା ଭିତରେ ଲୁଚି ରହିଛି ପାତରଅନ୍ତର କରିବା ଦୋଷ (ଗୁଣ କହୁଛ କି!), ଦୟାକୁ ସାଧାରଣ ଲୋକ ଯେପରି ଭାବେ ଦୟା ତାହା ନୁହେଁ। ଦୟା ବା ଅନୁକମ୍ପା ଆମେ କେତେବେଳେ ଖୋଜୁ? ଯେତେବେଳେ ଆମ କାମଟା ନିୟମ ଭିତରେ ହୋଇପାରେ ନାହିଁ। ଦୟା ଯିଏ କରେ ତା' ପାଖରେ ସବୁ କାମ ବେନିୟମର, ସେ ଲୋକ ଭଲ ମନ୍ଦ ବାଛିପାରୁନାହିଁ କିମ୍ବା ନିଜର ଖାତିର ବଢାଇବା ପାଇଁ ତୁମକୁ ଦୟା କରୁଛି ବୋଲି କହେ। ନିୟମ ଭିତରେ କାମ ହେଲେ ତୁମେ ତ କାହାରି ଦୟାର ପାତ୍ର ହେବ ନାହିଁ। ଦୟା ଭଲ ଗୁଣ ନୁହେଁ, ନିୟମ ଅନୁଯାୟୀ କାମ କଲେ ସମସ୍ତେ ପ୍ରାପ୍ୟ ପାଇବେ।

ଅବଶ୍ୟ ବ୍ୟାଖ୍ୟା କରୁଥିବା ଲୋକ ଏମିତି ବ୍ୟାଖ୍ୟା କରିପାରେ ଯେ ତୁମେ ଯାହାକୁ ନିୟମ ବୋଲି ଭାବୁଛ ସିଏ ତାକୁ ବେନିୟମ ବା ନିୟମର ବାହାରେ ବୋଲି ଯୁକ୍ତି କରିପାରେ। ଲାଞ୍ଚ (ଭୋଗ) ଦେଲେ ଯେଉଁ କାମ ହୋଇଯାଏ ବିନା ଲାଞ୍ଚରେ ସେ କାମ କାହିଁକି ହେଉନାହିଁ? ତୁମ ବିଚାରରେ ଯାହା ନିୟମାଧୀନ ସମ୍ପୃକ୍ତ ଅଧିକାରୀ ତାକୁ ବେନିୟମ ବା ନିୟମର ବହିର୍ଭୂତ ଦେଖାଇଦେବ, ତେଣୁ ତୁମ କାମ ହୋଇପାରିବ ନାହିଁ। ତେଣୁ ଦୟା ଏକ ପକ୍ଷପାତିତା, ଯେଉଁ ପକ୍ଷପାତିତା ଲାଞ୍ଚ ଦ୍ୱାରା ଧୋଇଦିଆଯାଇପାରେ। ଠାକୁରଙ୍କ ପାଖରେ ପ୍ରାୟଶ୍ଚିତ୍ତ ରୂପକ ଲାଞ୍ଚ ଦେଲେ ପାପ ହୋଇଯାଏ ବୋଲି ପୁରୋହିତ କୁହନ୍ତି ନାହିଁ କି?

ସେ ଦିନ ମଞ୍ଚଟାରେ ଏମ୍ଏଲ୍ଏ କହିଲେ, ମନ୍ତ୍ରୀ ଆଉ ସଚିବଙ୍କର ଦୟା (ସଚିବ ସେଠି ନ ଥିଲେ ସେ ସଚିବଙ୍କ କଥା ଉଠାଇ ନ ଥାନ୍ତେ), ହୋଇ ନ ଥିଲେ ତାଙ୍କ ପ୍ରସ୍ତାବିତ ରାସ୍ତାଟି ମଞ୍ଜୁର ହୋଇପାରି ନ ଥାନ୍ତା। ତାଙ୍କ କହିବାର ଅର୍ଥ ତାଙ୍କ ପ୍ରସ୍ତାବିତ ରାସ୍ତାଟି କୌଣସି ମଞ୍ଜୁର ସମ୍ପର୍କୀୟ କୌଣସି ନିୟମ ଭିତରେ ପଡୁ ନ ଥିଲା। ମନ୍ତ୍ରୀ (ଅବଶ୍ୟ ସଚିବ ଜରିଆରେ ଯାଇଥିବା ଫାଇଲର ଟିପ୍ପଣି ଉପରେ ନିର୍ଭର କରି) ମଞ୍ଜୁର କରିଛନ୍ତି ନିୟମ ବାହାରେ। ଆଇନ କାନୁନର ଶାସନରେ ଦୟା ହେଉଛି ଏକ ବେନିୟମ କାମ। ସଂକ୍ଷେପରେ ଦୟା ହେଉଛି ଏକ ଅପରାଧ। ଆଇନ ଆଖିରେ ଧର୍ତ୍ତବ୍ୟ।

ଆଇନର ଶାସନ ଚାଲିଥିଲେ କେହି କାହାର ଦୟା ଉପରେ ନିର୍ଭର କରନ୍ତା ନାହିଁ, କିନ୍ତୁ କେତେକ ଆଇନରେ ପକ୍ଷପାତ ନିହିତ ଅଛି। ତାହାର କାରଣ ଯୁଗ ଯୁଗ ଧରି କେତେକ ଗୋଷ୍ଠୀ ବା ଜାତି ପ୍ରାଧାନ୍ୟ ବଜାୟ ରଖିଆସିଛନ୍ତି ଏବଂ ପ୍ରଚଳିତ ଆଇନ ସେହି ପ୍ରାଧାନ୍ୟର ସ୍ୱାକ୍ଷର ବହନ କରୁଛି। ନ୍ୟସ୍ତସ୍ୱାର୍ଥ ଆଇନକୁ ବଦଳିବା ପାଇଁ ସାମାଜିକ ବିପ୍ଳବ ଦରକାର। ଯେତେ ଯିଏ କହନ୍ତୁ ନା କାହିଁକି, ମଣ୍ଡଳ କମିଶନ ସୁପାରିସ୍ ଏହିଭଳି ଏକ ନୀରବ ବିପ୍ଳବର ନିଦର୍ଶନ। ଏ ସୁପାରିସଗୁଡିକୁ ଗ୍ରହଣ କରିବାରେ ସରକାରଙ୍କ କେତେ ଆନ୍ତରିକତା ଅଛି ସେ ପ୍ରଶ୍ନର ଉତ୍ତର ଆମେ ଏଠି ଖୋଜିବା ନାହିଁ, ସାମାଜିକ ଅନ୍ୟାୟକୁ ଦୂର କରିବାର ଗୋଟିଏ ଛୋଟ ପଦକ୍ଷେପ ବୋଲି ମଣ୍ଡଳ କମିଶନର ସୁପାରିସକୁ ଧରିନେବା ଉଚିତ ହେବ। ଅବଶ୍ୟ ଉପସ୍ଥିତ ବ୍ୟବସ୍ଥାରୁ ଫାଇଦା ଉଠାଉଥିବା ଉଚ୍ଚ ବର୍ଗର ଲୋକେ ଅସନ୍ତୁଷ୍ଟ। ଉପସ୍ଥିତ ଆଇନରେ କିଭଳି ଦୟାର ଆବିର୍ଭାବ ଥିଲାବାଲା ଲୋକଙ୍କୁ, ଜ୍ଞାତିକୁଟୁମ୍ବଙ୍କୁ ତଥା ଅନୁଗତମାନଙ୍କୁ ବେନିୟମ ସାହାଯ୍ୟ କରୁଛି ତାହା ଦେଖନ୍ତୁ।

ଭଗବାନ ବି ନିୟମର ବଶବର୍ତ୍ତୀ। ବିଧାୟକ ବିଧାନର ଅଧୀନ ନ ହେଲେ ଦୁନିଆ ଦୁଇଟା ଶ୍ରେଣୀରେ ବିଭକ୍ତ ହୋଇଯିବ। ଗୋଟିଏ ନିୟମର ଅଧୀନ, ଅନ୍ୟଟି ନିୟମର ଊର୍ଦ୍ଧ୍ୱରେ। ଯିଏ ନିୟମ ତିଆରି କରେ ସିଏ ବି ନିୟମକୁ ମାନିବାକୁ ବାଧ୍ୟ। ନିୟମ ଥରେ ହୋଇଗଲା ପରେ ସମସ୍ତଙ୍କ ପାଇଁ ସମାନ ଭାବରେ ଲାଗୁ ହେବ। ନିୟମ ଭିତରେ ଯିଏ ପାଇଲା ସିଏ ପାଇବା ଏକ ହକ୍, ଏକ ଅଧିକାର। ତାକୁ ଯିଏ ବାଧା ଦେବ ସିଏ ଅପରାଧ କରୁଛି। ଦୟା ଦେଖାଇବା ଲୋକ ନିୟମର ଖିଲାପ କରୁଛି, ପାଇବା ଲୋକକୁ ବଞ୍ଚିତ କରି ନ ପାଇବା ଲୋକକୁ ଦେଉଛି। ତେଣୁ ସିଏ ଅପରାଧୀ, ଯିଏ ପାଇଲା ସିଏ ଅପରାଧର ଆବେଟର୍ ବା ଉତ୍ସାହକ। ସୃଷ୍ଟିଟାକୁ ଚଳାଇବା ପାଇଁ ଭଗବାନ କେତେଗୁଡିଏ ନିୟମ କରିଛନ୍ତି। ଜୀବ ସୃଷ୍ଟି କରି ତାକୁ କରାମତି ଦେଇଛନ୍ତି, ବୁଦ୍ଧି ଦେଇଛନ୍ତି। ମଣିଷକୁ ବିଚାର କରିବାର ଶକ୍ତି ଦେଇଛନ୍ତି। ପ୍ରତ୍ୟେକ ପ୍ରାଣୀ ନିଜର ମାର୍ଗ ନିଜେ ତିଆରି କରି ନେବ ବା ବାଛି ନେବ। ଗୋଟିଏ କାମରୁ ଆଉ ଗୋଟିଏ କାମ ଆପେ ଆପେ ଉତୁରିବ। କାର୍ଯ୍ୟକାରଣ ଚିନ୍ତା କରିବାର ଶକ୍ତି ଦେଇ ଭଗବାନ ଭାବିଥିବେ ମଣିଷ ଏଣିକି ଠିକ୍ ବାଟରେ ଚାଲିବ। ନ ଚାଲିଲେ ନିଜେ ନିଜର ଗାତ ଖୋଳିବ। ତା' ସତ୍ତ୍ୱେ ମଣିଷ ଭଗବାନଙ୍କ ଦୟା ଚାହେଁ। ଅର୍ଥାତ୍ ଯେଉଁଟା ତାହାର ପ୍ରାପ୍ୟ ନୁହେଁ, ଯେଉଁଟି ସେ ସୃଷ୍ଟିର ନିୟମ ଅନୁଯାୟୀ ପାଇବ ନାହିଁ, ସେଥିଲାଗି ସେ ଚେଷ୍ଟା କରେ, ଭଗବାନଙ୍କ ଦୟା ଚାହେଁ, ସେ ଚାହେଁ ତାହା ପାଇଁ ଭଗବାନ ନିଜେ ତିଆରି କରିଥିବା ନିୟମ ଭାଙ୍ଗନ୍ତୁ।

ଦୁଇ ପ୍ରକାର ଲୋକଙ୍କଠାରୁ ଦୁଇ ପ୍ରକାର ପରିସ୍ଥିତିରେ ମଣିଷ ଦୟା ଚାହେଁ। ୧– ନିୟମସିଦ୍ଧ ହୋଇଥିଲେ ବି କାମଟାକୁ ଅଟକାଇବାର କ୍ଷମତା ଯାହାର ଅଛି, ତା' ଠାରୁ ଏବଂ ୨. ବେନିୟମ ହେଲେ ବି କାମଟା କରିବା ବା କରେଇଦେବାର କ୍ଷମତା ଯାହାର ଅଛି, ତା'ଠାରୁ। ଗୋଟିଏ ରଣାତ୍ମକ, ଅନ୍ୟଟି ଯୋଗାତ୍ମକ। ପାଇବାବାଲାର ବିରୋଧୀ ଓ ସପକ୍ଷ ଉଭୟ ରୂପରେ ଦୟାର ଆବିର୍ଭାବ ହୋଇଥାଏ। ଯେଉଁ ଦିଗରୁ ଦେଖିଲେ ବି ଦୟା ଦେଖାଇବା ଅର୍ଥ ନିୟମ ଭାଙ୍ଗିବା, ସାଦା କଥାରେ କହିଲେ ଦୋଷ କରିବା।

ମହାଭାରତରେ ଦ୍ରୌପଦୀଙ୍କ ପାଞ୍ଚ ପତି ହେବାର କାରଣ ତାଙ୍କ ଶାଶୁ କୁନ୍ତୀ କହିଲେ ଯେଉଁ ଭିକ୍ଷା ଆଣିଛ ପାଞ୍ଚ ଭାଇ ସମାନ ଭାବରେ ବାଣ୍ଟିନିଅ। ଭାଇମାନେ ମାଆଙ୍କ କଥାକୁ ଶିରୋଧାର୍ଯ୍ୟ କଲେ। ଶ୍ରୀକୃଷ୍ଣ ବୁଝାଇଦେଲେ ଯେ ଏଥିରେ ମାଆଙ୍କ ଦୋଷ ନାହିଁ। ଏ ହେଉଛି ଦ୍ରୌପଦୀଙ୍କ ପୂର୍ବ ତପସ୍ୟାର ଫଳ। ସେ ଶିବଙ୍କୁ ବର ମାଗିଥିଲେ, ପର ଜନ୍ମରେ ପାଞ୍ଚଟି ବିଶିଷ୍ଟ ଗୁଣ ଥିବା ସ୍ୱାମୀଟିଏ ମିଳୁ। ଶିବ ସ୍ପଷ୍ଟ କରି କହିଥିଲେ କୌଣସି ଏକ ବ୍ୟକ୍ତିଠାରେ ପାଞ୍ଚଟି ଯାକ ଗୁଣ ଏକାଠି ନ ଥିବ। ଯେହେତୁ ସେ ଦୟା କରୁଛନ୍ତି, ପ୍ରତ୍ୟେକ ଗୁଣର ଗୋଟିଏ ଗୋଟିଏ ବୀର ପୁରୁଷ, ଅର୍ଥାତ୍ ପାଞ୍ଚୋଟି ବୀରଙ୍କୁ ସେ ପତି ରୂପେ ପାଇବେ। ସାଧାରଣ ନିୟମ ଭିତରେ ଯାହା ପଡୁନାହିଁ, ତାକୁ ହାସଲ କରିବାର ଉଦ୍ୟମରୁ (ବର ମାଗିବାରୁ ବା ଦୟା ଚାହିଁବାରୁ) ଏଭଳି ଅଦ୍ଭୁତ ଫଳ ମିଳିଥାଏ। ଚେତାବନୀ ଶୁଣାଇ ସେ କହିଛନ୍ତି, କୌଣସି ବର ମାଗିବା ପୂର୍ବରୁ ଟିକେ ଭାବିବା ଉଚିତ। କିନ୍ତୁ ମଣିଷ ଲୋଭୀ। ଐଶ୍ୱରୀୟ ଦୟା ତ କଠୋର ଶାରୀରିକ ଓ ମାନସିକ ତପସ୍ୟା ଦରକାର କରେ। ମାନବୀୟ ଦୟା ପାଇବା ଲାଗି ଏତେ କଷ୍ଟ ଦରକାର ନାହିଁ, ସହଜ ଉପାୟ ଭିତରେ ଅଛି ପଦଲେହନ, ଧନଧାନ୍ୟ ସମର୍ପଣ, ଅଥବା ଯୌନ–ସନ୍ତୁଷ୍ଟୀକରଣ।

ମନେରଖନ୍ତୁ, ଯଦି କେହି କହେ ଆପଣଙ୍କ ଦୟାରୁ ତାହାର ଅମୁକ କାମଟି ହୋଇଗଲା, ସେ ପ୍ରକୃତରେ କହୁଛି ଆପଣଙ୍କ ଦୋଷରୁ, ଆପଣ ନିୟମ–ବହିର୍ଭୂକ୍ତ କାମ ଯୋଗୁ, ତା' କାମଟା ହୋଇପାରିଲା। ଯେଉଁ ନିୟମ ସମସ୍ତଙ୍କ ପାଇଁ ଲାଗୁ ହେଉଛି ସେ ନିୟମ ଭିତରେ ତା' କାମ ହେବା କଥା ନୁହେଁ; ଜଘନ୍ୟ ଅପରାଧରେ କୋର୍ଟର ବିଚାରାଧୀନ ଥିବା ଲୋକକୁ ଲୋକପ୍ରତିନିଧି କରିବା ଦଳଙ୍କ ହାଇକମାଣ୍ଡ ବା ସୁପ୍ରିମୋଙ୍କ 'ଦୟା' ନୁହେଁ କି?

ଇଂଲିଶରେ ଗୋଟିଏ କଥା ଅଛି, 'ସୋ ମି ଦି ମ୍ୟାନ୍, ଆଇ ଉଇଲ୍ ସୋ ୟୁ ଦି ରୁଲ୍।' ଲୋକଟା କିଏ, କହୁନା, ମୁଁ ତାକୁ ସୁହାଇଲା ଭଳି ନିୟମ କାଢିଦେବି। ଏ ହେଲା ଦୟା। ଏବେ ବୁଝିଲେ ତ, ଦୟା ମାନେ କ'ଣ? ଅପରାଧ, ଆଇନଭଙ୍ଗ, ପ୍ରିୟାପ୍ରୀତି ତୋଷଣ, ବିରାଦରୀ ପ୍ରୀତି, ଅଯୋଗ୍ୟକୁ ଯୋଗ୍ୟ ମନେକରିବା ଇତ୍ୟାଦି ଇତ୍ୟାଦି। ଦୟା ଏକ ସାମାଜିକ ବ୍ୟାଧି।

Email:sahadevas@yahoo.com

# ପରମାଣୁ ଶକ୍ତିର ସନ୍ଦେଶ



ଡ. ନରେନ୍ଦ୍ର କୁମାର ସେଠୀ

୧୯୩୮ ମସିହାରେ ଜର୍ମାନ ବୈଜ୍ଞାନିକ ଓଟୋ ହାନ ଓ ଫ୍ରିଜ ଷ୍ଟ୍ରସମାନ ଆଣବିକ ବିଖଣ୍ଡନ ପ୍ରକ୍ରିୟା ଆବିଷ୍କାର କଲା ପରେ ପ୍ରଥମ କରି ପରମାଣୁ ବୋମା ତିଆରି କରିବାର ସମ୍ଭାବନା ସୃଷ୍ଟି ହୋଇଥିଲା। ତେବେ ବିଶ୍ୱର ଅନେକ ବୁଦ୍ଧିଜୀବୀଙ୍କ ସମେତ ବୈଜ୍ଞାନିକ ଆଇନଷ୍ଟାଇନ ମଧ୍ୟ ଏପରି ଆଶଙ୍କା କରି ତତ୍କାଳୀନ ଆମେରିକା ରାଷ୍ଟ୍ରପତି ରୁଜଭେଲଟଙ୍କ ପାଖକୁ ଏକ ଚିଠି ଲେଖି ଜର୍ମାନୀର କ୍ରୁର ଶାସକ ହିଟଲର ପରମାଣୁ ବୋମା ତିଆରି କରିପାରନ୍ତି ବୋଲି କହିଥିଲେ; ଯାହା ଫଳରେ ଆମେରିକା ତରବର ହୋଇ ମ୍ୟାନହଟନ ପ୍ରୋଜେକ୍ଟ ଆରମ୍ଭ କଲା ଓ ପରମାଣୁ ବୋମା ଗୁପ୍ତ ରୂପରେ ବିକଶିତ କଲା। ୧୯୪୫ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯଥାକ୍ରମେ ପ୍ରଥମେ ଜାପାନର ହିରୋସୀମା ଓ ପରେ ନାଗାସାକି ଉପରେ ଆମେରିକା ପରମାଣୁ ବୋମା ବିସ୍ଫୋରଣ କରିଥିଲା। ଏକ ଆକଳନରୁ ଜଣାଯାଏ ଯେ ପ୍ରାୟ ଚାରି ଲକ୍ଷ ଲୋକ ଏହି ବିସ୍ଫୋରଣରେ ମୃତ୍ୟୁବରଣ କରିଥିଲେ। ଲିଟିଲ ବୟ ନାମକ ଏକ ବୋମାରେ ମାତ୍ର ୬୪ କିଲୋ ସମୃଦ୍ଧ ୟୁରାନିୟମ ଯାହା ୧୫ ହଜାର ଟନ ଟିଏନ୍‌ଟି ବିସ୍ଫୋରଣର ଶକ୍ତି ସୃଷ୍ଟି କରିଥିଲା। ସାରା ବିଶ୍ୱ ପରମାଣୁ ବୋମାର ଭୟବହତାକୁ ଦେଖି ଆତଙ୍କିତ ହେବା ସଙ୍ଗେ ସଙ୍ଗେ ସାମାନ୍ୟ ପରମାଣୁ ଭିତରେ ଲୁଚିଥିବା ବିପୁଳ ଶକ୍ତି ସହ ପରିଚିତ ହେଲା। ଜଣାପଡିଲା ଯେ ଏକ ଗ୍ରାମ ୟୁରାନିୟମ୍‌ର ବିଖଣ୍ଡନରେ ସୃଷ୍ଟି ହେଉଥିବା ଶକ୍ତି ୧୩ ବ୍ୟାରେଲ ପେଟ୍ରୋଲିୟମ କିମ୍ବା ୩୦ ହଜାର କିଲୋ କୋଇଲାରେ ଥିବା ଶକ୍ତି ସହ ସମାନ।

ସେଇଦିନୁ ବିଶ୍ୱର ବୈଜ୍ଞାନିକମାନେ ଏହି ବିପୁଳ ଲୁକ୍କାୟିତ ଶକ୍ତିକୁ ମାନବ ସେବାରେ ଲଗେଇବାକୁ ଚିନ୍ତା କଲେ। ତେବେ ସବୁଠୁ ଆଶ୍ଚର୍ଯ୍ୟ ବିଷୟ ହେଲା ଜାପାନରେ ହୋଇଥିବା ବିସ୍ଫୋରଣର ମାତ୍ର ଦଶ ବର୍ଷ ପରେ ୧୯୫୫ ମସିହାରେ ବିଜୁଳି ଶକ୍ତି ନିମନ୍ତେ ଆଣବିକ ରିଆକ୍ଟର ତିଆରି କରିବା ପାଇଁ ଜାପାନ ଆଇନ ପ୍ରଣୟନ କଲା। ଏକଦା ଜାପାନର ଜାତୀୟ ବିଜୁଳି ଉତ୍ପାଦନର ୩୦ ପ୍ରତିଶତ ପରମାଣୁ ଶକ୍ତିରୁ ଆସୁଥିଲା। ସେହିପରି ବର୍ତ୍ତମାନ ଆମେରିକାରେ ୨୦ ପ୍ରତିଶତ, କାନାଡା ୧୫ ପ୍ରତିଶତ, ବେଲଜିୟମ ୪୮ ପ୍ରତିଶତ, ଫିନଲାଣ୍ଡ ୩୫ ପ୍ରତିଶତ, ଫ୍ରାନ୍ସ ୭୧ ପ୍ରତିଶତ, ଜର୍ମାନୀ ୧୨.୫ ପ୍ରତିଶତ, ସୁଇଜରଲାଣ୍ଡ ୨୪ ପ୍ରତିଶତ, ବୁଲଗେରିଆ ୩୮ ପ୍ରତିଶତ, ରୁଷିଆ ୨୦ ପ୍ରତିଶତ, ଦକ୍ଷିଣ କୋରିଆ ୨୬ ପ୍ରତିଶତ ଓ ଭାରତରେ ୩ ପ୍ରତିଶତ ବିଜୁଳି ଶକ୍ତି ପରମାଣୁ ରିଆକ୍ଟରରୁ ଆସିଥାଏ।

ସୂଚନାଯୋଗ୍ୟ ଯେ, ଭାରତରେ ପ୍ରଥମ ପରମାଣୁ ରିଆକ୍ଟର ମହାରାଷ୍ଟ୍ରର ତାରାପୁର ଠାରେ ୧୯୬୩ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଏହି ରିଆକ୍ଟର ୧୬୦ ମେଗାୱାଟ ବିଜୁଳି ଶକ୍ତି ଉତ୍ପାଦନ କରେ, ଯାହା ଏପର୍ଯ୍ୟନ୍ତ ସଫଳତାର ସହ ଚାଲିଛି। ବର୍ତ୍ତମାନ ଆମ ଦେଶରେ ୨୨ଟି ପରମାଣୁ ରିଆକ୍ଟର ବିଭିନ୍ନ ସ୍ଥାନରେ ଅଛି; ଯୋଉଠୁ ୬୭୮୦ ମେଗାୱାଟ ବିଜୁଳି ଉତ୍ପାଦନ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ପରମାଣୁ ବିଜୁଳି ପାରମ୍ପରିକ ତାପଜ ବିଦ୍ୟୁତ ଅପେକ୍ଷା ଶସ୍ତା ଓ ପ୍ରଦୂଷଣମୁକ୍ତ। ଯେହେତୁ ପରମାଣୁ ରିଆକ୍ଟରରେ ଇନ୍ଧନ ରୂପେ ୟୁରାନିୟମ ବ୍ୟବହାର କରାଯାଏ, ଏଥିରୁ ଧୂଆଁ କିମ୍ବା ପାଉଁଶ ବାହାରି ନ ଥାଏ। ତେଣୁ ଏହା ଏକ ପ୍ରଦୂଷଣ ମୁକ୍ତ ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଜୁଳି ଶକ୍ତି ଦେଇପାରୁଥିବା ଅଣପାରମ୍ପରିକ ଶକ୍ତି ଉତ୍ସ ଭାବେ ବିଶ୍ୱରେ ଆଦୃତି ଲାଭ କରିଛି। ଭାରତର ପରମାଣୁ ରିଆକ୍ଟରଗୁଡିକ ନିରବଚ୍ଛିନ୍ନ ଭାବରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲି ବିଶ୍ୱ ରେକର୍ଡ ମଧ୍ୟ କରିଛି। ଉନ୍ନତ ମାନର ଅତ୍ୟାଧୁନିକ ଜ୍ଞାନ କୌଶଳରେ ପରମାଣୁ ରିଆକ୍ଟର ତିଆରି କରିବାରେ ଭାରତ ବିଶ୍ୱରେ ଅଗ୍ରଣୀ ରାଷ୍ଟ୍ର ଭାବରେ ପରିଣତ ହେଇଛି। ଖାଲି ସେତିକି ନୁହେଁ ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବିନିଯୋଗ ଆହୁରି ଅନେକ କ୍ଷେତ୍ରରେ କାୟା ବିସ୍ତାର କରିବାରେ ଲାଗିଛି।

ଦୁରାରୋଗ କର୍କଟ ପରି ଅସାଧ୍ୟ ରୋଗର ଚିକିତ୍ସା ଏହି ଆଣବିକ ଶକ୍ତି ଦ୍ୱାରା କରାଯାଇଥାଏ। ଶକ୍ତିଶାଳୀ ବିକିରଣ ଦେଉଥିବା ରେଡିଓ ଆଇସୋଟୋପ ବ୍ୟବହାର କରି କେମୋଥେରାପି ଦ୍ୱାରା କ୍ୟାନସର ରୋଗର ଚିକିତ୍ସା ଏକମାତ୍ର ସଫଳ ଓ ଲୋକାଦୃତ ଉପାୟ ଭାବରେ ଚିକିତ୍ସା କ୍ଷେତ୍ରରେ ପରିଚିତ। ଏ ଦିଗରେ ଆମ ଦେଶର ଅଗ୍ରଣୀ ଗବେଷଣା ସଂସ୍ଥା ଭାଭା ପରମାଣୁ ଗବେଷଣା କେନ୍ଦ୍ରରେ ଏ ବିଷୟରେ ଗଭୀର ଅଧ୍ୟୟନ କରାଯାଇ ୨୬ ପ୍ରକାରର ବିଭିନ୍ନ ଉନ୍ନତଧରଣର ବୀଜ ପ୍ରସ୍ତୁତ କରାଯାଇଛି। ତାହା ମଧ୍ୟରେ ଚିନା ବାଦାମ, ସୋରିଷ, ଧାନ, ବିନ ଛୁଇଁ, କପା ଇତ୍ୟାଦି। ଏହା ଏବେ ବହୁଳ ଭାବରେ ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶର ଚାଷୀମାନେ ବ୍ୟବହାର କରୁଛନ୍ତି। ଉଦାହରଣ ସ୍ୱରୂପ TG- 37A , TG-38 କିସମର ଉନ୍ନତ ମାନର ଚିନାବାଦାମ, ଯାହା ଭାଭା ପରମାଣୁ କେନ୍ଦ୍ରରେ ବିକଶିତ ହୋଇଛି ବହୁଳ ପରିମାଣରେ ଓଡ଼ିଶାର ଚାଷୀମାନଙ୍କ ମଧ୍ୟରେ ଲୋକପ୍ରିୟ। ତେଜସ୍କ୍ରିୟ ଆଇସୋଟୋପକୁ ମାଟିରେ ସାର ସହିତ ପ୍ରୟୋଗ କରି ଓ ଫସଲ ଭିତରେ ରାସାୟନ ସାର କେତେଦୂର କାର୍ଯ୍ୟକ୍ଷମ ତାହା କଳନା କରାଯାଇପାରୁଛି। ଏଥିପାଇଁ ଫସଫରସ ସହ P-32 ଓ ସଲଫର ସହିତ S-35 ତେଜସ୍କ୍ରିୟ ଆଇସୋଟୋପ ବ୍ୟବହାର କରାଯାଇ ଥାଏ। ସେହିପରି ପେଷ୍ଟିସାଇଡ଼ରେ ଆଇସଟୋପ ବ୍ୟବହାର କରି ଏହାର ସାଇଡ୍ ଇଫେକ୍ଟ ବିଷୟରେ ଜାଣି ହୁଏ। ଫଳରେ ଚାଷୀମାନେ କୋଉ ରାସାୟନିକ କେତେ ବ୍ୟବହାର କରିବେ ତା'ର ଠିକ ଅନୁମାନ ମିଳିଯାଏ। କୋଉ କୀଟନାଶକ ବ୍ୟବହାର ଅନୁପଯୋଗୀ ତାହା ମଧ୍ୟ ଚାଷୀ ଭାଇ ଜାଣିପାରନ୍ତି। ଫସଲ ଉତ୍ପାଦନ ପରେ ତାକୁ ପୋକ ଦାଉରୁ ରକ୍ଷା କରି ଅଧିକ ଦିନ ପର୍ଯ୍ୟନ୍ତ ସାଇତି ରଖିବାରେ ମଧ୍ୟ ଆଣବିକ ଶକ୍ତିର ପ୍ରୟୋଗ ହେଉଛି। ଅତି ଶକ୍ତିଶାଳୀ ବିକିରଣ ଦେଉଥିବା ରେଡିଓ ଆଇସୋଟୋପ ଗୁଡିକ ଦ୍ୱାରା ଖାଦ୍ୟ ଶସ୍ୟକୁ ଅନେକ ଦିନ ନିରାପଦ ଭାବରେ ସାଇତି ରଖା ଯାଇପାରୁଛି। ଏପରି ଖାଦ୍ୟ ଶସ୍ୟ ସଂରକ୍ଷଣ କେନ୍ଦ୍ର ଆମ ଦେଶରେ ନାଶିକ, ମୁମ୍ବାଇ ଓ ଅନ୍ୟ ଜାଗାରେ ପ୍ରତିଷ୍ଠା କରାଯାଇଛି।

ତେବେ ଆମ ରାଜ୍ୟର ଉପକୂଳ ଅଞ୍ଚଳରେ ପରମାଣୁ ରିଆକ୍ଟର ବସାଇବା ପାଇଁ ପ୍ରାରମ୍ଭିକ ସର୍ଭେ କିଛି ବର୍ଷ ପୂର୍ବେ ହୋଇଥିଲା। ଓଡିଶାର ସମୁଦ୍ର ଉପକୂଳ ବାଲିରେ ଅତି ଦରକାରୀ ଥୋରିୟମ ପ୍ରଚୁର ପରିମାଣରେ ଅଛି। ଏହି ଥୋରିୟମ ଭବିଷ୍ୟତର ପରମାଣୁ ରିଆକ୍ଟର ପାଇଁ ଇନ୍ଧନ ହେବ ଓ ଭାରତର ଶକ୍ତି ଆବଶ୍ୟକତାକୁ ବହୁ ପରିମାଣରେ ପୂର୍ଣ୍ଣ କରିବ। ହିରୋସୀମା ଓ ନାଗାସାକି ନିଶ୍ଚୟ ମାନବ ଇତିହାସର ଏକ କଳା ଅଧ୍ୟାୟ। ତେବେ ତାକୁ ଭୁଲି ମଣିଷ ପରମାଣୁ ଶକ୍ତିକୁ ଶାନ୍ତିପୂର୍ଣ୍ଣ ବିନିଯୋଗ କରି ସମଗ୍ର ମାନବ ଜାତିର କଲ୍ୟାଣ କରୁଛି ଏଥିରେ ସନ୍ଦେହ ନାହିଁ।

ବୈଜ୍ଞାନିକ, ଭାଭା ପରମାଣୁ ଗବେଷଣା କେନ୍ଦ୍ର, ଯାଦୁଗୁଡା, ପୂର୍ବ ସିଂହଭୂମ, ଝାଡ଼ଖଣ୍ଡ
ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

'ଡାକ୍ତର ହିଁ ଦ୍ୱିତୀୟ ଈଶ୍ୱର', ଏହାକୁ ପ୍ରତିପାଦନ କରିଛନ୍ତି ପୁଣେର ଡା.ମନୋହର ଡୋଲେ। ସେ ଦୀର୍ଘ ୩୮ ବର୍ଷ ମଧ୍ୟରେ ୧.୫ ଲକ୍ଷ ଆଦିବାସୀଙ୍କୁ ମାଗଣାରେ ଚକ୍ଷୁ ଚିକିତ୍ସା କରିଛନ୍ତି। ତାଙ୍କୁ ଏବେ ବୟସ ୯୩। ୧୯୬୨ରେ ସେ ଆୟୁର୍ବେଦରେ ଡିଗ୍ରୀ ହାସଲ କରି ୧୯୭୭ ଯାଏ ନାରାୟଣଗାଁଓରେ ଗରିବମାନଙ୍କ ସେବାରେ ଲାଗି ଯାଇଥିଲେ। ପରେ ୧୯୮୨ରେ ସେ ନାସିକ–ପୁଣେ ରାଜପଥ କଡ଼ରେ ୨୦ଟି ଶଯ୍ୟା ଓ ଗୋଟିଏ ଅପରେସନ ରୁମ୍‌କୁ ନେଇ ଏକ କ୍ଲିନିକ ଖୋଲି ଚକ୍ଷୁ ଚିକିତ୍ସା ଆରମ୍ଭ କରିଥିଲେ। ସେତେବେଳେ ଆଖିରେ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀଙ୍କୁ ପୁଣେ ପଠାଉଥିଲେ। ତାଙ୍କର ଘନିଷ୍ଠ ବନ୍ଧୁ ତଥା ସମାଜସେବୀ ମୋହନ ଥୁସେଙ୍କ ପରଲୋକ ହେବା ପରେ ଏହି କ୍ଲିନିକ୍‌ର ନାମ ରଖିଥିଲେ ମୋହନ ଥୁସେ ଆଇ ହସ୍ପିଟାଲ। ୨୦୦୨ରେ ଏଥିରେ ୧୦୦ଟି ଶଯ୍ୟାର ବ୍ୟବସ୍ଥା କରିବା ସହ ଅତ୍ୟାଧୁନିକ ଚିକିତ୍ସା ଉପକରଣ ରଖିଛନ୍ତି। ପୁଣେରୁ ଚକ୍ଷୁ ବିଶେଷଜ୍ଞମାନେ ମେଡିକାଲକୁ ଆସି ମାଗଣାରେ ଚିକିତ୍ସା କରୁଛନ୍ତି। ମାସକୁ ପାଖାପାଖି ୪୦୦ ରୋଗୀଙ୍କୁ ଏଠାରେ ଚିକିତ୍ସା କରାଯାଉଛି। ନାସିକ, ଥାନେ, ଅହମ୍ମଦାନଗର ଏବଂ ପୁଣେର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଆସୁଥିବା ଏହି ରୋଗୀମାନଙ୍କୁ ବିଭିନ୍ନ ଗାଁରେ ଛାଡିବା ଲାଗି ୯ ଟି ବସ୍‌ର ବ୍ୟବସ୍ଥା କରାଯାଇଛି। ସପ୍ତାହାନ୍ତରେ ବିଭିନ୍ନ ଆଦିବାସୀ ଗାଁରେ କ୍ୟାମ୍ପ୍ ମଧ୍ୟ ଆୟୋଜନ କରାଯାଉଛି। ଗୁରୁତର ରୋଗୀମାନଙ୍କର ରହିବା ଖାଇବା ସହ ସବୁ ଖର୍ଚ୍ଚ ଅନୁଦାନରେ ହିଁ ଚାଲିଛି। ଏହି ସେବା ଡ.ମନୋହର ଡୋଲେ ମେଡିକାଲ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ହେଉଛି।

## ଚିରନ୍ତନୀ

ଅନ୍ତରେ କେତେ କାରଣ ବିହୀନ
ବାସନା
ଦେଲା ଲେଖି
ଅର୍ଥବିହୀନ କେତେ ସୁଖ କେତେ
ଯାତନା
ହେଲା ସେ କି।
–(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | B | 0 | | | | | | | 2 | | 7 | | | |
| | | | | A | | | 9 | 8 | | | | 4 | | 3 |
| | | 6 | | | | | | 4 | | | | B | 0 | |
| 5 | 2 | | | | | 7 | 6 | | | B | | | | |
| | 1 | | | | | | 3 | 5 | 4 | | | | 7 | |
| E | | | | 0 | | 4 | | | | | B | 2 | C | 5 |
| | 7 | B | | | E | | | | | | | | 4 | 9 |
| | | | | | B | 1 | 7 | 9 | | 0 | | | E | |
| | 5 | | | | | | A | | 6 | C | E | 3 | B | |
| | | 9 | A | | 3 | | | | | 8 | D | 0 | | |
| | | | | | A | | | 6 | 0 | 3 | | E | | 4 |
| | 3 | | | | 1 | | | A | C | | | | | |
| | E | | 2 | B | | | | | | 4 | 1 | A | | |
| 1 | | | | | | D | C | | | | 2 | 5 | 3 | |
| | 9 | | | | | | | 2 | | | | C | D | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 0 | A | 2 | 8 | 6 | 9 | 3 | 1 | C | E | D | B | 7 | 4 |
| E | 7 | 9 | 4 | B | A | 2 | 0 | 8 | 5 | 1 | 6 | C | D | 3 |
| 8 | 6 | 3 | 7 | D | 0 | E | A | C | 2 | 4 | B | 9 | 5 | 1 |
| C | B | 2 | 1 | 5 | 9 | 4 | 6 | D | 7 | 8 | 3 | 0 | A | E |
| 4 | 1 | D | C | E | 3 | 7 | 5 | B | 9 | A | 0 | 8 | 2 | 6 |
| 6 | 3 | 5 | B | 9 | 4 | A | 1 | 0 | 8 | D | C | 7 | E | 2 |
| D | 8 | 0 | E | 6 | 2 | 5 | 7 | 4 | A | 9 | 1 | 3 | B | C |
| 7 | E | C | 8 | A | D | 6 | 2 | 9 | 3 | B | 5 | 4 | 1 | 0 |
| B | 2 | 1 | 3 | 7 | 5 | 8 | C | E | 6 | 0 | 4 | D | 9 | A |
| A | 9 | 4 | 0 | C | 1 | D | B | 3 | E | 2 | 7 | 5 | 6 | 8 |
| 3 | 4 | 6 | D | 1 | C | B | 9 | A | 0 | 7 | E | 2 | 8 | 5 |
| 9 | A | B | 5 | 4 | E | C | 8 | 7 | 1 | 3 | 2 | 6 | 0 | D |
| 1 | 5 | E | 6 | 0 | 8 | 3 | D | 2 | B | C | 9 | A | 4 | 7 |
| 0 | C | 8 | 9 | 2 | 7 | 1 | 4 | 6 | D | 5 | A | E | 3 | B |
| 2 | D | 7 | A | 3 | B | 0 | E | 5 | 4 | 6 | 8 | 1 | C | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଜମି ଜବରଦଖଲ

ମହାଶୟ,

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲର ଖାତା ନଂ:୨୩୩ର ୫ଟି ପ୍ଲଟ୍ ସମୁଦାୟ ଏ ୦.୪୫ ଡେସିମିଲ ଜମିକୁ ଜଣେ ବ୍ୟକ୍ତି ନିକଟରେ କ୍ରୟ କରଛନ୍ତି। ମାତ୍ର ଏ୦.୩୯ ଡେସିମିଲ ଘରବାରୀ ଜମି ସହିତ ସରକାରୀ ଜମିକୁ ବେଆଇନ ଦଖଲ କରିବାକୁ ଉଦ୍ୟମ କରି ଗୋଟିଏ ପ୍ଲଟ୍‌ର କିଛି ଅଂଶରେ ସେ ଗୃହ ସଂପ୍ରସାରଣ କରିଛନ୍ତି। ଅବଶିଷ୍ଟ ଜାଗାରେ ମୋରମ, ବାଲି, ପାଉଁଶ ଜମା କରି ଆବଦ୍ଧ କରିଛନ୍ତି। ତହସିଲଦାର ଓ ଉପଜିଲାପାଳ ଉକ୍ତ ସ୍ଥାନକୁ ପରିଦର୍ଶନ କରିଥିଲେ। ଦଖଲ ହଟାଇବାକୁ ଉପ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହ ୫୩ନଂ ରାଜପଥ ଦ୍ୱାରା ବିସ୍ଥାପିତ ଖଇରାମୁଣ୍ଡା ଉ.ପ୍ରା ସ୍କୁଲ ପାଇଁ ସ୍ଥାନ ସଂରକ୍ଷିତ ରଖିବାକୁ କହିଥିଲେ। କିନ୍ତୁ ଦଖଲ ହଟାଇବା ପାଇଁ ସମୟ ଗଡାଯାଉଛି। ଫଳରେ ଜବରଦଖଲକାରୀ ଅର୍ଥବଳ, ବାହୁବଳ, ପହଞ୍ଚର ପ୍ରୟୋଗ କରି ବାଧା ସୃଷ୍ଟି କରୁଛନ୍ତି। ବିସ୍ଥାପିତ ସ୍କୁଲକୁ ଏନ୍ ଏଚ୍ ୫୩ ଭାଙ୍ଗି ଥିବାରୁ ଗ୍ରାମର ଓ ନିକଟସ୍ଥ ଅନ୍ୟ ଗ୍ରାମର ପିଲାମାନଙ୍କ ପାଠପଢାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଉକ୍ତ ସରକାରୀ ଜାଗାରେ ଯଥାଶୀଘ୍ର ସ୍କୁଲ ଗୃହ ନିର୍ମାଣ କରାଯାଉ।

ଗିରିଧାରୀ ସ୍ୱାଇଁ, ଖଇରାମୁଣ୍ଡା, ପିଢିରି, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୮% ଖସିଲା ଶିଳ୍ପକ୍ଷେତ୍ର ଉତ୍ପାଦନ



ନୂଆଦିଲ୍ଲୀ,୧୨।୧୦

କରୋନା ମହାମାରୀର ପ୍ରଭାବ ବଜାର ଉପରୁ ବର୍ତ୍ତମାନ ସମ୍ପୂର୍ଣ୍ଣ ହ୍ରାସ ପାଇନାହିଁ। ଏହାର ପ୍ରଭାବରେ ଅଗଷ୍ଟ ମାସରେ ଦେଶର ଶିଳ୍ପ କ୍ଷେତ୍ର ଉତ୍ପାଦନ ୮% ହ୍ରାସ ହୋଇଥିବା ନଜରକୁ ଆସିଛି। ମାନୁଫାକଚରିଂ, ଖଣି ଏବଂ ଶକ୍ତି ଉତ୍ପାଦନ ଭଳି କ୍ଷେତ୍ରରେ ଉତ୍ପାଦନ ଖସିବା ଯୋଗୁ ଏଭଳି ସ୍ଥିତି ନଜରକୁ ଆସିଛି। ସୋମବାର ସରକାର ଜାରି କରିଥିବା ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ଡାଟା ମୁତାବକ, ମାନୁଫାକଚରିଂ କ୍ଷେତ୍ର ଉତ୍ପାଦନ ୮.୬% ହ୍ରାସ ହୋଇଛି। ସେହିଭଳି ଖଣି ଏବଂ ଶକ୍ତି କ୍ଷେତ୍ର ଉତ୍ପାଦନ ଯଥାକ୍ରମେ ୯.୮% ଏବଂ ୧.୮% ଖସିଛି। ୨୦୧୯ ଅଗଷ୍ଟରେ ଆଇଆଇପି ୧.୪% ହ୍ରାସ ହୋଇଥିଲା। ବର୍ତ୍ତମାନ କରୋନା ପାଇଁ ବଜାର ସ୍ଥିତି ଭଲ ନ ଥିବା ବେଳେ ଅଗଷ୍ଟ ଆଇଆଇପି ଡାଟାକୁ ଗତ ବର୍ଷ ସମାନ ସମୟ ଡାଟା ସହ ତୁଳନା କରିବା ଠିକ୍ ନୁହେଁ ବୋଲି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ କରୋନା କଟକଣା ଧୀରେ ଧୀରେ କୋହଳ କରାଯାଉଛି। ଫଳରେ ବଜାରରେ ସୁଧାର ଆସୁଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

## ୭.୩୪% ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୨।୧୦- ସେପ୍ଟେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୭.୩୪% ସ୍ତରରେ ରହିଛି। ଖାଦ୍ୟ ସାମଗ୍ରୀ ଦର ଉର୍ଦ୍ଧ୍ୱରେ ରହିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ସରକାର ପ୍ରଦାନ କରିଥିବା ଡାଟା ମୁତାବକ ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟରେ ୬.୬୯% ସ୍ତରରେ ରହିଥିଲା। ସେହିଭଳି ଗତ ବର୍ଷ ସେପ୍ଟେମ୍ବରରେ ଏହା ୩.୯୯% ସ୍ତରରେ ରହିଥିଲା। ସେପ୍ଟେମ୍ବର ମାସରେ ଫୁଡ୍ ବାସ୍କେଟରେ ମୂଲ୍ୟ ବୃଦ୍ଧି ୧୦.୬୮% ରହିଛି। ଏହା ଅଗଷ୍ଟରେ ୯.୦୫% ସ୍ତରରେ ରହିଥିଲା ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ଡାଟାରୁ ସାମ୍ନାକୁ ଆସିଛି। ରେପୋ ରେଟ୍ ନିର୍ଦ୍ଧାରଣ କରିବା ବେଳେ ରିଜର୍ଭ ବ୍ୟାଙ୍କ ଖୁଚୁରା ମୁଦ୍ରାସ୍ଫୀତିକୁ ଧ୍ୟାନରେ ରଖିଥାଏ।

## ଉନ୍ନତ କାରବାର ଆଶାରେ ବ୍ୟବସାୟୀ

**ଅର୍ଥମନ୍ତ୍ରୀଙ୍କ ଘୋଷଣା ଉତ୍ସାହ ଭରିଛି**

ନୂଆଦିଲ୍ଲୀ,୧୨।୧୦– ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କେନ୍ଦ୍ର କର୍ମଚାରୀଙ୍କ ଲାଗି ସୋମବାର ପ୍ୟାକେଜ ଘୋଷଣା କରିଛନ୍ତି। ଏହା ବ୍ୟବସାୟୀଙ୍କ ମନରେ ଉତ୍ସାହ ଭରିଥିବା ଜଣାପଡିଛି। ପାର୍ବଣରେ ଉନ୍ନତ କାରବାର ହେବା ନେଇ ବ୍ୟବସାୟୀମାନେ ଆଶା ରଖିଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପ ଯୋଗୁ ସରକାରୀ କର୍ମଚାରୀଙ୍କ କ୍ରୟ ଶକ୍ତି ବଢିବ ବୋଲି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପକ୍ଷରୁ କୁହାଯାଇଛି। ସେହିଭଳି ଘରୋଇ ବଜାରର ଚାହିଦା ବଢାଇବାରେ ଏହା ସହାୟକ ହେବ ବୋଲି ସଂଘ ଆଶାବାଦୀ ଥିବା କହିଛି। ବର୍ତ୍ତମାନ ସାରା ଦେଶରେ ବ୍ୟବସାୟ ସ୍ଥିତି ବିଗିଡିଛି। ସରକାରଙ୍କ ଘୋଷଣା ଦ୍ୱାରା ଘରୋଇ ଉପକରଣ, ବିଜୁଳି ଏବଂ ଇଲେକ୍ଟ୍ରୋନିକ୍ସ ଉପକରଣ, କିଚେନ ଆପ୍ଲାଏନ୍ସ, ଏଫ୍ଏମ୍‌ସିଜି ପ୍ରଡକ୍ଟ, ଉପଭୋକ୍ତା ସାମଗ୍ରୀ, ଆପାରେଲ, ମୋବାଇଲ, ଜୋତା ଏବଂ ଉପହାର ସାମଗ୍ରୀ ଭଳି ଅନ୍ୟ ବର୍ଗର ସାମଗ୍ରୀ ଭଲ ବିକ୍ରି ହେବ ବୋଲି ଆଶା କରାଯାଉଛି।

## ଜେଇଇରେ ରେଜୋନାନ୍ସ ରାଉରକେଲା ଛାତ୍ରଙ୍କୁ ସଫଳତା



ଭୁବନେଶ୍ୱର,୧୨।୧୦

ଜେଇଇ ୨୦୨୦ରେ ରେଜୋନାନ୍ସ, ରାଉରକେଲା କେନ୍ଦ୍ରର ଛାତ୍ର ସମର୍ଥ ଅଗ୍ରୱାଲଙ୍କୁ ସଫଳତା ମିଳିଛି। ସେ ଓଡ଼ିଶା ତଥା ଖଡଗପୁର ଜୋନରେ ୨୫ତମ ର୍ୟାଙ୍କ ରଖି ସର୍ବପ୍ରଥମ ସ୍ଥାନରେ ରହିଛନ୍ତି। ଏହି ସଫଳତା ରିଜୋନାନ୍ସ ଲାଗି ଏକ ଗୌରବର ବିଷୟ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସମର୍ଥ ଅନୁଷ୍ଠାନର ୨ ବର୍ଷିଆ କ୍ଲାସ୍‌ରୁମ୍ କାର୍ଯ୍ୟକ୍ରମର ଛାତ୍ର ରହିଥିଲେ। ସେହିଭଳି ଅନୁଷ୍ଠାନର ଛାତ୍ର ସଂକଳ୍ପ ପରାଶର ୨୯ତମ ର୍ୟାଙ୍କରେ ରହି ଖଡଗପୁର ଜୋନରେ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ରେଜୋନାନ୍ସ କୋଟା ମୁଖ୍ୟ କାର୍ଯ୍ୟାଳୟର ପ୍ରବନ୍ଧନ ନିର୍ଦ୍ଦେଶକ ଆର୍.କେ. ବର୍ମା କହିଛନ୍ତି ଯେ, ଜେଇଇ ଆଡଭାନ୍ସରେ ସମର୍ଥ ଅଗ୍ରୱାଲ ଏବଂ ସଂକଳ୍ପ ପରାଶର ସମଗ୍ର ଖଡଗପୁର ଜୋନରେ କୃତିତ୍ୱ ହାସଲ କରିଥିବାରୁ ଅନୁଷ୍ଠାନ ପାଇଁ ଗୌରବର ବିଷୟ। ସଫଳ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ ରିଜୋନାନ୍ସ ଭୁବନେଶ୍ୱରର ମୁଖ୍ୟ ଆଲୋକ ସାକ୍ସେନା କହିଛନ୍ତି ଯେ, ରିଜୋନାନ୍ସ, ଭୁବନେଶ୍ୱରର ଫଳାଫଳ ବେଶ୍ ଉନ୍ନତ ରହି ଆସିଛି।

## ହ୍ୟୁଣ୍ଡାଇ ପକ୍ଷରୁ ସ୍ପେଶାଲ କ୍ୟାମ୍ପ

ଭୁବନେଶ୍ୱର,୧୨।୧୦

**ଆଦିତ୍ୟ ହ୍ୟୁଣ୍ଡାଇରେ ପାର୍ବଣ ସେଲିବ୍ରେଶନ**

ହ୍ୟୁଣ୍ଡାଇ ପକ୍ଷରୁ ପାର୍ବଣରେ ସ୍ପେଶାଲ କ୍ୟାମ୍ପ ଆୟୋଜନ କରାଯାଉଛି। ଏହା ଚଳିତ ମାସ ୧୪ରୁ ଆରମ୍ଭ ହୋଇ ୨୨ ତାରିଖ ଯାଏ ଚାଲିବ। ଏହି ଅବସରରେ କମ୍ପାନୀ ଆକର୍ଷଣୀୟ ସର୍ଭିସ ଅଫର ପ୍ରଦାନ କରୁଛି। ନବରାତ୍ରିକୁ ୯ ସ୍ୱତନ୍ତ୍ର ସର୍ଭିସ ଅଫର ଦ୍ୱାରା କମ୍ପାନୀ ସେଲିବ୍ରେଟ କରୁଛି। ଆଦିତ୍ୟ ହ୍ୟୁଣ୍ଡାଇ ଶୋ'ରୁମ୍ ପକ୍ଷରୁ ଚଳିତ ବର୍ଷର ପାର୍ବଣ ସେଲିବ୍ରେଶନ କରାଯାଉଛି। ଏହି ଅବସରରେ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ ହେଉଛି। ହ୍ୟୁଣ୍ଡାଇର 'ନବରାତ୍ରି କାର କେୟାର କ୍ୟାମ୍ପ'ରେ ଗ୍ରାହକଙ୍କୁ ବିଭିନ୍ନ ସୁବିଧା ଦିଆଯାଉଛି। ପିରିୟଡିକ ସର୍ଭିସ ଏବଂ ରନିଂ ରିପେୟାର କ୍ଷେତ୍ରରେ ମେକାନିକାଲ ଲେବର ଉପରେ ୧୫% ରିହାତି ମିଳିବ। ୫ ବର୍ଷର କାର ରନିଂ ରିପେୟାର କ୍ଷେତ୍ରର ୫% ମେକାନିକାଲ ଲେବର ଡିସ୍କାଉଣ୍ଟ, ଇଣ୍ଟେରିୟର କ୍ଲିନିଂରେ ୨୦% ରିହାତି, ଯାନର ବାହ୍ୟ ସୌନ୍ଦର୍ଯ୍ୟକରଣ ଉପରେ ୨୦% ରିହାତି, ଆଣ୍ଟି ରଷ୍ଟ କ୍ଷେତ୍ରରେ ୨୦%, ବଡି ପ୍ରିଣ୍ଟରେ ୨୦%, ହ୍ୱିଲ ଆଲାଇନ ଏବଂ ହ୍ୱିଲ ବାଲାନ୍ସିଂ ଉପରେ ୧୦% ରିହାତି, ;ଏଣ୍ଟ ଚେକ୍ ଅପ୍ ଏବଂ ଟାୟାର ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଥିବା ସୂଚନା ରହିଛି।




## ଇପିଏମ୍ ରେଟ୍ କଣ୍ଟ୍ରାକ୍ଟ ଉଚ୍ଛେଦ ନ ହେଉ: ଓଇଆ

ଭୁବନେଶ୍ୱର,୧୨।୧୦: କୋଭିଡ୍-୧୯ ମହାମାରୀ ବେଳେ ଇପିଏମ୍ ରେଟ୍ କଣ୍ଟ୍ରାକ୍ଟ ଉଚ୍ଛେଦ ଯୋଜନା ରାଜ୍ୟର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଲାଗି ଶକ୍ତ ଧକ୍କା ବୋଲି ଶିଳ୍ପ ସଂଘ ଓଡ଼ିଶା ୟଙ୍ଗ୍ ଏଣ୍ଟରପ୍ରିନିୟର୍ସ ଆସୋସିଏଶନ(ଓଇଆ) ପକ୍ଷରୁ କୁହାଯାଇଛି। ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଓଜିଏଫଆର୍-୨୦ ଡ୍ରାଫ୍ଟକୁ ସମସ୍ତ ବିଭାଗକୁ ମତାମତ ଦେବା ଲାଗି ବର୍ତ୍ତମାନ ପଠାଯାଇଛି। ପୂର୍ବରୁ ଏ ସମ୍ପର୍କିତ ପ୍ରସଙ୍ଗ ଉପରେ ଶିଳ୍ପ ସଂଘଗୁଡିକର ମତାମତ ଲୋଡାଯାଉଥିଲା। କିନ୍ତୁ ଚଳିତ ଥର ଶିଳ୍ପ ସଂଘଗୁଡିକୁ ଏଥିରେ ସାମିଲ କରାଯାଇନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି। ଇପିଏମ୍ ରେଟ୍ କଣ୍ଟ୍ରାକ୍ଟକୁ ଉଚ୍ଛେଦ କରିବା ଲାଗି କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଛି। ଏହି ଖବର ଉଦ୍ୟୋଗୀଙ୍କ ମଧ୍ୟରେ ଭୟ ଏବଂ ନୈରାଶ୍ୟ ସୃଷ୍ଟି କରିଥିବା ସଂଘ କହିଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ଇପିଏମ୍ ନିର୍ଦ୍ଦେଶାଳୟରେ କୌଣସି ଶିଳ୍ପକୁ ରେଟ୍ କଣ୍ଟ୍ରାକ୍ଟ ନବୀକରଣ, ରେଜିଷ୍ଟ୍ରେଶନ, ରେଟ୍ କଣ୍ଟ୍ରାକ୍ଟ ସମୟସୀମା ବୃଦ୍ଧି ପାଇଁ ମନା କରାଯାଉଛି। ଫଳରେ ଇପିଏମ୍ ରେଟ୍ କଣ୍ଟ୍ରାକ୍ଟ ଉପରେ ନିର୍ଭର କରୁଥିବା ପ୍ରାୟ ୭୫% ଏମ୍ଏସ୍ଏମ୍ଇ ଅସ୍ତିତ୍ୱ ଉପରେ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଦ୍ୱାରା କର୍ମଚାରୀ ଛଟେଇ, ରାଜ୍ୟ ସରକାରଙ୍କୁ ଟିକସ ହ୍ରାସ ଭଳି ସ୍ଥିତି ଉପୁଜିବ। ବର୍ତ୍ତମାନ ଶିଳ୍ପ ପ୍ରଭାବିତ ଥିବା ବେଳେ ସରକାରଙ୍କ ଏଭଳି ନୀତିକ୍ଷୁଦ୍ର ଶିଳ୍ପ ଲାଗି ଚଡକ ସଦୃଶ ହୋଇଛି। ରେଟ୍ କଣ୍ଟ୍ରାକ୍ଟ ବ୍ୟବସ୍ଥାକୁ ବଳବତ୍ତର ରଖିବା ସହ ଏ କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।

## ଭାରତ ପ୍ରବେଶ ନେଇ ଟେସ୍‌ଲାର ଯୋଜନା

ନୂଆଦିଲ୍ଲୀ,୧୨।୧୦: ଇଲେକ୍ଟ୍ରିକ କାର ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ଭାରତ ବଜାରରେ ପ୍ରବେଶ କରିବା ଲାଗି ଯୋଜନା ରଖିଛି। କମ୍ପାନୀର ସିଇଓ ଏଲନ ମସ୍କ ଏ ସମ୍ପର୍କରେ ସୋମବାର ସ୍ପଷ୍ଟ କରିଛନ୍ତି। ଭାରତ ପ୍ରବେଶ ଯୋଜନା ୨୦୨୧ରୁ ଆରମ୍ଭ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଭାରତରେ ପ୍ରବେଶ କରିବା ନେଇ କମ୍ପାନୀ ପ୍ରସ୍ତୁତ ବୋଲି ଗତ ସପ୍ତାହରେ ସେ ମତ ପ୍ରକାଶ କରିଛନ୍ତି। ଏହି ଯୋଜନାକୁ ଚୂଡ଼ାନ୍ତ ରୂପ ପ୍ରଦାନ କରିବା ଲାଗି କମ୍ପାନୀର ସେଲ୍ସ ଟିମ୍ ବର୍ତ୍ତମାନ କାର୍ଯ୍ୟକ୍ରମ ଜାରି ରଖିଛି। ଭାରତ ବଜାରରେ ଟେସ୍‌ଲାର ପ୍ରବେଶ ନେଇ କମ୍ପାନୀ ବିଭିନ୍ନ ପ୍ରୟାସ କରିଆସିଛି। ହେଲେ ଘରୋଇ ବଜାରର ଅନୁକୂଳ ସ୍ଥିତିକୁ ଏହା ଅପେକ୍ଷା କରିଥିବା କୁହାଯାଏ। ଏପଟେ ଟେସ୍‌ଲାର ଭାରତ ପ୍ରବେଶକୁ ଅନେକ ଧ୍ୟାନ ଅନାଇ ବସିଛନ୍ତି।

**ODISHA PUBLIC SERVICE COMMISSION**
19, Dr. P.K. Parija Road, Cuttack - 1
**NOTICE**
**No. 5290/PSC** **Dt.12.10.20**
No. D-78: It is for information of all concerned that, as per the provisions laid down at Para - 6 of the advertisement No. 18 of 2019-20, the Commission have shortlisted the eligible candidates for certificate/document verification for recruitment to the Post of Lecturer in the discipline of **Geography** in Group-A of Odisha Education Service (College Branch), Pursuant to Advt. No. 18 of 2019-20. Hence, the candidates are advised to visit the website of the Commission at **http://opsc.gov.in** for detail information.
**Sd./- Secretary**
**OIPR-12002/11/0040/2021**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o . GENERAL MANAGER (Elect.) EHT O&M CIRCLE, BERHAMPUR
CIN: U40102OR2004SGC007553
**No. CAD-581** **NOTICE INVITING TENDER-04/2020-21**
Sealed tenders are invited from Manufacturers/Suppliers(having authorized dealership) having PAN& GSTIN for **"Supply of different types of Clamps & Connectors required for various Grid Sub-Stations under EHT O&M Circle, Berhampur."**
**Cost of the tender paper:** Rs. 4,480/- (Including GST@12%)
**Sale of Tender** :15.10.2020 to 04.11.2020 Up to 4.00pm (GST No. required)
**Last date of submission:**05.11.2020 (Up to 02.00 PM)
**Tender opening:** 05.11.2020 at 03.00 PM
For more details/corrigendum please visit : www.optcl.co.in
FIPR-10/2020-21 OIPR-04011/11/0015/2021 Sd/- General Manager (Elect.)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o . Dy. GENERAL MANAGER (Elect.) EHT CONSTRUCTION DIVISION,RAYAGADA
CIN: U40102OR2004SGC007553
**No. CAD-579** **TENDER CALL NOTICE NO- 01/2020-21**
Sealed tenders are invited from reputed firms/agencies/contractors having GSTIN, PAN card for **"Providing temporary protective measures against land sliding & erosion in front of 220/33 kV Switch yard in river face of Grid Sub-station of OPTCL at Kashipur with a temporary road of width 3.0 Mtr of length 150 Mtr to reach the damaged retaining wall area from the switchyard."**
**Cost of the tender paper:** Rs. 2,240/-(Including 12% GST) Non-refundable
**Sale of Tender** :13.10.2020 to 03.11.2020(Up to 1.30 PM) during office hours at EHT (C) Division, Rayagada
**Last date of BID submission:** 03.11.2020 (Up to 2.30 PM)
For details/Corrigendum please visit : www.optcl.co.in .
FIPR-8/2020-21 OIPR-04011/11/0013/2021 Sd/- Dy. General Manager (Elect.)

**COUNCIL OF HIGHER SECONDARY EDUCATION, ODISHA**
C/2, PRAJNAPITHA, SAMANTAPUR, BHUBANESWAR-751013
No. N-40:-
**NOTIFICATION**
**Bhubaneswar, dated the 9th October, 2020**
**No. MP Cell-07/2011/6669/CHSE(O)**, It is hereby notified for the information of all concerned that the candidates booked under **MALPRACTICE** in Annual Higher Secondary Examination, 2020 in ARTS, SCIENCE, COMMERCE AND VOCATIONAL streams, if they so desire, are rquired to submit written statement in their defence, in the prescribed proforma given below, to the undersigned on or before 29.10.2020 positively.
If the candidates do not submit any written statement in their defence within the stipulated date, it will be presumed that they have nothing to say in their defence and action as deemed proper shall be taken on the basis of records available with the Council. The written statements should be sent to the undersigned through Speed Post only.
**PROFORMA FOR STATEMENT OF THE CANDIDATES BOOKED UNDER MALPRACTICE.**
01. Annual H.S. Exam., 2020 : SCIENCE/ARTS/COMMERCE/ VOCATIONAL (Tick One) (✓)
02. Name of the Candidate :
03. Roll No. :
04. Registration No. :
05. Name of the H.S. School/College :
06. Whether resorted to Malpractice inside the Examination Hall : **(Yes/No)** (Tick One) (✓)
07. Statement of the candidate in his/her defence (Use additional sheets if required) :
Date: Full name signature of the Candidate
Address:
Telephone No.
**N.B.-** The proforma shall be filled in by the candidate in his/her own handwriting.
**By order of the Chairman**
**Sd./- Controller of Examinations**
OIPR-11003/11/0002/2021

**PANCHAYAT SAMITI OFFICE, PALLAHARA**
"Sealed tenders are invited from interested reputed Travel Agencies/ Tour Operators or Private individuals for providing one number of Diesel Driven Vehicle (Preferably One Bolero) as specified on the website of Angul district (**angul.nic.in**).
**Sd./- Block Development Officer, Pallahara**

**ODISHA PUBLIC SERVICE COMMISSION**
19, Dr. P.K. Parija Road, Cuttack - 1
**NOTICE**
**No. 5303/PSC** **Dt.12.10.20**
No. D-79: It is for information of all concerned that, as per the provisions laid down at Para - 6 of the advertisement No. 18 of 2019-20, the Commission have shortlisted the eligible candidates for certificate/document verification for recruitment to the Post of Lecturer in the discipline of **Logic & Philosophy** in Group-A of Odisha Education Service (College Branch), Pursuant to Advt. No. 18 of 2019-20. Hence, the candidates are advised to visit the website of the Commission at **http://opsc.gov.in** for detail information.
**Sd./- Secretary**
**OIPR-12002/11/0041/2021**

**The Odisha Small Industries Corporation Ltd.**
( A Government of Odisha Undertaking) )
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1
**TENDER CALL NOTICE**
**Ref No. 4014** **Dt. 12.10.2020**
The Managing Director, OSIC Ltd., Cuttack invites tender from MSMEs duly empanelled with OSIC for execution of works as mentioned below. The bidding agency can bid for all or any no. of works described herein.
1.Supply and installation of Solar Street Light in Dalijora Range of Cuttack Forest Division, Cuttack.
2.Supply and installation of Park lights at Mardaraj Children Park in NAC, Khallikote.

| | |
|---|---|
| Period of availability of tender document | 19.10.2020 to 02.11.2020 up to 4.00 PM |
| Last date of submission of tender document | 02.11.2020 at 4.30 PM |
| Date of opening of tender | 03.11.2020 at 3.00 PM(if the day is declared as holiday the tender will be opened on next working day) |
| Validity of Tender | 90 Calendar days from the Last date of submission of tender. |
| Tender Bid Cost | **Rs. 5,000.00** |

The detailed tender call notice can be downloaded from the OSIC website **www.osicltd.in** . The tender for the work is to be dropped in the tender box present in the office of the MD, OSIC Ltd., Cuttack or shall be received by Regd. Post/Speed Post/Courier within the schedule date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.
Any corrigendum / changes / modifications will appear in OSIC Ltd. website **www.osicltd.in** only
**MANAGING DIRECTOR**

**Government of Odisha**
**Department of Water Resources**
**OFFICE OF THE SUPERINTENDING ENGINEER, HIRAKUD DAM CIRCLE, BURLA**
**No. A-241:-** **E-Mail Id. - se.hdc@rediffmail.com**
**"e" Procurement Notice**
**Bid Identification No.-HDC-02/NCB-03/2020-21**
1. Name of the Work: **Construction , Erection of 11 KV, LT lines & installation of DTRS for power R&R colony at Jamada village near IDC Chowk under ESO No.-I, Hirakud.**
2. Approximate value of work (in INR.) : **Rs. 311.89 lakhs.**
3. Bid Security (in INR) : **Rs. 6,24,000.00**
4. Bid Submission fee : **Rs. 10000.00**
5. Period of completion : **03 calendar Months including Rainy & Festival season**
6. Classification of Bidders : **Registered with State or Central Govt. or their Public Sector Undertakings**
7. Tender documents named HDP-01, HDP-02 : **Can be downloaded from website (http://www.odisha.gov.in) & (http:/tenderodisha.gov.in)**
8. Document download starting date: **16.10.2020 16.00 hrs.(IST)**
9. Bid Clarification start date : **19.10.2020 11.30 hrs. (IST)**
10. Bid Clarification closing date : **06.11.2020 16.00 hrs. (IST)**
11. Online bid submission closing date and time : **16.11.2020 16.00 hrs. (IST)**
12. Date, Time and Venue of opening of bid in e-method : **17.11.2020 11.30 hrs.(IST), Superintending Engineer, Hirakud Dam Circle, Burla, Dist- Sambalpur, Pin-768017(Odisha)**
**Sd./- Superintending Engineer, Hirakud Dam Circle,Burla.**
OIPR-32044/11/0003/2021

**ODISHA JOINT ENTRANCE EXAMINATION - 2020 ( OJEE - 2020 )**
**No: OJEE/307** **Date: 12.10.2020**
**NOTICE FOR ES BOARD**
**Schedule of Ex-Servicemen (ES) Board for JEE MAIN rank holders 2020**
JEE MAIN Rank holders interested to take part in OJEE counseling process for **B.TECH/ B.ARCH/ Int. M.Sc courses** under **Ex Serviceman (ES) Category**, are required to attend the ES Board at **Rajya Sainik Board, Odisha, Bhubaneswar from 13-10-2020 to 19-10-2020 (Except holidays) at 10.AM.** Candidates are required to bring their JEE MAIN Admit card/ Rank Card and Photo Identity proof to the ES Board. Decision of the ES Board is final binding. Admission to ES category will be made only as per the recommendations of this Board. For other details login to website, **www.ojee.nic.in/ www.odishajee.com.**
**Sd/-**
**CHAIRMAN, OJEE, ODISHA**

**OFFICE OF THE MUNICIPAL COUNCIL, SUNABEDA**
**No. 2912** **TENDER CALL NOTICE** **Dt. 12.10.2020**
**No. C-162:-** Sealed tenders are invited in conformity with the tender call notice to be eventually drawn up in the PWD prescribed F2 form for the following works from the contractors registered with Sunabeda Municipality and State Govt. registered contractors as per categories specified below. The Tender paper will be available during office hours on payment of paper cost (Non refundable) in shape of Banker cheque/Bank Draft from any Nationalized Bank in favour of Executive Officer, Sunabeda Municipality **up to 19.10 .2020 at 5.00 P.M.** and will be received **up to 1.00 P.M. on Dt-20.10.2020** at specified tender box of the office of the undersigned. The tender will be opened on the same day **Dt-20.10.2020 at 3.00 P.M.** in presence of the tenderers or their authorized agents and tender committee of Sunabeda. Earnest money shall be deposited in shape of Banker cheque/ Bank Draft any Nationalized Bank in favour of Executive Officer, Sunabeda Municipality and accompanied with the tender paper along with Xerox copies of valid contractor licence , Copy of GST clearance certificate and PAN Card . Work must be completed within the period specified against them .The Additional Performance Security shall be obtained from the bidder when the bid amount is less than the estimated cost put to tender . In such an event the bidders who have quoted less bid price /rates than the 'estimated cost put to tender shall have to furnish the exact amount of differential cost i.e estimated cost put to tender minus the quoted amount as additional performance security in shape of Banker Cheques/ Bank Draft from any nationalized bank in favour of Executive Officer, Sunabeda Municipality along with tender paper if not deposited the tender will be rejected instantly. Authority reserves the right to accept or reject any or all the tenders without assigning any reason thereof. Any other information can be had from office of the Sunabeda Municipality during office hours in any working day only. It may please be noted that no cash will be received against paper cost /EMD and additional performance security, if any.

| Sl. No. | Name of the work | Class of contractor | Tender Amount in Rs. | EMD in Rs. | Cost of tender paper in Rs. | Period of Completion |
|---|---|---|---|---|---|---|
| 1 | Const. of CC road at NK Majhi house to Amita Khosla Via Community Centre | D&C | 2,00,000/- | 2000 | 2000 | 1 (One Calendar Month) |
| 2 | Const. of CC road from Kodigaon to M Burial ground | D&C | 2,00,000/- | 2000 | 2000 | 1 (One Calendar Month) |
| 3 | Const. of CC road & drain from upeer sahi, Semiliguda | D&C | 2,00,000/- | 2000 | 2000 | 1 (One Calendar Month) |
| 4 | Const. of CC road at Rajive Colony | D&C | 2,00,000/- | 2000 | 2000 | 1 (One Calendar Month) |
| 5 | Const. of boundary wall at Ganjam Colony Primary School | D&C | 2,00,000/- | 2000 | 2000 | 1 (One Calendar Month) |
| 6 | Const. of boundary wall at Chandan Pokhari L. Zone | D&C | 2,00,000/- | 2000 | 2000 | 1 (One Calendar Month) |

**Sd./- Executive Officer, Sunabeda Municipality**
OIPR-13076/11/0004/2021

**COUNCIL OF HIGHER SECONDARY EDUCATION, ODISHA**
PRAJNAPITHA, SAMANTAPUR, BHUBANESWAR-751013
Website: www.chseodisha.nic.in
No. N-41:-
**NOTIFICATION**
**AWARD OF SCHOLARSHIP TO MERITORIOUS STUDENTS UNDER CENTRAL SECTOR SCHEME (Fresh & Renewal)**
**Bhubaneswar, dated. 12th October, 2020**
**No. SW 47/17/3522/CHSE**, The Department of Higher Education, Govt. of India have made provision for 2736 (Two thousand seven hundred thirty six) Nos. scholarships under Central Sector Scheme of Scholarship for College and University students for distribution among eligible CHSE pass out students of 2020. The rate of Scholarship is Rs.10000/- (Ten Thousand) per annum at Graduation Level for first three years of College and University course and Rs.20000/- (Twenty thousand) per annum in 4th and 5th year.

| Sl. No. | CATEGORY | No. of Scholarships in Arts:- 456 | No. of Scholarships in Commerce:- 912 | No. of Scholarships in Science:- 1368 |
|---|---|---|---|---|
| 01 | Scheduled Caste | 68 | 137 | 205 |
| 02 | Scheduled Tribe | 34 | 68 | 103 |
| 03 | Other Backward Class | 123 | 246 | 369 |
| 04 | Unreserved | 231 | 461 | 691 |
| | Total | 456 | 912 | 1368 |

(Including Boys 50% & Girls 50% in each category & PH 5% horizontally in each category)
Name of the Scholarship: **CENTRAL SECTOR SCHEME OF SCHOLARSHIP FOR COLLEGE AND UNIVERSITY STUDENTS**
1. **Eligibility and Guideline**
**For detailed information please visit the website (NSP) www.scholarships.gov.in**
A. Students who are in the Top 20th percentile of successful candidates in the Annual Highter Secondary Examination 2020 conducted by the CHSE, Odisha as regular candidate are eligible to apply through National Scholarship Portal www.scholarships.gov.in.
(Students pursuing Highter Education through Distance mode/Correspondence Course and Diploma Course are not eligible to apply for this Scholarship.)
B. Cut off marks (of Top 20th Percentile) are as follows:

| Sl. No. | Stream | Cut off marks |
|---|---|---|
| 01 | ARTS | 337 |
| 02 | SCIENCE | 403 |
| 03 | COMMERCE | 409 |

C. She/He has to pursue highter studies in any College/Institution/University during 2020-21 as a regular student.
D. It is necessary that all students, who are eligible for scholarship, need to apply with Aadhaar Number which is seeded with Bank Account.
E. The income limit of the parents from all sources shall not exceed Rs.8,00,000/- (Rupees Eight Lakh only).
F. The students, already availing the scholarship are instructed to submit their **renewal applications** (4th renewal 2016), (3rd renewal 2017), (2nd renewal 2018) and (1st renewal 2019) within scheduled date on-line. Renewal applications sent directly to the Ministry of Education, New Delhi shall not be accepted. Detailed eligibility for renewal is available in the said website.
G. The Students availing any other Scholarship are not eligible to avail this Scholarship.
**Last date for Submission of online applicaiton for fresh and renewal is 31.10.2020.**
**By order of the Chairman**
**Sd./- Secretary**
OIPR-11003/11/0003/2021

## ଟ୍ରକ୍-ସ୍କୁଟି ଧକ୍କା: ଜଣେ ମୃତ

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅନନ୍ତପୁର ଫାଣ୍ଡି ଅଞ୍ଚଳରେ ସୋମବାର ଏକ ଟ୍ରକ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ପାଣ୍ଡି ଅଧୀନ ବରମୁଣ୍ଡଳି ପଞ୍ଚାୟତ ଦଶବାଟିଆ ଗାଁର ସୂର୍ଯ୍ୟ ପରିଡ଼ାଙ୍କ ପୁଅ ଆଲୋକ ପରିଡ଼ା(୨୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ଉକ୍ତ ଗାଁର ବାପି ଶତପଥୀ (୩୦) ଆହତ ହୋଇଛନ୍ତି। ଆଲୋକ ଓ ବାପି ସ୍କୁଟି ଯୋଗେ ଦଶବାଟିଆରୁ ନୂଆଗାଁ ଆଡେ ଆସୁଥିବା ବେଳେ ଏକ ଟ୍ରକ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଆଲୋକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ।

### ସଂକ୍ଷେପରେ

## କାର୍ ସହ ୫୦ କେଜି ଗଞ୍ଜେଇ ଜବତ

ନୟାଗଡ଼ ଅଫିସ,୧୨।୧୦: ନୂଆଗାଁ ଥାନା ଓ ମହୀପୁର ଫାଣ୍ଡି ପୋଲିସ ମାଳିସର ଗାଁ ନିକଟରୁ ସୋମବାର ଏକ କାର୍ ସହ ୫୦ କେଜି ଗଞ୍ଜେଇ ଜବତ କରିଛି। କେହି ଅଜଣା ବ୍ୟକ୍ତି ମାଳିସର ରାସ୍ତାରେ କାର୍‌ଟିକୁ ରଖି ପଳାଇ ଯାଇଥିଲେ। ପୋଲିସ ସନ୍ଦେହ କରି ତନଖି କରିଥିଲା। ଯାଞ୍ଚ ପରେ ୩ ଟି ବସ୍ତାରେ ଥିବା ୫୦ କେଜି ଗଞ୍ଜେଇ ଜବତ ହୋଇଥିଲା। ସେହିପରି ବ୍ୟାଙ୍କ ପାସ୍‌ବୁକ, ଏଟିଏମ୍ କାର୍ଡ ଜବତ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଶାଗୁଆନ ପଟା, କାଠ ଉପକରଣ ଜବତ

ନୟାଗଡ଼ ଅଫିସ,୧୨।୧୦: ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜର କର୍ମଚାରୀମାନେ ସୋମବାର ବାହାଡାସାହିରେ ଚଢ଼ାଉ କରି ଖଦାଳ ସାହୁଙ୍କ ଘରୁ ଅର୍ଦ୍ଧନିର୍ମିତ କାଠ ଉପକରଣ ଓ ଶାଗୁଆନ ପଟା ଜବତ କରିଛନ୍ତି। ଏହାର ଦାମ୍ ପ୍ରାୟ ୧ଲକ୍ଷ ଟଙ୍କା ହେବ। ଏ ନେଇ ଏକ ମାମଲା ରୁଜୁ କରି ବନ ବିଭାଗ ତଦନ୍ତ କରୁଛି।

## ଚୋରା ମଦ ଜବତ, ଜଣେ ଗିରଫ

କାଳିଆପାଣି, ୧୨।୧୦ (ଡି.ଏନ୍.ଏ.) ଖଣି ଅଞ୍ଚଳରେ ଦିନକୁ ଦିନ ଦେଶୀମଦ କାରବାର ବଢୁଥିବା ବେଳେ କାଳିଆପାଣି ପୋଲିସ ସୋମବାର ଚଢ଼ାଉ କରି ଚୋରା ମଦ ଜବତ କରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ କଂସ ପଞ୍ଚାୟତର କମର୍ଦ୍ଦା ଗାଁର ସ୍ୱର୍ଗତ ସୁଦର୍ଶନ ହାସଦାଙ୍କ ପୁଅ ଗୁରୁଦେବ(୨୪)। ପୋଲିସ ତାଙ୍କ ଘରୁ ୮ଲିଟର ଦେଶୀ ମଦ ଜବତ କରିଛି। ଏ ନେଇ ଥାନାରେ ୯୭/୨୦ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ରାଁସୋଳ ପଞ୍ଚାୟତ ବରଗଜୀ ଗାଁ ରେଙ୍ଗାଳି କେନାଲ ନିକଟରେ ମଦ ରନ୍ଧା ଯାଉଥିବା ଖବରପାଇ ରବିବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୪-୫ଟି ବାଇକ୍, ମଦ ରନ୍ଧା ସାମଗ୍ରୀ ଓ ପୋଚ ଜବତ କରାଯାଇଥିବା ବେଳେ କାହାକୁ ଗିରଫ କରାଯାଇ ପାରି ନ ଥିବା ପୋଲିସ କହିଛି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

ଧର୍ମଶାଳା/ଜେନାପୁର, ୧୨।୧୦ (ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜେନାପୁର ଥାନା ଅଧୀନ ସୁକୁଟିଙ୍ଗର ଗ୍ରାମର ଗଣେଶ ସାମଲଙ୍କ ପୁଅ ସଞ୍ଜୟ। ସଞ୍ଜୟ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ଯୁବତୀ ଜଣକ ବିବାହ ପାଇଁ ଜିଦ୍ ଧରିବାରୁ ସେ ମନା କରିଦେବାରୁ ପୀଡ଼ିତା ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.-୩୨୭/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ସୋମବାର ପୋଲିସ ସଞ୍ଜୟଙ୍କୁ ଚଢ଼େଇଧରା ଅଞ୍ଚଳରୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଛଇ।

## ଜୁଆ ଆଡ୍ଡାରେ ଚଢ଼ାଉ, ୨ ଗିରଫ

ନୟାଗଡ଼ ଅଫିସ,୧୨।୧୦: ଇଟାମାଟି ଥାନା ପୋଲିସ ବାଉଁଶିଆପଡା ଜୁଆ ଆଡ୍ଡାରେ ଚଢ଼ାଉ କରି ୨ଜଣ ଜୁଆଡିଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ବାଉଁଶିଆପଡାର ଗତିକୃଷ୍ଣ ବରାଡ ଓ ଲକ୍ଷ୍ମୀଧର ରାଉତ। ବାଉଁଶିଆପଡାରେ ଜୁଆଖେଳ ଚାଲୁଥିବା ଅଭିଯୋଗ ପାଇ ରବିବାର ରାତିରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ଗତିକୃଷ୍ଣ ଓ ଲକ୍ଷ୍ମୀଧରଙ୍କଠାରୁ ଜୁଆପାଲି, ଗୋଟି, ୨୨୬୦ ଟଙ୍କା, ୨ଟି ମୋବାଇଲ ଜବତ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ନୟାଗଡ଼ ଅଫିସ,୧୨।୧୦: ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ଜଣେ ୨୧ ବର୍ଷର ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ହୋଇଛି। ପରେ ପୋଲିସ ନୟାଗଡ ପୂର୍ତ୍ତ ବିଭାଗ ଲେନର ଶୁଭମ ସୁଜ୍ଞାନ ସମାନ୍ତରାୟଙ୍କ ନାଁରେ ୩୪୧, ୩୨୩, ୨୯୪, ୫୦୬, ୩୭୬, ୩୭୯, ୩୪ ଆଇପିସିରେ ମାମଲା (ନଂ.୧୫୯/୨୦) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ନଗଡ଼ା ବିକାଶରେ ବାଧା

କାଳିଆପାଣି ,୧୨।୧୦ (ଡି.ଏନ୍.ଏ.)



ମହିଷିପହଁରା ନାଳ ଉପରେ ନିର୍ମିତ ପୋଲ କାନ୍ଥ ଫାଟି ଯାଇଛି।

- ବର୍ଷ ନ ପୂରୁଣୁ ପୋଲ କାନ୍ଥ ଫାଟିଲା
- ଠିକାଦାର, ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ଲୋକେ
- ପୋଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ଦୀର୍ଘବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ସୁକିନ୍ଦା ବ୍ଲକ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତର ବହୁ ଚର୍ଚ୍ଚିତ ନଗଡ଼ା ଆଦିବାସୀ ପରିବାରଗୁଡ଼ିକୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ। ହେଲେ ନଗଡ଼ାବାସୀଙ୍କ ବିକାଶ ପାଇଁ ଆରମ୍ଭ ହୋଇଥିବା କେତେକ ଯୋଜନା ଫେଲ୍ ମାରିଥିବା ସେଠାକାର ଲୋକେ ଅଭିଯୋଗ କରିଛନ୍ତି। ନଗଡ଼ା ସହ ବାହ୍ୟ ଅଞ୍ଚଳକୁ ସଂଯୋଗ କରିବା ପାଇଁ ନିର୍ମାଣ କରାଯାଇଥିବା ପୋଲର କାନ୍ଥ ଫାଟିଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡ଼ା ନିର୍ମାଣ ସରିବାର ୧୦ମାସ ପୂରୁଣୁ ପୋଲ କାନ୍ଥ ଫାଟି ଯାଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଟମକା-ମଙ୍ଗଳପୁର ରାସ୍ତାର କାଳିଆପାଣି ଏଟିଏମ୍‌ଠାରୁ ନଗଡ଼ାକୁ ଯାତାୟାତ ସୁଗମ କରିବା ପାଇଁ ମହିଷିପହଁରା ନାଳ ଉପରେ ବିଜୁ ସେତୁ ଯୋଜନାରେ ଏକ ପୋଲ ନିର୍ମାଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୧୬-୧୭ ଆର୍ଥିକ ବର୍ଷରେ ୨ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପୋଲ ନିର୍ମାଣ ପାଇଁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୧୬ ଜୁନ୍‌ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୧୯ ଡିସେମ୍ବରରେ ସରିଥିଲା। କାମ ଆରମ୍ଭରୁ ହିଁ ନିମ୍ନମାନର କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକଙ୍କ ସମେତ ସେଠାକାର ସରପଞ୍ଚ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲାନାହିଁ, ଯାହାଫଳରେ କାମ ସରିବାର ବର୍ଷ ପୂରିବା ପୂର୍ବରୁ ହିଁ କାନ୍ଥ ଫାଟିଗଲା ବୋଲି ଅଞ୍ଚଳବାସୀ କହିଛନ୍ତି। ଠିକାଦାରଙ୍କ ମନମୁଖି କାର୍ଯ୍ୟ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିବାରୁ ତରବରିଆ ଭାବେ ରାତି ଅଧରେ ନିମ୍ନମାନର ରଡ ଓ ସିମେଣ୍ଟରେ ପୋଲର ଛାତ ପକାଇ ଦିଆଯାଇଥିଲା। କାର୍ଯ୍ୟ ଆରମ୍ଭରୁ ତଦନ୍ତ କରାଗଲେ ସମ୍ପୃକ୍ତ ଠିକାଦାର ଓ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ କଳାକାରନାମା ପଦାକୁ ଆସିବ ବୋଲି ଅଭିଯୋଗକାରୀମାନେ ମତ ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ନିଳେନ୍ଦ୍ରୀ ପ୍ରଧାନ, ଯୁବନେତା ଦିଲ୍ଲୀପ କୁମାର ପାତ୍ର, ଧୀରେନ୍ଦ୍ର ମହାନ୍ତଙ୍କ ସମେତ ବହୁ ବୁଦ୍ଧିଜୀବୀ ଏ ନେଇ ଜିଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରାଧାରମଣ ବାରିକଙ୍କୁ ଏ ସମ୍ପର୍କରେ ପଚାରିବାରେ ଉକ୍ତ ପୋଲ କାମ ଚାଲୁଥିବା ବେଳେ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଥିଲା। ଏବେ କ'ଣ ହୋଇଛି ସେଠାକୁ ଯାଇ ତଦନ୍ତ କଲା ପରେ ଜଣାପଡ଼ିବ ବୋଲି କହିଛନ୍ତି।

# ମୃତକଙ୍କ ନାଁରେ ଉଠୁଛି ରାଶନ ସାମଗ୍ରୀ

### ବିଡିଓଙ୍କ ନିକଟରେ ଅଭିଯୋଗ

ନାଉଗାଁ,୧୨।୧୦(ସ୍ୱ.ପ୍ର)

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତର ସଠଳପୁର ଗ୍ରାମରେ ମୃତ ବ୍ୟକ୍ତିଙ୍କ ନାମରେ ଖାଉଟି ସାମଗ୍ରୀ ଉଠାଯାଉଛି। ଏନେଇ ମୃତକଙ୍କ ବୋହୂ କୁଇନି ରାଉତ ସୋମବାର ବିଡିଓ ରଶ୍ମିରେଖା ମଲିକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଶ୍ୱଶୁର ଭୀମସେନ ରାଉତ ଓ ଶାଶୁ ତୁଳସୀ ରାଉତଙ୍କ ୩ ବର୍ଷ ତଳେ ମୃତ୍ୟୁ ଘଟିଛି। ମାତ୍ର ସେମାନଙ୍କ ନାମରେ ଥିବା ଖାଦ୍ୟ ସୁରକ୍ଷା ଯୋଜନାର କାର୍ଡରୁ (ନଂ ୧୨୦୬୦୧୧୦୯୧୧)ଖାଉଟି ସାମଗ୍ରୀ ଉଠାଯାଉଛି। ଅପରପକ୍ଷେ କୁଇନିଙ୍କ ପରିବାର ସଦସ୍ୟଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ। ତାଙ୍କ ପରିବାରକୁ ଶ୍ୱଶୁରଙ୍କ ନାମରେ ଥିବା କାର୍ଡରେ ସାମିଲ କରିବା ପାଇଁ ବାରମ୍ବାର ଆବେଦନ କରାଯାଇଛି। ମାତ୍ର କୌଣସି ସୁଫଳ ମିଳୁନାହିଁ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଇନି ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅଭିଯୋଗପତ୍ର ନକଲ ଜିଲାପାଳ ୫ଟି ସଚିବ ଓ ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଏସମ୍ପର୍କରେ ବିଡିଓ ମଲିକ କହିଛନ୍ତି ଅଭିଯୋଗ ମିଳିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



ରାଜକିଶୋର ବେହେରା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରୁଛନ୍ତି।

### ତିର୍ତ୍ତୋଲ ଉପନିର୍ବାଚନ

ଜଗତ୍‌ସିଂହପୁର ଅଫିସ, ୧୨।୧୦

ତିର୍ତ୍ତୋଲ ଉପନିର୍ବାଚନ ପାଇଁ ଭାଜପା ପ୍ରାର୍ଥୀ ରାଜକିଶୋର ବେହେରା ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି । କୋଭିଡ୍-୧୯ ନିୟମ ଅନୁଯାୟୀ, ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁଙ୍କ କାର୍ଯ୍ୟାଳୟରେ ପହଞ୍ଚି ବେହେରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତାଙ୍କ ସତ୍ୟପାଠରେ ମୋଟ ସମ୍ପତ୍ତିର ମୂଲ୍ୟ ୨୭,୦୦,୦୦୦ ଟଙ୍କା ଥିବା ଦର୍ଶାଇଛନ୍ତି । ୨୦୧୯-୨୦ରେ ୨,୩୬,୪୫୦ ଟଙ୍କା ଓ ୨୦୨୦-୨୧ ମାର୍ଚ୍ଚ ୩୧ସୁଦ୍ଧା ୩,୨୫,୬୦୦ ଟଙ୍କା ଆୟ କରିଥିବା ନେଇ ବେହେରା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

## ବିଜେଡିରେ ଯୋଗଦେଲେ ପ୍ରଫେସର ରମାକାନ୍ତ

ବାଲିଆ, ୧୨।୧୦

ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ନେତା ପ୍ରଫେସର ରମାକାନ୍ତ ଭୋଇ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ବିଜେଡି କାର୍ଯ୍ୟାଳୟରେ ଏନେଇ ଆୟୋଜିତ ମିଶ୍ରଣ ପର୍ବରେ ଭୋଇଙ୍କୁ ଦଳର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଜେଡିର ରାଜ୍ୟ ଉପସଭାପତି ଦେବୀ ମିଶ୍ର, ଦଳର ସାଧାରଣ ସମ୍ପାଦକ ଦେବାଶିଷ ସାମନ୍ତରାୟ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତଥିଲେ। ଜୁନ୍ ୬ରେ ସେ ଭାଜପା ଛାଡିଥିଲେ। ବିଜେଡିରେ ଯୋଗଦେବା ପରେ ଭୋଇ କହିଛନ୍ତି, ମୁଁ ଚଳିତ ଉପନିର୍ବାଚନରେ ଟିକଟ ପାଇଁ ଆଶାୟୀ ନ ଥିଲି। କେବଳ ଜନସାଧାରଙ୍କ ପାଖରେ ରହି ତାଙ୍କର ସେବା କରିବା ମୋର ଲକ୍ଷ୍ୟ। ପୂର୍ବରୁ ରହିଥିବା ଦଳ ମୋତେ ସେଥିରୁ ବଞ୍ଚିତ କରି ରଖିଥିଲା। ଏବେ ବିଜୁଜନତା ଦଳକୁ ଆସି ଜନତାଙ୍କ ସେବା କରିବାର ସୁଯୋଗ ପାଇଲି।

# ପୋଖରୀ ନିଲାମ ନେଇ ବିବାଦ



ନ୍ୟାୟ ପାଇଁ ଥାନାକୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା।

### ଥାନାରେ ମାମଲା

ରାଜନଗର,୧୨।୧୦(ଡି.ଏନ.ଏ.)

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତର ଦାରୁଓରା ଗ୍ରାମରେ ପୋଖରୀ ନିଲାମକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ଏହାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେଇଛି। ସୋମବାର ଗୋଟିଏ ଗୋଷ୍ଠୀ ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୪୪/୨୦ରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଗାଁର ଶୂନ୍ୟବାସୀ ସ୍ୱୟଂସହାୟକ ଗୋଷ୍ଠୀ ସେହି ଗାଁର ଦଳିତବସ୍ତିରେ ଥିବା ପୋଖରୀକୁ ୩୦ ଅଗଷ୍ଟ ୨୦୧୯ରେ ୧୦ହଜାର ଟଙ୍କାରେ ୩ ବର୍ଷ ପାଇଁ ନିଲାମ ନେଇଛି। ମାତ୍ର ଦୀର୍ଘ ୧୪ମାସ ବିତିଯାଇଥିଲେ ମଧ୍ୟ ପୋଖରୀକୁ ପୂର୍ବରୁ ନିଲାମ ନେଇଥିବା ଲୋକେ ମହିଳାମାନଙ୍କୁ ମାଛଚାଷ କରାଇ ଦେଉନାହାନ୍ତି। ସେମାନେ ପୂର୍ବରୁ ପୋଖରୀରେ ଚୂନ ପକାଇ ଯାଆଁଳ ଛାଡିଥିଲେ। ମାତ୍ର ବିଷ ପକାଇ ଯାଆଁଳ ମାରି ଦିଆଗଲା। ଗତ ୧୦ ତାରିଖରେ ଚୂନ ପକାଇବାକୁ ଯିବାବେଳେ ଗାଁର କେତେଜଣ ବ୍ୟକ୍ତି ଚୂନ ନଷ୍ଟ କରିବା ସହ ବାଲ୍‌ଟି, ମାଡିଆ ଓ ଡେକ୍‌ଚି ଆଦି ଛଡାଇନେଇଥିଲେ। ଏପରି କି ୩ ବର୍ଷ ପର୍ଯ୍ୟନ୍ତ ପୋଖରୀରେ ମାଛଚାଷ କରାଇଦେବେ ନାହିଁ ବୋଲି ଧମକ ଦେଇଥିବା ନେଇ ମହିଳାମାନେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ସ୍ୱୟଂସହାୟକ ଗୋଷ୍ଠୀର ସଭଳ ମଳିକ, ବାସନ୍ତୀ ମଳିକ ପ୍ରମୁଖ ୧୦ଜଣ ମହିଳା ରାଜନଗର ଥାନାରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ରାଜନଗର ଥାନା ସବ୍‌ଇନ୍ସପେକ୍ଟର ଅଜୟ କୁମାର ସାହୁ କହନ୍ତି, ପଞ୍ଚାୟତ ପୋଖରୀକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ରହିଛି। ଉଭୟ ଗୋଷ୍ଠୀର ୨୦ଜଣଙ୍କ ନାଁରେ କେସ୍ କରାଯାଇଛି। ବିଡିଓଙ୍କୁ ଚିଠିଲେଖି ଏ ସମ୍ପର୍କରେ ଅବଗତ କରିଛୁ। ଦାୟିତ୍ୱରେ ଥିବା ଅଧିକାରୀଙ୍କ ମାଧ୍ୟମରେ ପୋଖରୀରେ କିଏ ମାଛ ମାରିବ ତା'ର ସମାଧାନ କରିବାକୁ ଉଲ୍ଲେଖ କରିଛୁ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ, ଯୁବକ ଅଟକ

କାଳିଆପାଣି, ୧୨।୧୦ (ଡି.ଏନ୍.ଏ.)

କାଳିଆପାଣି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ସୁକିନ୍ଦା ଅଞ୍ଚଳର ଜଣେ ଯୁବକଙ୍କୁ ଅଟକ ରଖିଛି। ନାବାଳିକାଙ୍କୁ ଅଭିଯୁକ୍ତ ଜଣକ ଅପହରଣ କରିନେଇଥିବା ନେଇ ଗତ ରବିବାର ଥାନାରେ ଅଭିଯୋଗ ହୋଇଥିଲ। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ୯୬/୨୦ ନଂରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ସୋମବାର ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିବା ସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ମଙ୍ଗଳବାର ନାବାଳିକାଙ୍କ ବୟାନ ରେକର୍ଡ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲୀ କହିଛନ୍ତି।

## ୨ ବାଇକ୍ ଲୁଟେରା, ସହଯୋଗୀଙ୍କୁ ଜେଲ

ନୟାଗଡ଼ ଅଫିସ,୧୨।୧୦

ନୟାଗଡ ଟାଉନ ଥାନା ପୋଲିସ ୨ ବାଇକ୍ ଲୁଟେରା ଓ ସହଯୋଗୀ ଗ୍ୟାରେଜ ମିସ୍ତ୍ରିଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବାଇକ୍ ଲୁଟେରା ଫତେଗଡ ଥାନା ପିଠାଖାଇ ଗାଁର ଅଶୋକ ନାୟକ(୨୭), ବନମାଳୀପୁରର ଭଗବାନ ସାହୁ(୨୯) ଓ ଗ୍ୟାରେଜ ମିସ୍ତ୍ରି ବିଜିପୁରର ସନ୍ତୋଷ ଜେନା(୩୫)। ଏମାନଙ୍କଠାରୁ ୬ ଚୋରା ବାଇକ, ୨ ବାଇକ୍ ଇଞ୍ଜିନ ଜବତ ହୋଇଛି। ସୂଚନା ଅନୁସାରେ ଅଶୋକ ଓ ଭଗବାନ ଜିଲା ସଦର ମହକୁମାରୁ ବିଭିନ୍ନ ସମୟରେ ବାଇକ୍ ଚୋରି କରନ୍ତି। ଉଭୟ ବାଇକ୍ ଚୋରି ସମୟରେ ନୟାଗଡ଼ ପୋଲିସ ହାତରେ ଧରାପଡିଥିଲେ। ତଦନ୍ତ ପରେ ଗ୍ୟାରେଜ ମିସ୍ତ୍ରି ସନ୍ତୋଷ ସାମିଲ ଥିବା ଜଣାପଡିଥିଲା। ଚୋରି ପରେ ସନ୍ତୋଷ ବାଇକ୍ ପାର୍ଟ ଅଲଗା କରି ଗାଡି ବିକ୍ରି କରୁଥିଲେ। ଏ ନେଇ ୧୫୭/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା।

## ବାଇକ୍‌ରୁ ଖସି ଜଣେ ମୃତ

ନୟାଗଡ଼ ଅଫିସ/ ଭାପୁର, ୧୨।୧୦ (ଡି.ଏନ୍.ଏ.): ଗାଈ ଧକ୍କା ଦେବାରୁ ବାଇକ୍‌ରୁ ଖସି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ହରସ ପରିଡା (୪୩), ଘର ଖଣ୍ଡପଡା ଥାନା ରାଣିଛେଲି ପଞ୍ଚାୟତ କଳପଙ୍ଗି ଗାଁରେ। ସୁଦର୍ଶନଙ୍କ ସ୍ତ୍ରୀ ହରସ ରବିବାର ସନ୍ଧ୍ୟାରେ ଫତେଗଡ ଥାନା ଭାପୁର ପଞ୍ଚାୟତ ଜହରକୋଟ ଗାଁକୁ ଯାଉଥିଲେ। ଶାଳପଡା ଗାଁ ପାଖରେ ଦୁଇଟି ଗାଈ ବାଇକ୍‌ରେ ପିଟି ହୋଇଯିବାରୁ ଉଭୟ ଗୁରୁତର ହୋଇଥିଲେ। ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହରସଙ୍କ ମୃତ୍ୟୁ ଘଟିଛି।

# ରାସ୍ତାରେ ମୃତଦେହ ରଖି କ୍ଷତିପୂରଣ ଦାବି

କୁଜଙ୍ଗ,୧୨।୧୦(ଡି.ଏନ୍.ଏ.)

ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ ପାରାଦୀପ ରାଜ୍ୟ ରାଜପଥର ନୂଆପଡାଠାରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ କୁଜଙ୍ଗ ଥାନା ଅନ୍ତର୍ଗତ ବାଘୁଆ ଠେଙ୍ଗ ଗ୍ରାମର ପଙ୍କପାଳ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ବିଭୂତି ଭୂଷଣ ବେହେରା (୪୮)ଙ୍କ ମୃତ୍ୟୁ ଘଟିଛି। ଗ୍ରାମରେ ତାଙ୍କ ମୃତଦେହ ପହଁଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ ଓ ଗ୍ରାମବାସୀ କଟକ ପାରାଦୀପ ରାଜପଥର ପଥୁରିଆଗଡ଼ାରେ ମୃତଦେହ ରଖି କ୍ଷତିପୂରଣ ଦାବି କରିଛନ୍ତି। ବେହେରା ସରକାରୀ କାର୍ଯ୍ୟରେ ଜଗତ୍‌ସିଂହପୁର ସଦରମହକୁମାକୁ ପୂର୍ବାହ୍ନ ସମୟରେ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ନୂଆପଡ଼ାଠାରେ ପାରାଦୀପରୁ କଟକ ଅଭିମୁଖେ ଯାଉଥିବା ଏକ କାର ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ବେହେରା ଗୁରତର ହୋଇଥିଲେ। ଏନେଇ କାର ଚାଳକ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଜଗତ୍‌ସିଂହପୁର ଜିଲାମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ବେହେରାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଘଟିବାରୁ କାର ଚାଳକ ଜଣକ ସେଠାରୁ ପଳାଇଯାଇଥିଲେ। ସନ୍ଧ୍ୟାରେ ବେହେରାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ ପଥୁରିଆଗଡ଼ାଠାରେ ରାସ୍ତାରୋକ କରିଥିଲେ। ଖବରପାଇ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, କୁଜଙ୍ଗ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ତିର୍ତ୍ତୋଲ ଏସଡିପିଓ ଦୀପକ ରଞ୍ଜନ ଜେନା, କୁଜଙ୍ଗ ଥାନା ଅଧିକାରୀ ପାରାଓଟୁଡୁ ଏବଂ ସବ୍‌ଇନ୍‌ସ୍ପେକ୍ଟର ସୁବ୍ରଜିତ ଦାସ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ଶେଷରେ ବିଧାୟକ ରାଉତରାୟ ରେଡ୍‌କ୍ରସରୁ ପାଣ୍ଠିରୁ ୧୦ହଜାର ଟଙ୍କା ଓ ବେହେରାଙ୍କ ସ୍ତ୍ରୀଙ୍କୁ ସ୍ୱାସ୍ଥ୍ୟ ବିଭାଗରେ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା ।

## ପଟ୍ଟାମୁଣ୍ଡାଇ ମହିଳା କଲେଜ ଦୁର୍ନୀତିର ତଦନ୍ତ



କଲେଜରେ ତଦନ୍ତକାରୀ ଟିମ୍ ।

ପଟ୍ଟାମୁଣ୍ଡାଇ,୧୨।୧୦ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଦୁର୍ନୀତି ଅଭିଯୋଗର ସୋମବାର ଲୋକାୟୁକ୍ତ ଟିମ୍ ତଦନ୍ତ ଆରମ୍ଭ କରିଛି। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ଓ ରାଧାକାନ୍ତ ମହାନ୍ତିଙ୍କ ଅଭିଯୋଗକୁ ଭିତ୍ତି କରି ଲୋକାୟୁକ୍ତଙ୍କ ଦୁଇଜଣିଆ ଦଳ ମହାବିଦ୍ୟାଳରେ ରେକର୍ଡପତ୍ର ତନଖି କରିଛନ୍ତି। ୨୦୧୨ରୁ ୨୦୧୬ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଲୋକପ୍ରତିନିଧି ଦେଇଥିବା ୨୧ ଲକ୍ଷ ଟଙ୍କା ଓ ତତ୍କାଳୀନ ବିଧାୟକ ସାଇକେଲ ଷ୍ଟାଣ୍ଡ ଓ ଗୃହ ନିର୍ମାଣ ପାଇଁ ଦେଇଥିବା ଦେଢଲକ୍ଷ ଟଙ୍କାର ସଦ୍‌ବିନିଯୋଗ ହୋଇ ନ ଥିବା ତଦନ୍ତରେ ଜଣାପଡିଛି। ସେହିପରି ସ୍ଥାନୀୟ ଜଣେ ପ୍ରବାସୀ ବିଜ୍ଞାନ ଗୃହ ଓ ଲାବରେଟୋରି ସରଞ୍ଜାମ କିଣିବା ପାଇଁ ଦେଇଥିବା ୩୦ ଲକ୍ଷ ଟଙ୍କା ଏବଂ ଯୋଗଗୁରୁ ପ୍ରଜ୍ଞାନା ନନ୍ଦ ଦେଇଥିବା ୪ଲକ୍ଷ ଟଙ୍କାର ମଧ ଠିକ୍ ବିନିଯୋଗ ହୋଇ ନ ଥିବା ଜଣାପଡିଛି। ମଙ୍ଗଳବାର ତଦନ୍ତକୁ ତ୍ୱରାନ୍ୱିତ କରି ଟିମ୍ ସଂଗ୍ରହ କରିଥିବା ରେକଡପତ୍ର ଯାଞ୍ଚ କରିବା ସହିତ ପରବର୍ତ୍ତୀ ପଦକ୍ଷେପ ନେବ।

# ରିଲିଫ ବଣ୍ଟନରେ ସ୍ୱଚ୍ଛତା ରହୁନି

ବରୀ, ୧୨।୧୦ (ଡି.ଏନ୍.ଏ)



ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଅଭିଯୋଗକାରୀମାନେ।

- ପ୍ରତିଦିନ ଅଭିଯୋଗ ପାଇଁ ଆସୁଛନ୍ତି ବନ୍ୟା ବିପନ୍ନ
- ବିଡିଓ, ତହସିଲ ଅଫିସ୍ ଆଗରେ ଭିଡ଼

ବରୀ ବ୍ଲକ ଅଞ୍ଚଳରେ ବନ୍ୟା ବିପନ୍ନଙ୍କୁ ରିଲିଫ ଯୋଗାଣରେ ଅନିୟମିତତା ନେଇ ଗତ କିଛିଦିନ ହେବ ଅନେକ ଅଭିଯୋଗ ହୋଇଆସୁଛି। ଏହି କ୍ରମରେ ବ୍ଲକ ଅଧୀନ ସେରପୁର, ସ୍ୱାଇଁଖଣ୍ଡ, ରମ୍ଭା, ବରୀ, ବାଲିବିଲ, ମନ୍ଦାରୀ, ଅମଠପୁର ଆଦି ପଞ୍ଚାୟତର ବନ୍ୟା ବିପନ୍ନ ବହୁ ପରିବାର ସୋମବାର ବିଡିଓ ଓ ତହସିଲ କାର୍ଯ୍ୟାଳୟ ଆଗରେ ବସି ରହିଥିବା ଦେଖିବାକୁ ମିଳିଥିଲା। ରିଲିଫ ମିଳି ନ ଥିବା ନେଇ ସେମାନେ ଅଭିଯୋଗ କରିବାକୁ ଆସିଥିବା ବେଳେ ବିଡିଓ ଓ ତହସିଲଦାର ଅନୁପସ୍ଥିତ ଥିବାରୁ ଅଭିଯୋଗକାରୀମାନେ କାର୍ଯ୍ୟାଳୟ ଆଗରେ ବସି ରହିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ଗତ ଅଗଷ୍ଟରେ ହୋଇଥିବା ବନ୍ୟାରେ ଯାଜପୁର ଜିଲାର ବରୀ ବ୍ଲକ ଅର୍ଦ୍ଧାଧିକ କ୍ଷତିଗ୍ରସ୍ତ ହୋଇଥିଲା। ବନ୍ୟା ଛାଡ଼ିବା ପରେ ଜିଲାପାଳ ବନ୍ୟାଞ୍ଚଳ ଗସ୍ତ କରି ବିପନ୍ନଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେସୁଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉନି। ଫଳରେ ବନ୍ୟା ପରେ ଲଘୁଚାପ ଜନିତ ବର୍ଷା ଆରମ୍ଭ ହୋଇଯାଇଥିବାରୁ ବହୁ ବିପନ୍ନ ପରିବାର ଖୋଲା ଆକାଶ ତଳେ ଦିନ କାଟୁଛନ୍ତି। ବିପନ୍ନଙ୍କ ତାଲିକା ପ୍ରସ୍ତୁତିରେ ତ୍ରୁଟି ଯୋଗୁ ଏଭଳି ଅସୁବିଧା ଉପୁଜିଥିବା ସେମାନେ ଅଭିଯୋଗ କରିଛନ୍ତି। ଉଦାହରଣ ସ୍ୱରୂପ, ସ୍ୱାଇଁଖଣ୍ଡ ପଞ୍ଚାୟତର ୧୬୨୩ ପରିବାର ରିଲିଫ ପାଇବାକୁ ତାଲିକା ପ୍ରସ୍ତୁତ କରାଯାଇଥିଲା। ମାତ୍ର ଗୋଟିଏ ପରିବାରକୁ ୨ଥର ୫୦ କି.ଗ୍ରା. ଲେଖାଏଁ ଚାଉଳ ବଣ୍ଟନ କରାଯାଇଥିବା ଦର୍ଶାଯାଇ ୫୦ ବସ୍ତା ଚାଉଳ ହେରଫେର କରାଯାଇଛି ବୋଲି ଅଭିଯୋଗକାରୀମାନେ କହିଛନ୍ତି। ଫଳରେ ରିଲିଫ ବଣ୍ଟନରେ ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ମାମଲା

**କ୍ରାଇମବ୍ରାଞ୍ଚ ପକ୍ଷରୁ ସତ୍ୟପାଠ ଦାଖଲ**

**କଟକ ଅଫିସ**-ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ମାମଲାରେ ସୋମବାର କ୍ରାଇମବ୍ରାଞ୍ଚ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କୁ ଜେରା କରାଯିବା ସହ ଅଭିଯୁକ୍ତମାନଙ୍କ ବୟାନ ମଧ ରେକର୍ଡ କରାଯାଇଛି। ବୟାନର ସତ୍ୟାସତ୍ୟ ଜାଣିବା ଲାଗି ପଲିଗ୍ରାଫ ଟେଷ୍ଟ ସରିଛି। କେବଳ ଟେଷ୍ଟ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ସତ୍ୟପାଠରେ ଉଲ୍ଲେଖ ରହିଛି। ଏ ସଂକ୍ରାନ୍ତରେ ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ ଏବଂ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୧୪ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

# 'କାର୍ତ୍ତିକ ଶେଷ ଯାଏ ଦର୍ଶନ ବନ୍ଦ ରହୁ'

**ଶ୍ରୀମନ୍ଦିର ଖୋଲିବା ପ୍ରସଙ୍ଗ**
- ମୁଖ୍ୟ ପ୍ରଶାସକଙ୍କୁ ମତ ଜଣାଇଲେ ସେବାୟତ
- ଦର୍ଶନ ବ୍ୟବସ୍ଥା ପାଇଁ ଛତିଶା ନିଯୋଗ ନାୟକଙ୍କ ପ୍ରସ୍ତାବ

**ପୁରୀ ଅଫିସ, ୧୨।୧୦**

କରୋନା ପାଇଁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ମାତ୍ର ରାଜ୍ୟର ବିଭିନ୍ନ ଧାର୍ମିକସ୍ଥଳୀ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ଖୋଲିବା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା ଚଳାଇଛନ୍ତି। ଗତ ୯ତାରିଖରେ ପ୍ରଥମ ବୈଠକ ସରିଥିବାବେଳେ ସୋମବାର ଦ୍ୱିତୀୟ ଭର୍ଚ୍ଚୁଆଲ ମିଟିଂ ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର କାର୍ତ୍ତିକ ମାସ ପ୍ରାରମ୍ଭରୁ ପର୍ଯ୍ୟାୟକ୍ରମେ ଦର୍ଶନ ବ୍ୟବସ୍ଥା ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛନ୍ତି। ମାତ୍ର ଅନ୍ୟମାନେ ସାମ୍ପ୍ରତିକ ସ୍ଥିତିରେ ଶ୍ରୀମନ୍ଦିର ନ ଖୋଲିବା ପାଇଁ ମତ ରଖିଛନ୍ତି। ଜୀବନ ଆଗ, ଜୀବିକା ପଛ। ଭକ୍ତଙ୍କୁ ମନ୍ଦିର ପ୍ରବେଶ ଅନୁମତି ମିଳିଲେ ଯଦି କରୋନା ସଂକ୍ରମଣ ବୃଦ୍ଧି ପାଏ ତେବେ ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଭାବିତ ହେବ ବୋଲି ସେମାନେ କହିଛନ୍ତି।

ବୈଠକରେ ବିଭିନ୍ନ ସେବାୟତ ନିଯୋଗ (ପୁଷ୍ପାଳକ, ମହାଜନ, ଗରାବଡୁ, ବିମାନବଡୁ, ବଡୁ ସୁଆର) କର୍ମକର୍ତ୍ତାଙ୍କ ସହ ଛତିଶା ନିଯୋଗ ନାୟକ, ଭିତରଛ ମହାପାତ୍ର, ତଳୁଛ ମହାପାତ୍ର, ପତିମହାପାତ୍ର, ଦେଉଳକରଣ, ତଢ଼ାଉକରଣ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମତ ରଖିଥିଲେ। କେବଳ ଛତିଶା ନିଯୋଗ ନାୟକ କାର୍ତ୍ତିକ ମାସରୁ କୋଭିଡ୍ ଗାଇଡ଼ଲାଇନ ମାନି ଦର୍ଶନ ବ୍ୟବସ୍ଥା ଆରମ୍ଭ ଲାଗି ପ୍ରସ୍ତାବ ଦେଇଥିଲେ। ପ୍ରଥମେ ସେବାୟତ ପରିବାରର ମହିଳା, ତା' ପରେ ପୁରୀ ବାସିନ୍ଦା ଏବଂ ପରେ ବାହାର ଭକ୍ତଙ୍କୁ ଦର୍ଶନ ସୁଯୋଗ ଦେବାକୁ ସେ କହିଥିଲେ। କିନ୍ତୁ ଅନ୍ୟମାନେ ସାମ୍ପ୍ରତିକ ସ୍ଥିତିରେ ଶ୍ରୀମନ୍ଦିର ଖୋଲିବାକୁ ମନା କରିଥିଲେ। କାର୍ତ୍ତିକ ମାସ ତଥା ନାଗାର୍ଜୁନ ବେଶ ଶେଷ ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରଖାଯାଉ। ଏହାପରେ କରୋନା ସ୍ଥିତି ଦେଖି ଛତିଶା ନିଯୋଗ ଏବଂ ପରିଚାଳନା କମିଟି ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଉ ବୋଲି ସେମାନେ କହିଥିଲେ। ସ୍ୱତନ୍ତ୍ର ଅନୁଦାନ ବୃଦ୍ଧି ସହ ଚତୁର୍ଥ ପର୍ଯ୍ୟାୟ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା ପାଇଁ ମୁଖ୍ୟ ପ୍ରଶାସକଙ୍କୁ ସେବାୟତମାନେ ଜଣାଇଛନ୍ତି। ମଙ୍ଗଳବାରଠାରୁ ଅନ୍ୟ ସେବାୟତ ନିଯୋଗ ସହ ଆହୁରି ୪ଦିନ ଧରି ବୈଠକ ଚାଲିବ। ସମସ୍ତଙ୍କ ମତାମତ ସଂଗ୍ରହ ପରେ ପରିଚାଳନା କମିଟିରେ ଏହାକୁ ଉପସ୍ଥାପନ କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ପ୍ଲାଜ୍‌ମା ଦାନ କରିବେ ୮ ଯୁବ ସେବାୟତ

**ପୁରୀ ଅଫିସ,୧୨।୧୦:**

ମହାମାରୀ କରୋନା ସହିତ ଲଢେଇ କରି ବିଜୟୀ ହୋଇଥିବା ୮ଜଣ ଯୁବ ସେବାୟତ ପ୍ଲାଜ୍‌ମା ଦାନ କରିବେ। କରୋନା ଆକ୍ରାନ୍ତଙ୍କ କ୍ଷେତ୍ରରେ ପ୍ଲାଜ୍‌ମା ଚିକିତ୍ସା ବେଶ୍ ସଫଳ ହେଉଥିବାରୁ ଅନ୍ୟମାନଙ୍କ ଜୀବନ ରକ୍ଷା ପାଇଁ ଏମାନେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ଲାଜ୍‌ମା ଦାନ ପୂର୍ବରୁ ଆବଶ୍ୟକ ଅନ୍ୟାନ୍ୟ ପରୀକ୍ଷା ଲାଗି ସୋମବାର ସମସ୍ତଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ପରୀକ୍ଷା ପରେ ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କଠାରୁ ପ୍ଲାଜ୍‌ମା ସଂଗ୍ରହ କରାଯିବ ବୋଲି ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି। ତିଆଡ଼ିଙ୍କ ସୂଚନା ମୁତାବକ, ତାଙ୍କ ସହ ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡାଙ୍କ ସମେତ ସୁନୀଲ ଖୁଣ୍ଟିଆ, ଜଗଦୀଶ ଦାସ ମହାପାତ୍ର, ଦୀପକ କୁମାର ଦାସମହାପାତ୍ର, ଚନ୍ଦ୍ରକାନ୍ତ ଦାସମହାପାତ୍ର, ଆଶୁତୋଷ ମହାପାତ୍ର ଏବଂ କଳିଯୁଗ ହରେକୃଷ୍ଣ ପ୍ରତିହାରୀ ପ୍ଲାଜ୍‌ମା ଦାନ କରିବେ। ଉପଜିଲାପାଳ ଭବତାରଣ ସାହୁ ଏ ନେଇ ସମସ୍ତ ପ୍ରକ୍ରିୟାର ଅନୁଧାନ କରିବେ। ଏଥିପାଇଁ ସେମାନଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି।

**PARADIP PORT TRUST**
**e-TENDERING NOTICE**
No. EM/MM/PE/56/2020/212
Date: 01/10/2020
Online tenders in three bid system i.e. (1) EMD Bid (2) Technical Bid (3) Price Bid (item Wise Rate) are invited from interested bidders for supply of **Electrical Items**. The last date and time of submission of the tender is 17.15 Hours on Dt. 28.10.2020. For details log on to Website: https://eprocure.gov.in/eprocure/app.
Sr. Dy. Materials Manager
PPT/PR/251/20-21 Dt. 12/10/2020

# ଓଜେଇଇ ଆରମ୍ଭ

**ପ୍ରଥମ ଦିନରେ ୭୧% ଛାତ୍ରୀଛାତ୍ର ପରୀକ୍ଷା ଦେଲେ**



ଭୁବନେଶ୍ୱରର ଏକ ପରୀକ୍ଷା କେନ୍ଦ୍ରରୁ ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କୁ ଅଣାଯାଉଛି।

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ସୋମବାରଠାରୁ ଆରମ୍ଭ ହୋଇଛି। କରୋନା ପାଇଁ ଏଥର ଓଜେଇଇ ଅହେତୁକ ବିଳମ୍ବରେ ହୋଇଛି। ତେବେ ପ୍ରଥମ ଦିନରେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ପରୀକ୍ଷା ସୁରୁଖୁରୁରେ ଶେଷ ହୋଇଛି। ଓଡ଼ିଶାର ୨୧ ସହରର ୫୦ଟି ଏବଂ କୋଲକାତା ସମେତ ଝାଡ଼ଖଣ୍ଡର ରାଞ୍ଚି ଓ ବିହାରର ପାଟଣା ସହରରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ଏକା ସମୟରେ ପରୀକ୍ଷା ଆରମ୍ଭ ହୋଇଛି। ୧୦,୭୧୭ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିବାବେଳେ ୭,୬୩୩ ବା ୭୧% ଉପସ୍ଥାନ ରହିଥିବା ଓଜେଇଇ ଅଧ୍ୟକ୍ଷ ସୁଦୀପ୍ କୁମାର ଚାନ୍ଦ କହିଛନ୍ତି। ତିନୋଟି ସିଫ୍ଟରେ ପରୀକ୍ଷା ହୋଇଥିଲା। ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ସମୟରେ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ପ୍ରବେଶ ପଥ ଓ ବିଭିନ୍ନ ସ୍ଥାନରେ ସାନିଟାଇଜର ବ୍ୟବସ୍ଥା ରହିଥିଲା। ପରୀକ୍ଷାର୍ଥୀଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଥିଲା। ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଓଜେଇଇ ଚାଲିବ।

**OFFICE OF THE EXECUTIVE ENGINEER, RURAL WORKS DIVISION No.-I, KEONJHAR**
**"e" Procurement Notice for Road Works**
No. O-451
Identification No. Online NCB - 03/2020-21

1. Name of the Work : As per Annexure in Website
2. Total Number of Work : As per Annexure in Website
3. Estimated Cost : As per Annexure in Website
4. Class of Contractor : As per Annexure in Website
5. Period of Completion : As per Annexure in Website

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender Clarification | Date & time of Opening of Tender in O/o. the E.E.R.W. Division-I, Keonjhar | Date & time of Lottery (In case need to be conducted) |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-I, Keonjhar | Road Works N.C.B. No.-03/2020-21 | Dt.13.10.2020 at 11.00 A.M. | Dt.27.10.2020 upto 5.00 P.M. | Dt.27.10.2020 at 12.00 P.M. | Dt.29.10.2020 at 11.00 A.M. | Dt.03.11.2020 at 11.00 A.M. |

Further details can be seen from the website **www.tenderorissa.gov.in**.
Executive Engineer, R.W. Division, Keonjhar
OIPR-25110/11/0005/2021

GOVERNMENT OF ODISHA
**OFFICE OF THE EXECUTIVE ENGINEER, RURAL WORKS DIVISION, KESINGHA**
E-mail: eerwkesinga@yahoo.com
**e-Procurement Notice**
No. O-449
BID IDENTIFICATION NO. EERWKSNG-Online-06/2020-21

1. Name of works : 1 No. Road
2. Total No. of Work : 1 No.
3. Estimated Cost : Please refer DTCN
4. E.M.D. : 1% of Estiamted Cost
5. Cost of Tender Document : Please refer DTCN
6. Class of Contractor : Please refer DTCN
7. Period of Completion : As per DTCN
8. Other details : As per DTCN

| Procurement Officer | Bid Identification No. | Availability of Tender Online for Bdding | | Last date & time of seeking tender clairifcation | Date & time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | EERWKSNG-Online-06/2020-21 | 13.10.2020 at 11.00 A.M. | 22.10.2020 upto 5.00 P.M. | 22.10.2020 upto 11.00 A.M. | 27.10.2020 at 11.00 A.M. |

Further details can be seen from the website i.e. **www.tenderodisha.gov.in**.
Sd./- Executive Engineer, Rural Works Division, Kesinga
OIPR-25153/11/0004/2021

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES
**REQUEST FOR PROPOSAL FOR ENGAGEMENT OF MINE DEVELOPER CUM OPERATOR (MDO) FOR GANDHAMARDAN (BLOCK A AND B) IRON ORE MINES IN THE KEONJHAR DISTRICT OF ODISHA**
(RfP No. 01/OMC/Proj/20 dated 13.10.2020)
No. CAD-578: OMC invites proposals from experienced Mine Developer cum Operators for development, operation and maintenance and carrying out production and dispatch of Iron Ore from each of the Gandhamardan (Block A and B) Iron Ore Mines, located in the Keonjhar district of Odisha, with a total Peak Rated Capacity of 9.47MTPA.
The e-NIT is freely available on the portal of MSTC Limited **(www.mstcecommerce.com/eprochome/omc)** and website of The Odisha Mining Corporation Limited **(http://www.omcltd.in)**.
The Bid documents can be downloaded from the portal of MSTC Limited from 14.10.2020 after registration on the portal of MSTC Limited upon payment of the Bid Document Cost of **INR 5,00,000/- (Rupees Five Lakhs only)** plus applicable GST.
Bid Due Date: 14.12.2020
Any further communications, amendments, etc. will be uploaded on the above portal of MSTC Limited. OMC reserves the right to reject any or all Bids without assigning any reason whatsoever.
**Nodal officer for this Bidding Process:**
L. K. Prusty, General Manager (Project), OMC
Phone No. 0674-2377484 / 0674-2501104
E-mail: **lkprusty@odishamining.in; lkp.omc@gmail.com**
Sd./- General Manager (Projects)
OIPR-30005/11/0086/2021

**DIRECTORATE OF MEDICAL EDUCATION & TRAINING, ODISHA**
No. 16064 **NOTICE** Dt. 12.10.2020
No. E-300:- ଏତଦ୍ୱାରା ସମସ୍ତ Candidate/ ଅଭିଭାବକମାନଙ୍କୁ ଜଣାଇଦିଆଯାଉଅଛି ଏହିକି ଯେ କିଛି ଅସାଧୁ ବ୍ୟକ୍ତି Candidateଙ୍କୁ ସରକାରୀ ନର୍ସିଙ୍ଗ୍ ସ୍କୁଲ ଓ କଲେଜଗୁଡ଼ିକରେ ସିଟ୍ କରେଇଦେବା କହି ଅର୍ଥ ଦାବି କରୁଛନ୍ତି। ଏହା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସମସ୍ତଙ୍କୁ ଅନୁରୋଧ କରାଯାଉଅଛି କି ସେମାନେ ଏପରି ବ୍ୟକ୍ତିମାନଙ୍କ ପ୍ରରୋଚନାରେ ନ ଆସନ୍ତୁ। ଏହା ପରେ ଯଦି କୌଣସି ଅଭିଭାବକ ଏପରି ଠକାମିର ଶିକାର ହୁଅନ୍ତି ତେବେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଯଦି ଏହିପରି କିଛି ନଜରକୁ ଆସେ ତେବେ ୯୪୩୯୯୯୧୨୪୭ ନମ୍ବରରେ ଯୋଗାଯୋଗ କରନ୍ତୁ।
Sd./- Convener, State Nursing Selection Committee, Odisha
OIPR-10016/11/0018/2021

**ZILLA SWASTHYA SAMITI, BARGARH**
**TENDER CALL NOTICE**
Advt. No. 24/NHM, BARGARH/2020-21 Date: 12.10.2020
Sealed tenders are invited from reputed firms/manufacturer/dealers/trader having valid PAN and GST No. for supply of following items to the Office of CDM&PHO, Bargarh.

| Sl. No. | Name of the Item | Details of item along with Technical Specification/eligibility criteria/terms & conditions is available in annexure |
|---|---|---|
| 01 | Office Furniture | Pls. refer Annexure No. I, II, VI & VII and Cover - B for Finance Bid |
| 02 | Office Stationery | Pls. refer Annexure No. I, III, VI & VII and Cover - B for Finance Bid |
| 03 | Supply of Lunch/ Meal | Pls. refer Annexure No. I, IV, VI & VII and Cover - B for Finance Bid |
| 04 | Electrical/ Electronic Items | Pls. refer Annexure No. I, V, VI & VII and Cover - B for Finance Bid |

Sealed quotation must reach to the office of the undersigned on or before Dt.04.11.2020 upto 4.00 P.M. either through **Speed Post/Registered Post/Courier** only and will be opened on Dt.05.11.2020 at 11.30 A.M. The bidders can download the tender documents directly from the district website **www.bargarh.nic.in** along with terms & conditions and technical specifications. The authority reserves the right to accept or reject any or all the bids without assigning any reasons thereof. The authroity will not be responsible for any postal dealy.
Sd./- Chief District Medical & Public Health Officer, Bargarh

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES
No. CAD-577
**E-PROCUREMENT NOTICE**
NIT No. OMC/e-PROC/CMC/20/2020 Dated: 12.10.2020

| | | |
|---|---|---|
| 1 | Name of work | Engagement of agency to provide professional manpower at various locations of OMC |
| 2 | Availability of tender documents on the e-tendering portal of Government of Odisha | Date: 15.10.2020, Time: 2.00 PM |
| 3 | Last date for sending queries to OMC | Date: 27.10.2020, Time: 5.00 P.M., queries may be sent by email to **mrkar@odishamining.in**, **cmc@odishamining.in** |
| 4 | Pre-bid Meeting | Date: 05.11.2020, Time: 3.30 P.M., Venue: Through VC |
| 5 | Issue of responses to pre-bid queries, addendum/ corrigendum, if required | Date: 10.11.2020 |
| 6 | Last date for Bid Submission | Date: 19.11.2020, Time: 3.30 P.M. |
| 7 | Opening of Techno-Commercial Bid | Date: 19.11.2020, Time: 5.00 P.M. |
| 8 | Opening of Price Bid | To be informed to the Technically Qualified Bidders |
| 9 | Tender Paper Fee (Non-refundable) including GST | Amount: INR 11,800/- (Rupees eleven thousand eight hundred only) including GST @ 18%, Payable Online on the e-tender portal of Government of Odisha **(www.tendersodisha.gov.in)**. |
| 10 | Earnest Money Deposit (EMD) | INR 6,40,000/- (Rupees six lakh and forty thousand only). Payable online on the e-tender portal of Government of Odisha **(www.tendersodisha.gov.in)** |

All other details can be seen from the tender document available on the e-procurement portal of the Government of Odisha **(www.tendersodisha.gov.in)** and on the website of OMC **(www.omcltd.in)**. OMC reserves the right to reject any or all bids without assigning any reason thereof.
Sd./- CGM (Material)
Head Contracts & Procurement
OIPR-30005/11/0085/2021

# ସିଏଜି ରିପୋର୍ଟ ନେଇ ସରକାରଙ୍କ ଉପରେ ବର୍ଷିଲା ଭାଜପା

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)**

ରାଜ୍ୟ ସରକାର ବିଭିନ୍ନ ବିଭାଗ ଅର୍ଥ ହେରଫେର କରିଛନ୍ତି ବୋଲି ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି । ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ କରିବାରେ ବିଳମ୍ବ ହୋଇଥିବାରୁ ୨୦୧୬-୧୭ ଏବଂ ୨୦୧୮-୧୯ରେ ୪୫,୩୪୦ କୋଟି ଏବଂ ୨୯,୧୩୮ କୋଟି ଟଙ୍କାର ୟୁସି ବାକି ପଡିଛି। ସରକାରଙ୍କ ବିଭିନ୍ନ ବିଭାଗର ଅଡିଟ ବେଳେ ସିଏଜି ୯୬୪ କୋଟି ୩୩ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ଚୋରି, ତୋଷାରପାତ, ଅପବ୍ୟବହାର ଭଳି ଗୁରୁତର ଅନିୟମିତତା ହୋଇଛି ବୋଲି ଦର୍ଶାଇଛନ୍ତି। ସିଏଜି ରିପୋର୍ଟ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୋମବାର ଅଭିଯୋଗ କରିଛନ୍ତି । ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ରାଜସ୍ୱ ବିପର୍ଯ୍ୟୟ ବିଭାଗରେ ସର୍ବାଧିକ ୨୪୪.୮୩ କୋଟି, ଗ୍ରାମ ଉନ୍ନୟନରେ ୧୧୫.୮୬ କୋଟି, ପଞ୍ଚାୟତିରାଜ ବିଭାଗରେ ୧୬୦.୯୫ କୋଟି, ନଗରଉନ୍ନୟନ ବିଭାଗର ୭୯.୮୬ କୋଟି, ଗୃହ ବିଭାଗର ୮୬.୦୭ କୋଟି ଟଙ୍କାର ହିସାବ ସରକାର ଦେଇନାହାନ୍ତି। ୨୦୧୭ ଫେବୃଆରୀରୁ ୨୦୧୮ ଜୁଲାଇ ମଧ୍ୟରେ ହୋଇଥିବା ଅଡିଟ୍ ବେଳେ ୭ ବିଭାଗ ଅଧୀନରେ ରହିଥିବା କାର୍ଯ୍ୟାଳୟ ଦ୍ୱାରା ଖର୍ଚ୍ଚ ହୋଇଥିବା ୧୭.୦୩ କୋଟି ଟଙ୍କାର ଭାଉଚର ଉପଲବ୍ଧ କରାଯାଇ ନ ଥିଲା। କେବଳ ସେତିକି ନୁହେଁ ଗରିବଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ଆଳରେ ଅନେକ ଅର୍ଥ ଆତ୍ମସାତ କରାଯାଇଛି। ପରୀକ୍ଷାମୂଳକଭାବେ ୯ ପଞ୍ଚାୟତ ସମିତିରେ ମଧୁବାବୁ ପେନସନ ଯୋଜନାରେ ୭୨ ଗାଁର ୧୫୦ ମୃତ ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତ୍ତାକୁ ଆତ୍ମସାତ୍ କରାଯାଇଛି ବୋଲି ଗୋଲକ ଅଭିଯୋଗ କରିଛନ୍ତି ।

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED (Reg. No. Reg.No.3367) (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ ଏବଂ 40% ଛାଡ ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ 2th floor, Krishna Reddy, Mumbai, Maharastra 8480089848

ବ୍ୟାକରୀ ଧ୍ୟାନ ଦିଅନ୍ତୁ !! SHREE KRISHNA FINANCE ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।। ୦% ସୁଧ ୫୦%ଛାଡ । ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା Mahaveer Nagar, Lewis Road, Bangalore 8765994255 7206213932

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) CAPITAL FINANCE ୧୯୮୨ରୁ ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ (Reg.No.AND6590B001) ମାର୍କସିଟ, ହୋମଲୋନ, ପର୍ସନାଲ, ସମ୍ପତି, ଆଧାରକାର୍ଡ, ପଶୁପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ ଏବଂ 40% ଛାଡ ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି 2th floor, Krishna Reddy, Mumbai, Maharastra 8765102561

BIDIKA FINANCE ସମସ୍ତ ପ୍ରକାର LOAN ପାଇଁ ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ । LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ । Bausnpola, Bijepur, Bargarh 7656825220 7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା Bhava Institute Of Medical Science & Research G.N.M ଷ୍ଟାଫ୍ ନର୍ସ Duration : 3 Year, Eligibility : +2 Pass (Any Stream) 40% Mark A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ Duration : 2 Year, Eligibility : +2 Pass (Any Stream) Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍ Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍ X-Ray Technician ଏକ୍ସରେ ଟେକ୍ନିସିଆନ୍ ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା Plot - 1480, I.R.C. Village, Bhubaneswar - 15 Phone : 0674 - 2553122, 8456845313, 9040009727 (M)

FINANCE ବାଲାଜୀ ଫାଇନାନ୍ସ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ । ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା Mahaveer Nagar, Lewis Road, Bangalore 7325861595

RIDHI FINANCE ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ ସବୁ ଯୋଜନା ଅଧୀନରେ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ 50% ଛାଡ଼ 1% ସୁଧ କମ୍ ସୁଧ ହାରରେ ଋଣ ମିଳିବ ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 9310078574 9310051634 Email : ltfinanceodisha@gmail.com

Hindustan Tower Group (ପଞ୍ଜୀକୃତ) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ । 90 ଲକ୍ଷ ଆଡଭାନ୍ସ, 60,000 ଭଡ଼ା + ବାଇକ୍ + ଅନ୍ୟାନ୍ୟ ସୁବିଧା । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ 9473618663

AMBA Finance ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ ଆଡି ସମସ୍ତ ଲୋନ ଘରେବସି ପାଆନ୍ତୁ 2% ସୁଧ 50% ଛାଡ (ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ) Lane No - 5, MG Road, Bangalore 9667721447

ବାବା ଅମିଲ୍ ସୁଫି ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ ୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ A To Z Problem Solution କଳାଯାଦୁର ଅଧିକାରୀ 7503449786 8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day) for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

**ହାଇକୋର୍ଟରେ ହାଜର ହେଲେ ହାଥ୍‌ରସ ପୀଡ଼ିତାଙ୍କ ପରିବାର**

ଉତ୍ତରପ୍ରଦେଶର ହାଥ୍‌ରସ ଗଣବଳାତ୍କାର ଘଟଣାରେ ପୀଡ଼ିତାଙ୍କ ପରିବାର ସଦସ୍ୟ ଆଲ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚରେ ହାଜର ହୋଇଛନ୍ତି। କଡ଼ା ସୁରକ୍ଷାବଳୟ ମଧ୍ୟରେ ପୀଡ଼ିତାଙ୍କ ବାପା-ମା’, ୩ ଭାଇଙ୍କୁ ଅଣାଯାଇଥିଲା। ସମନ ମୁତାବକ ଉତ୍ତରପ୍ରଦେଶର ଅତିରିକ୍ତ ମୁଖ୍ୟ ସଚିବ, ଡିଜିପି ଓ ଏଡିଜିଙ୍କ ସହ ହାଥ୍‌ରସ ଡିଏମ୍ ଓ ଏସ୍‌ପି ମଧ୍ୟ ହାଇକୋର୍ଟରେ ହାଜର ହୋଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ପୀଡ଼ିତାଙ୍କ ମୃତଦେହ ରାତିଅଧରେ ପୋଡ଼ାଯାଇଥିବା ଡିଏମ୍ କୋର୍ଟଙ୍କୁ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨ରେ ହେବ।

## ସଂକ୍ଷେପରେ

### ‘ନିର୍ଭୟ’ ପରୀକ୍ଷଣ ସ୍ଥଗିତ



**ବାଲେଶ୍ୱର ଅଫିସ, ୧୨।୧୦:** ଡିଆରଡିଓ ପକ୍ଷରୁ ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ନମ୍ବର ଲଞ୍ଚପ୍ୟାଡ୍‌ରୁ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟା ବେଳେ କ୍ଷେପଣାସ୍ତ୍ର ‘ନିର୍ଭୟ’ର ପରୀକ୍ଷଣ କରାଯାଇଥଲା। ମାତ୍ର ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହେବାରୁ ୮ମିନିଟ୍ ମଧ୍ୟରେ ପରୀକ୍ଷଣକୁ ସ୍ଥଗିତ ରଖାଯାଇଥିଲା। ଆଗାମୀ କିଛି ମାସ ମଧ୍ୟରେ ଏହାର ପୁନଃ ପରୀକ୍ଷଣ କରାଯିବ। ପରୀକ୍ଷଣ ସଫଳ ହେବା ପରେ ଏହି କ୍ଷେପଣାସ୍ତ୍ରକୁ ସେନାରେ ସାମିଲ କରାଯିବ ବୋଲି ଡିଆର୍‌ଡିଓର ଜଣେ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ୧ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରଖିଥିବା ଏହି କ୍ଷେପଣାସ୍ତ୍ରର ଦୈର୍ଘ୍ୟ ୬ମିଟର, ବ୍ୟାସ ୦.୫୨ ବା ୧.୭ ଫୁଟ୍ ରହିଛି।

### ୧୭ରୁ ମା’ବିରଜାଙ୍କ ରଥଯାତ୍ରା

**ଯାଜପୁର ଟାଉନ, ୧୨।୧୦ (ଡି.ଏନ୍.ଏ.):** ଯାଜପୁରର ଅଧିଷ୍ଠାତ୍ରୀ ମା’ ବିରଜାଙ୍କ ରଥଯାତ୍ରା ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ। ରଥଯାତ୍ରା ସପକ୍ଷରେ ହାଇକୋର୍ଟଙ୍କ ନିଷ୍ପତ୍ତି ପରେ ସୋମବାର ଜିଲା ପ୍ରଶାସନ ଓ ମନ୍ଦିର ସେବାୟତଙ୍କ ଉପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୋଭିଡ୍-୧୯ କଟକଣା ମାନି ରଥଯାତ୍ରା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତା ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ରଥଯାତ୍ରା ହେବ। ଏହା ପୂର୍ବରୁ ୩ଟି ପର୍ଯ୍ୟାୟରେ ସମସ୍ତ ସେବାୟତଙ୍କ କରୋନା ଟେଷ୍ଟ କରାଯିବ। ରଥଯାତ୍ରା ସମୟରେ ମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଲାଗୁ ହେବ। କେବଳ ପୋଲିସ ଓ ସେବାୟତ ମା’ଙ୍କ ରଥ ଟାଣିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି ଓ ଶାନ୍ତିଶୃଙ୍ଖଳାରେ ରଥଯାତ୍ରା ଶେଷ କରିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଏସ୍‌ପି ଚରଣ ସିଂ ମୀନା କହିଛନ୍ତି।

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନ ସହବନ୍ଧିତ ମହାବିଦ୍ୟାଳୟରେ ଅନୁଷ୍ଠିତ ପ୍ରଦର୍ଶନ କଳା(ବିପିଏ) ସ୍ନାତକ ପାଠ୍ୟକ୍ରମର ଦ୍ୱିତୀୟ, ଚତୁର୍ଥ ଓ ୬ଷ୍ଠ ସେମିଷ୍ଟର ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏହାସହ ଦୃଶ୍ୟକଳା(ବିଭିଏ) ସ୍ନାତକ ପାଠ୍ୟକ୍ରମର ଦ୍ୱିତୀୟ, ଚତୁର୍ଥ ଓ ୬ଷ୍ଠ ସେମିଷ୍ଟର ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇଛି। ବିପିଏ ଦ୍ୱିତୀୟ ସେମିଷ୍ଟରରେ ୧୫୨ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ଚତୁର୍ଥ ସେମିଷ୍ଟରରେ ୧୪୪ଜଣ ଏବଂ ୬ଷ୍ଠ ସେମିଷ୍ଟରରେ ୧୧୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଭିଏ ପାଠ୍ୟକ୍ରମର ଦ୍ୱିତୀୟ ସେମିଷ୍ଟର ପରୀକ୍ଷାରେ ୩୩୬ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଚତୁର୍ଥ ସେମିଷ୍ଟରରେ ୩୧୦ ଏବଂ ୬ଷ୍ଠ ସେମିଷ୍ଟରରେ ୨୧୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଥିବା ପରୀକ୍ଷା ନିୟନ୍ତ୍ରକ ମନୋଜ କୁମାର ଦାସ ସୂଚନା ଦେଇଛନ୍ତି।

### କରୋନା: ୨,୪୨୩ ଆକ୍ରାନ୍ତ, ଦିନକରେ ୧୮ ମୃତ

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ):** ରାଜ୍ୟରେ ଏବେ ଦୈନିକ କରୋନା ସଂକ୍ରମଣ କମିବାରେ ଲାଗିଛି। ସବୁଠୁ ହଟ୍‌ସ୍ପଟ୍ ଜିଲା କୁହାଯାଉଥିବା ଖୋର୍ଦ୍ଧାରେ ମଧ୍ୟ ଧୀରେ ଧୀରେ ପଜିଟିଭ୍ ସଂଖ୍ୟା କମୁଛି। କିନ୍ତୁ ଅନ୍ୟ କେତେକ ଜିଲାରେ ପୂର୍ବାପେକ୍ଷା ବଢ଼ିବାରେ ଲାଗିଛି। ଗତ ଦୁଇଦିନ ହେବ ଅନୁଗୋଳ ଜିଲାରେ ହଠାତ୍ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଶେଷ ୨୪ଘଣ୍ଟାରେ ରାଜ୍ୟରେ ୨,୪୨୩ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ସର୍ବାଧିକ ୩୫୯ଜଣ ରହିଛି। ଏହାତଳକୁ ଅନୁଗୋଳ ଜିଲାରୁ ୨୨୯ଜଣ ଚିହ୍ନଟ ହୋଇଛନ୍ତି। ପୂର୍ବଦିନ ମଧ୍ୟ ଏହି ଜିଲାରେ ଦୈନିକ ସଂକ୍ରମଣ ସଂଖ୍ୟା ୨୦୮ ଥିଲା। ସେହିଭଳି ସୁନ୍ଦରଗଡ଼ରୁ ୧୯୫, ମୟୂରଭଞ୍ଜ ୧୨୮, କଟକ ୧୧୮ଜଣ ରହିଥିବାବେଳେ ଅନ୍ୟ ଜିଲାରେ ସଂଖ୍ୟା ଶହେ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ୨,୫୪,୬୬୨କୁ ବୃଦ୍ଧି ପାଇଛି। ତେବେ ଗୋଟିଏ ଜିଲାରେ ସଂକ୍ରମଣ ରୋକିବାକୁ ଫୋକସ୍ କରାଯାଉଥିବାବେଳେ ଅନ୍ୟ ଜିଲାରେ ବ୍ୟାପୁଥିବାରୁ ଚିନ୍ତା ବଢ଼ିଛି। ଅନ୍ୟପଟେ ରାଜ୍ୟରେ କରୋନା ମୃତ୍ୟୁ ବଢ଼ି ଚାଲିଛି। ଦିନକରେ ଆଉ ୧୮ଜଣଙ୍କ ମୃତ୍ୟୁ ହୋଇଛି। ଫଳରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୦୪୦ରେ ପହଞ୍ଚିଛି। ସେପଟେ ସୋମବାର ଆଉ ୨,୫୭୭ ଆକ୍ରାନ୍ତ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି। ଏହାକୁ ମିଶାଇ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୨,୩୦,୧୯୨କୁ ବୃଦ୍ଧି ପାଇଛି।

# ମିଠାଦୋକାନୀଙ୍କୁ ହତ୍ୟା ପଛରେ ସୁପାରି

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)


ଗିରଫ ଅଭିଯୁକ୍ତ

- ୫୦ ହଜାର ଟଙ୍କାର ଡିଲ୍
- ଦୁଇ ସୁପାରି କିଲରଙ୍କ ସମେତ ୩ ଗିରଫ, ପୂର୍ବରୁ ୬ ଧରାପଡ଼ିଥିଲେ
- ଅମରେଶଙ୍କୁ ହତ୍ୟା କରିଥିବା ଗ୍ୟାଙ୍ଗ୍‌ର ସଦସ୍ୟ ହେଉଛନ୍ତି ଶ୍ରୀତିକ
- ଜେଲ୍ ଫେରନ୍ତା ରାଲି ମାମଲାରେ ଗିରଫ ହୋଇଥିଲେ

ଭୁବନେଶ୍ୱର ସାମନ୍ତରାପୁର ଛକରେ ମିଠା ଦୋକାନୀ ପ୍ରଭାକର ବେହେରାଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ହତ୍ୟା ପଛରେ ସୁପାରି କିଲରଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି। ମୁଖ୍ୟ ଅଭିଯୁକ୍ତ ତଥା ଦୁଇ ସୁପାରି କିଲରଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଟିମ୍ କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଅଞ୍ଚଳରୁ ଗିରଫ କରିବା ପରେ ଏହା ଜଣାପଡିଛି। ସେମାନେ ହଲେ ଶିଶୁପାଳଗଡ଼ର ଶ୍ରୀତିକ ବିଶ୍ୱାଳ ଓ ଆଶୁତୋଷ ମହାନ୍ତି। ଏହାସହ ସେମାନଙ୍କୁ ଲୁଚାଇ ରଖିଥିବା ଅଭିଜିତ୍ ସାହୁଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ଦୁଇଟି ବାଇକ୍ ଓ ଶାର୍ଟକୁ ପୋଲିସ ଜବତ କରିଥିବାବେଳେ ଓଡ଼ିଆଣୀ ଢାବା ପଛ ପଟୁ ଖଣ୍ଡା ମିଳିଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ପୂର୍ବରୁ ୫ଜଣ ଗିରଫ ହୋଇଥିବାବେଳେ ଜଣେ ଆତ୍ମସମର୍ପଣ କରିଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

ସେ କହିଛନ୍ତି, ମୃତ ପ୍ରଭାକର ସାମନ୍ତରାପୁର ଛକରେ ଥିବା ବଳରାମ ମିଠା ଦୋକାନରେ ମୁଖ୍ୟ ମିସ୍ତ୍ରିଭାବେ କାମ କରୁଥିଲେ। କୌଣସି କାରଣକୁ ନେଇ ପ୍ରଭାକର ଉକ୍ତ ଦୋକାନକୁ ଛାଡ଼ିଦେଇ ନିକଟରେ ପାଲଟାଣି ମିଠା ବ୍ୟବସାୟ କରିଥିଲେ। ଏହାକୁ ନେଇ ବଳରାମ ମିଠା ଦୋକାନୀଙ୍କ ସହ ପ୍ରଭାକରଙ୍କ ଶତ୍ରୁତା ହୋଇଥିଲା। ମିଠା ଦୋକାନୀଙ୍କ ନାତି ରାଜ କିଶୋର ବେହେରା ତାଙ୍କୁ ସେଠାରୁ ଉଠି ଯିବାକୁ ଧମକ ଦେବା ସହ କେତେଜଣ ସାଙ୍ଗଙ୍କ ସହଯୋଗରେ ତାଙ୍କ ଦୋକାନ ଭଙ୍ଗାରୁଜା କରିଥିଲେ। ଏନେଇ ଲିଙ୍ଗରାଜ ଥାନାରେ କ୍ଷତିପୂରଣ ବାବଦକୁ ପ୍ରଭାକରଙ୍କୁ ୧୦ ହଜାର ଟଙ୍କା ଦେବାପରେ ମାମଲା ସମାଧାନ ହୋଇଥିଲା। ଏହାପରେ ରାଜକିଶୋର ଓ ତାଙ୍କ ପରିବାର ସଦସ୍ୟ ତାଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ। ଏଥିପାଇଁ ଶ୍ରୀତିକ ଓ ଆଶୁତୋଷଙ୍କ ସହ ୫୦ ହଜାର ଟଙ୍କା ଡିଲ୍ ହୋଇଥିଲା। ପ୍ରଥମେ ଶ୍ରୀତିକ ୧୦ ହଜାର ଟଙ୍କା ଅଗ୍ରିମ ଆକାରରେ ନେଇଥିବାବେଳେ ହତ୍ୟା କରି ଫେରାର ସମୟରେ ଆଉ ୪୦ ହଜାର ନେବେ ଓ ଓକିଲ ଖର୍ଚ୍ଚ ବଳରାମ ମିଠାଦୋକାନୀ ବହନ କରିବେ ବୋଲି କଥା ଛିଣ୍ଡି ଥିଲା। ଗତ ୪ ତାରିଖ ଅପରାହ୍ନରେ ଆଶୁତୋଷ ଗାଡ଼ି ଚଳାଉଥିବାବେଳେ ଶ୍ରୀତିକ ଖଣ୍ଡାଧରି ଗାଡି ପଛରେ ବସିଥିଲେ। ପ୍ରଭାକର ଦୋକାନକୁ ଯାଉଥିବାବେଳେ ଶ୍ରୀତିକ ଖଣ୍ଡାରେ ହାଣି ହତ୍ୟା କର ଅଭିଜିତଙ୍କ ସହଯୋଗରେ ଲୁଚି ରହିଥିଲେ। ୮ ତାରିଖରେ ରାଜକିଶୋର କୋର୍ଟରେ ଆତ୍ମସମର୍ପଣ କରିଥିଲେ ଏବଂ ୯ରେ ଜେଜେ ବଳରାମ, ବାପା ଦିଲୀପ, ମା’ସସ୍ମିତା, ସୁରକ୍ଷା ଦାତା ରଞ୍ଜନ ବାରିକ ଓ ବିଶ୍ୱଜିତ ବାରିକଙ୍କୁ ପୋଲିସ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ଶ୍ରୀତିକ ଏୟାରଫିଲ୍ଡ ଥାନାଞ୍ଚଳରେ ଅମରେଶ ନାୟକଙ୍କୁ ହତ୍ୟା କରିଥିବା ଗ୍ୟାଙ୍ଗ୍‌ର ସଦସ୍ୟ। ଏହି ମାମଲାରେ ଜେଲରୁ ବାହାରିଥିବା ଅଭିଯୁକ୍ତଙ୍କୁ କୋଭିଡ଼ ନିୟମ ଭାଙ୍ଗି ରାଲିରେ ଆଣିବା ମାମଲାରେ ଶ୍ରୀତିକ ଗିରଫ ହୋଇଥିଲେ।

# ଭାଷା ଆଇନ ସମ୍ପର୍କରେ ଅବଗତ ନୁହନ୍ତି ଲୋକେ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

**ଏବେ ବି ଅବହେଳିତ ଓଡ଼ିଆ ଭାଷା**

ସରକାରୀ କାର୍ଯ୍ୟରେ ଏପର୍ଯ୍ୟନ୍ତ ଓଡ଼ିଆ ଭାଷାର ସମ୍ପୂର୍ଣ୍ଣ ବ୍ୟବହାର କରାଯାଉନାହିଁ। ଓଡ଼ିଆ ଭାଷାକୁ ଅଣଦେଖା କରାଯାଉଥିବା ନେଇ ବୁଦ୍ଧିଜୀବୀମାନେ ବାରମ୍ବାର ମତବ୍ୟକ୍ତ କରିଥିବାବେଳେ ସରକାର କେବଳ ଆଇନ ଆଣିଦେଇ ଚୁପ୍ ବସିଛନ୍ତି। ବଡ଼କଥା ହେଲା, ଓଡ଼ିଶା ସରକାରୀ ଭାଷା ଅଧିନିୟମ ସମ୍ପର୍କରେ ଅନେକେ ଅବଗତ ନାହାନ୍ତି। ତେଣୁ ଆଇନ ଉଲ୍ଲଂଘନ ହେଉଥିଲେ ମଧ୍ୟ ଅଭିଯୋଗ ଆସୁନି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶା ସରକାରୀ ଭାଷା ଅଧିନିୟମ ଉଲ୍ଲଂଘନ କରିଥିବା ଜଣେ ବି ବ୍ୟକ୍ତିଙ୍କ ନାମରେ ଅଭିଯୋଗ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇନି। ସରକାରୀ କର୍ମଚାରୀ ହୁଅନ୍ତୁ କି ବ୍ୟବସାୟିକ ପ୍ରତିଷ୍ଠାନ, କାହା ବିରୋଧରେ ଗୋଟିଏ ବି ମାମଲା ରୁଜୁ କରାଯାଇନାହିଁ କି ଦଣ୍ଡବିଧାନ ହୋଇନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ସମସ୍ତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରୁଛନ୍ତି। ୨୦୧୯ ଅଗଷ୍ଟ ୧୩ରେ ବିଭାଗ ପକ୍ଷରୁ ଜାରି ଅଧିସୂଚନା ଅନୁସାରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପର୍ଯ୍ୟାପ୍ତ ବ୍ୟବହାରରେ ବାରମ୍ବାର ଖିଲାପ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଓଡ଼ିଶା ବେସାମରିକ ସେବା ଅଧିନିୟମ-୧୯୬୨ ଅନ୍ତର୍ଗତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର କରୁଥିବା କର୍ମଚାରୀ ଓ ବିଭାଗକୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ହେଲେ ଓଡ଼ିଶା ସରକାରୀ ଭାଷା ଅଧିନିୟମ ଉଲ୍ଲଂଘନ ସମ୍ପର୍କିତ କୌଣସି ଅଭିଯୋଗ ଏପର୍ଯ୍ୟନ୍ତ ସାଧାରଣ ପ୍ରଶାସନ ବିଭାଗର ହସ୍ତଗତ ହୋଇନାହିଁ। ତେଣୁ କୌଣସି ସରକାରୀ କର୍ମଚାରୀଙ୍କୁ ଦଣ୍ଡିତ କରାଯାଇ ନାହିଁ କିମ୍ବା ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର କରୁଥିବା କର୍ମଚାରୀ ଓ ବିଭାଗକୁ ପୁରସ୍କୃତ ମଧ୍ୟ କରାଯାଇନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଏହାକୁ ନେଇ ଏବେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତ ରୂପ ନେଇଥିବାରୁ ପୁରୀ ସମୁଦ୍ର ସୋମବାର ଅଶାନ୍ତ ହୋଇପଡ଼ିଛି।

# ଜବାବ ଦାଖଲ ପାଇଁ ଅନୁଭବଙ୍କୁ ନୋଟିସ

କଟକ ଅଫିସ,୧୨।୧୦

**ଭରଣପୋଷଣ ମାମଲା**



ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ପାରିବାରିକ ବିବାଦକୁ ନେଇ କଟକ ସଦର ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା ଚାଲିଛି। ଭରଣପୋଷଣ ଦାବିରେ ବର୍ଷାଙ୍କ ପକ୍ଷରୁ ଉକ୍ତ ମାମଲା ରୁଜୁ କରାଯାଇଥିଲା। ସୋମବାର ଏହି ମାମଲାର ଶୁଣାଣି ହୋଇଛି। ଏ ନେଇ ଜବାବ ଦାଖଲ ପାଇଁ ଅନୁଭବଙ୍କୁ କୋର୍ଟ ନୋଟିସ ଜାରି କରିଛନ୍ତି। ଆସନ୍ତା ନଭେମ୍ବର ୧୨ରେ ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଲାଗି ତାରିଖ ଧାର୍ଯ୍ୟ ହୋଇଛି। ଅନ୍ୟପକ୍ଷରେ କଟକ ପରିବାର ଅଦାଲତରେ ବର୍ଷା ଯେଉଁ ମାମଲା ରୁଜୁ କରିଥିଲେ, ତାହାର ଶୁଣାଣି ଆସନ୍ତା ୧୪ ତାରିଖରେ ରହିଛି। ସୂଚନାଯୋଗ୍ୟ, ବର୍ଷା କଟକ ସଦର ଏସ୍‌ଡିଜେଏମ୍ କୋର୍ଟରେ ପ୍ରୋଟେକ୍ସନ ଅଫ୍ ଓମେନ ଫ୍ରମ୍ ଡୋମେଷ୍ଟିକ ଭାୟଲାନ୍ସ-୨୦୦୫ ଆକ୍ଟ ଆଧାରରେ ଏକ ଏତଲା ଦେଇଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ସ୍ୱାମୀ ଅନୁଭବ ଜଣେ ମଦ୍ୟପ। ସେ ଅନେକ ସମୟରେ ନିଜ ବନ୍ଧୁମାନଙ୍କୁ ଆଣି ଶୟନ କକ୍ଷରେ ବସାଇ ମଦ୍ୟପାନ କରାନ୍ତି। ବିବାହ ପରେ ଅନେକ ଚଳଚ୍ଚିତ୍ରରେ ଉଭୟ ଏକତ୍ର କାର୍ଯ୍ୟ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ପାରିଶ୍ରମିକ ପାଇନାହାନ୍ତି ବୋଲି ବର୍ଷା ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏ ନେଇ ଆଇପିସି ଦଫା ୧୨, ୧୭, ୧୮, ୧୯, ୨୦, ୨୨ରେ ମାମଲା ରୁଜୁ ହୋଇଥିଲା। ଭରଣପୋଷଣ ବାବଦକୁ ବର୍ଷା ୧୫କୋଟି ଟଙ୍କା ଦାବି କରିଥିଲେ। ଏଥିମଧ୍ୟରେ ମାସିକ ୨୦ହଜାର ଟଙ୍କା ଘରଭଡ଼ା, ୫୦ହଜାର ଟଙ୍କା ମାସିକ ଖର୍ଚ୍ଚ ଥିବାବେଳେ କ୍ଷତିପୂରଣ ବାବଦ ୧୩କୋଟି ଏବଂ ରୋଜଗାର ହରାଇଥିବାରୁ ୨କୋଟି ଟଙ୍କା ପାଇଁ ଦାବି ରହିଛି। ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରୋଟେକ୍ସନ ଅଫିସର ମଞ୍ଜୁଲତା ନାୟକ ବର୍ଷାଙ୍କ ବୟାନ ରେକର୍ଡ କରି କୋର୍ଟରେ ଦାଖଲ କରିଥିଲେ। ଅନ୍ୟପକ୍ଷରେ ଅନୁଭବ ମଧ୍ୟ ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଛାଡ଼ପତ୍ର ମାମଲା ରୁଜୁ କରିଛନ୍ତି। ଆସନ୍ତା ଡିସେମ୍ବର ୧୦ରେ ଏହାର ଶୁଣାଣି ରହିଛି।

# ଶିକ୍ଷାନୁଷ୍ଠାନର ୫କି.ମି. ମଧ୍ୟରେ ହେବ ଡିଇଏଲ୍‌ଇଡି ପରୀକ୍ଷା କେନ୍ଦ୍ର

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

- ନିଜ ଶିକ୍ଷା ପ୍ରତିଷ୍ଠାନରେ ରହିବାର ବ୍ୟବସ୍ଥା ହେବ
- ପରୀକ୍ଷା କେନ୍ଦ୍ର ନିଜେ ଚୟନ କରିପାରିବେ ଛାତ୍ରୀଛାତ୍ର
- ଛାତ୍ରୀଛାତ୍ରମାନେ ସହଯୋଗ କରିବାକୁ ନିବେଦନ

କରୋନା ପାଇଁ ଚଳିତ ବର୍ଷ ଡିଇଏଲ୍‌ଇଡି (ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେଶନ) ପରୀକ୍ଷାର୍ଥୀମାନେ ବାସସ୍ଥାନରୁ ଦୂରରେ ରହି ପରୀକ୍ଷା ଦେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ସେମାନେ ପାଠ ପଢୁଥିବା ଡିଆଇଇଟି/ଇଟିଇଆଇ/ଡିଆର୍‌ସି ଆଦି ଶିକ୍ଷା ପ୍ରତିଷ୍ଠାନ ସେମାନଙ୍କ ଘରଠାରୁ ବହୁ ଦୂରରେ ହୋଇଥିବାରୁ ପରୀକ୍ଷା ସମୟରେ ରହିବା ସମସ୍ୟାକୁ ନେଇ ବେଶ୍ ଚିନ୍ତିତ ହୋଇପଡିଛନ୍ତି। କେତେଜଣ ପରୀକ୍ଷାର୍ଥୀ ଅନ୍‌ଲାଇନ୍ ପରୀକ୍ଷା ପାଇଁ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ବୈଠକ ବସିଥିଲା। ଚଳିତ ବର୍ଷର ଡିଇଏଲ୍‌ଇଡିର ପରୀକ୍ଷା ସେଣ୍ଟରଗୁଡ଼ିକ ପ୍ରତି ଶିକ୍ଷା ପ୍ରତିଷ୍ଠାନର ୫ କି.ମି. ମଧ୍ୟରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପରୀକ୍ଷାର୍ଥୀମାନେ ପାଠ ପଢୁଥିବା ନିଜ ଡିଆଇଇଟି/ଇଟିଇଆଇ/ଡିଆର୍‌ସିରେ ଯଥାସମ୍ଭବ ରହିବାର ବ୍ୟବସ୍ଥା କରାଯିବ। ଯେଉଁ ପରୀକ୍ଷାର୍ଥୀମାନେ ଏହି ରହଣି ସୁବିଧା ଉପଲବ୍ଧ କରିବାକୁ ଚାହୁଁ ନ ଥିବେ, ସେମାନେ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରଗୁଡ଼ିକ ମଧ୍ୟରୁ କେଉଁଠି ସୁବିଧାରେ ପରୀକ୍ଷା ଦେଇପାରିବେ ସେ ବିଷୟରେ ନିଜ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଜଣାଇଲେ ସେଥିପାଇଁ ଅନୁମତି ଦିଆଯିବା ସହ ଆବଶ୍ୟକ ବ୍ୟବସ୍ଥା ହେବ। ଆସନ୍ତା ୧୮ ତାରିଖ ସୁଦ୍ଧା ପରୀକ୍ଷାକେନ୍ଦ୍ର ଚୟନ ନେଇ ଛାତ୍ରୀଛାତ୍ରମାନେ ଅପ୍‌ସନ ରଖିପାରିବେ। ଏ ନେଇ ବୋର୍ଡ ତରଫରୁ ଯଥାଶୀଘ୍ର ବିଜ୍ଞପ୍ତି ଜାରି କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।

ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଥର୍ମାଲ ସ୍କ୍ରିନିଂ ସହିତ ସାନିଟାଇଜେଶନର ବ୍ୟବସ୍ଥା କରାଯାଇ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁଯାୟୀ ପରୀକ୍ଷା ପରିଚାଳନା କରାଯିବ। ଆବଶ୍ୟକ ହେଲେ ପରୀକ୍ଷା ସୂଚୀରେ ସାମୟିକ ପରିବର୍ତ୍ତନ କରାଯାଇପାରେ।

ନଭେମ୍ବର ୪ରୁ ଏହି ପରୀକ୍ଷା ଆରମ୍ଭ ହେବ ଓ ପ୍ରାୟ ୧୩,୫୦୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷାକୁ ଅଫ୍‌ଲାଇନରେ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଅଖିଳ ଭାରତ ଛାତ୍ରସଂଘ ଓ ନିଖିଳ ଓଡ଼ିଶା ଡିଏଲ୍‌ଏଡ୍ ଛାତ୍ରସଂଘ ଏହାର ତୀବ୍ର ବିରୋଧ କରିଥିଲା। ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସୋମବାର ପ୍ରତିବାଦ କରାଯାଇଥିଲା।

# ବିଜେଡି ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

**ମୁଖ୍ୟମନ୍ତ୍ରୀଙ୍କୁ ଅପରାଜିତାଙ୍କ ଚିଠି**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଜନ୍ମଦିନ ପାଳନ ବେଳେ ଜନଗହଳି କରି ମାସ୍କ ନ ପିନ୍ଧିବା, ସାମାଜିକ ଦୂରତା ଉଲ୍ଲଂଘନ ଅଭିଯୋଗରେ ବିଏମ୍‌ସି ତାଙ୍କ କାର୍ଯ୍ୟାଳୟକୁ ସିଲ୍ କରିଛି। ଏହି ଘଟଣାକୁ ନେଇ ଅପରାଜିତା ବିଜେଡି ନେତାଙ୍କ ବିରୋଧରେ ପଲଟା ଅଭିଯୋଗ ଆଣି ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଅପରାଜିତା ଉଲ୍ଲେଖ କରିଛନ୍ତି, ତାଙ୍କର କୌଣସି ସହଯୋଗୀଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଯାଇ ନାହିଁ, ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ଅଫିସ ସିଲ୍ କରାଯାଇଛି। ବିଏମ୍‌ସି ତତ୍ପରତାକୁ ସେ ସ୍ୱାଗତ କରିବା ସହିତ ବିଜେଡି କ୍ଷେତ୍ରରେ କାହିଁକି ଏଭଳି ଆଭିମୁଖ୍ୟ ଗ୍ରହଣ କରିନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଅପରାଜିତା ଆହୁରି ଲେଖିଛନ୍ତି, ତାଙ୍କ ବିରୋଧରେ କେନ୍ଦ୍ରରେ ଫେରାଦ ହୋଇଥିବା ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଅନେକ ସମୟରେ କୋଭିଡ୍ ନିୟମ ଅନୁପାଳନ କରିନାହାନ୍ତି। ସାମାଜିକ ଗଣମାଧ୍ୟମରେ ଏନେଇ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଛି। ସ୍ୱର୍ଗଦ୍ୱାରରେ ପ୍ରଦୀପ ମହାରଥୀଙ୍କ ଶେଷକୃତ୍ୟ ସମୟରେ କରୋନା କଟକଣାକୁ ଫୁ କରିଦିଆଗଲା। ଏଥିରେ କରୋନାରେ ଆକ୍ରାନ୍ତ ଥିବା ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଜେଡି ସହିତ ସମ୍ପୃକ୍ତ ଥିବାରୁ ସେମାନଙ୍କ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନେବାରେ ପ୍ରଶାସନ ପଛଘୁଞ୍ଚା ଦେଲା ବୋଲି ଅପରାଜିତା ଅଭିଯୋଗ କରିଛନ୍ତି।

# ସାଢେ଼ ୪ ଫୁଟ ଉଚ୍ଚ ସିଂହ ମୂର୍ତ୍ତି ଗଢୁଛନ୍ତି ଅଶୋକ



ପୁରୀ ଅଫିସ, ୧୨।୧୦

**ମା’ ମଙ୍ଗଳାଙ୍କ ସିଂହବାହିନୀ ବେଶରେ ଲାଗିହେବ**

ଶାରଦୀୟ ଦୁର୍ଗାପୂଜାରେ କାକଟପୁରର ଅଧିଷ୍ଠାତ୍ରୀ ଠାକୁରାଣୀ ମା’ ମଙ୍ଗଳାଙ୍କ ସିଂହବାହିନୀ ବେଶ ପାଇଁ ପୁରୀରେ ଚାଲିଛି ସିଂହ ମୂର୍ତ୍ତି ନିର୍ମାଣ। ପଥୁରିଆ ସାହିର ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ଅଶୋକ କୁମାର ମହାପାତ୍ର ଏହି ମୂର୍ତ୍ତି ନିର୍ମାଣ କରୁଛନ୍ତି। ଗମ୍ଭାରୀ କାଠରେ ସାଢେ଼ ୪ ଫୁଟ ଉଚ୍ଚର ମୂର୍ତ୍ତି ତିଆରି ଚାଲିଛି। ଏ ନେଇ ଅଶୋକ କହିଛନ୍ତି, ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ତାଙ୍କୁ ସେପ୍ଟେମ୍ବର ୧୯ରେ ଅର୍ଡର ମିଳିଥିଲା। ବର୍ତ୍ତମାନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ପ୍ରାୟ ସାଢେ଼ ୭ ଶିଫ୍ଟ କାଠ ଲାଗିଛି। ସପ୍ତମୀରେ ଏହି ମୂର୍ତ୍ତି ନେବା ଲାଗି ମନ୍ଦିର ଟ୍ରଷ୍ଟ ବୋର୍ଡ କହିଛି। ସୂଚନାଥାଉ କି, ଅଶୋକ ପ୍ରାୟ ସାଢେ଼ ୩ଫୁଟ ଉଚ୍ଚର ଏକ ବୁଦ୍ଧ ଲୀଳା ମୂର୍ତ୍ତି ପାଇଁ ୨୦୦୩ରେ ଜାତୀୟ ପୁରସ୍କାର ପାଇଥିଲେ, ଯାହା ଏବେ କାନାଡ଼ା ମ୍ୟୁଜିୟମ୍‌ରେ ଶୋଭା ପାଉଛି। କେବଳ ଏହି ଗୋଟିଏ ନୁହେଁ ସେ ଏକାଧିକ ପୁରସ୍କାର ଏବଂ ସମ୍ମାନ ପାଇଛନ୍ତି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରଦୀପ ମହାରଥୀ**
(ପୂର୍ବତନ ବିଧାୟକ ତଥା ମନ୍ତ୍ରୀ, ଓଡ଼ିଶା)
ଆବିର୍ଭାବ: ୦୪।୦୭।୧୯୫୫
ତିରୋଧାନ: ୦୩।୧୦।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଭାଗୀରଥି ସାହୁ ଏବଂ ସଭାପତି ବିଜେଡି ପୂବାଶାସନ ଗ୍ରାମପଞ୍ଚାୟତ ଏବଂ ଦଳୀୟ କର୍ମୀ
ଧ-୬୯୫୬୨

**ଶ୍ରଦ୍ଧାଞ୍ଜଳି**



**ୱ ପ୍ରଫେସର ଡା. ଆଶିଷ କୁମାର ଦେ**
ବରିଷ୍ଠ ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଶେଷଜ୍ଞ
ଦେଉଳସାହି, ତୁଳସୀପୁର, କଟକ
ଆବିର୍ଭାବ-୧୨.୧୨.୧୯୩୨
ତିରୋଧାନ - ୦୨.୧୦.୨୦୨୦
ଆପଣଙ୍କ ଅନୁପସ୍ଥିତିରେ ସବୁ ଯେମିତି ନୀରବ। ଏକ ବିରାଟ ଶୂନ୍ୟତା, ଯାହା ଅପୂରଣୀୟ। ଆପଣଙ୍କ ସ୍ନେହ ମମତା ଥିଲା ଆମର ଶକ୍ତି। ଆପଣଙ୍କ ଦିଗଦର୍ଶନ ଥିଲା ଆମ ମାନଙ୍କର ଆଶା। ଆପଣଙ୍କ ଡାକ କାନକୁ ଶୁଭି ଯାଉଛି, ଦିଶି ଯାଉଛି ଆପଣଙ୍କ ମୁହଁ। ହେଲେ ଆଜି ଆମ ଆଖି ଅମାନିଆ ଲୁହରେ ପୂର୍ଣ୍ଣ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-: ଶୋକସନ୍ତପ୍ତ :-
ଦେ ପରିବାର, ସାହୁ ପରିବାର, ଆତ୍ମୀୟ ସ୍ୱଜନ ଓ ବନ୍ଧୁ।
ଧ-୧୮୫୯୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଶୋକ ସାହୁ**
ଆବିର୍ଭାବ: ୧୫।୦୪।୧୯୪୫
ତିରୋଧାନ: ୦୩।୧୦।୨୦୨୦
ଆପଣଙ୍କ ସରଳ, ନିଷ୍କପଟ, ନିଷ୍ପାପର, କର୍ମଚଞ୍ଚଳ, ଧର୍ମ ଚେତନାଯୁକ୍ତ ଜୀବନଧାରା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ପୂର୍ଣ୍ଣାଙ୍ଗ ଜୀବନଯାତ୍ରା ଆମ୍ଭମାନଙ୍କ ପାଇଁ ମାର୍ଗ ପ୍ରଦର୍ଶକ ହେଉ। ହେ ଦିବ୍ୟ ପୁରୁଷ, ଆପଣଙ୍କ ଅମର ଆତ୍ମା ମୋକ୍ଷ ଲାଭ କରୁ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
ହତଭାଗ୍ୟ:
ଭାଇ, ଭଉଣୀ, ଭାଇବୋହୂ, ବଡ଼ପୁଅ, ବଡବୋହୂ, ସାନପୁଅ, ସାନବୋହୂ, ପୁତୁରା-ପୁତୁରାବୋହୂ, ଝିଅ-ଜ୍ୱାଇଁ, ଝିଆରୀ-ଝିଆରୀଜ୍ୱାଇଁ, ଭଣଜା-ଭଣଜାବୋହୂ, ସମସ୍ତ ନାତି, ନାତୁଣୀ ଓ ବନ୍ଧୁ।
ଧ-୧୮୫୯୬

ସୌନ୍ଦର୍ଯ୍ୟ



ରୁକ୍ଷ ତ୍ୱଚା ସୌନ୍ଦର୍ଯ୍ୟ ହାନି କରିଥାଏ। ତେଣୁ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ଏହାର ସୁରକ୍ଷା ଲାଗି ଖୁବ୍ ଆବଶ୍ୟକ ତେଲ। ତେବେ କେଉଁ ସବୁ ତେଲ ଏଥିପାଇଁ ବ୍ୟବହାର କରିପାରିବେ ଜାଣି ରଖନ୍ତୁ...

# ତ୍ୱଚାର ଘରୋଇ ଉପଚାର

**ଆର୍ଗନ ତେଲ:** ଏହି ତେଲରେ ପ୍ରଚୁର ମାତ୍ରାରେ ଭିଟାମିନ୍-ଏ, ଭିଟାମିନ-ଇ, ଲିନୋଲିକ ଏସିଡ୍, ଓମେଗା-୬, ଆଣ୍ଟିଅକ୍ସିଡାଣ୍ଟ, ମିନେରାଲ୍ସ ଭରି ରହିଛି। ତେଣୁ ଯେଉଁମାନଙ୍କଠାରେ ତ୍ୱଚାରେ କୁଞ୍ଚନ ବା ରିଙ୍କଲ ମାର୍କ, ଫାଇନ୍ ଲାଇନ୍ସ ଆଦି ସମସ୍ୟା ଦେଖାଦେଉଛି ସେମାନେ ଏହି ତେଲକୁ ବ୍ୟବହାର କଲେ ଉପକୃତ ହୋଇପାରିବେ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରି ରଖିବା ସହ ଗ୍ଲୋ ମଧ୍ୟ ବଢ଼ାଇଥାଏ। କେବଳ ଏତିକି ନୁହେଁ ଏହା ନଖକୁ ଶକ୍ତ କରିବା ସହ କେଶ ପାଇଁ ମଧ୍ୟ ବରଦାନ ସଦୃଶ।

**ଆଲମଣ୍ଡ ତେଲ:** ଏହି ତେଲ ଖାଇବା ନା କେବଳ ସ୍ୱାସ୍ଥ୍ୟ ପାଇଁ ବରଂ ଏହାର ବ୍ୟବହାର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ମଧ୍ୟ ଖୁବ୍ ଉପକାରୀ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍-ଇ, ବି, ଏ ଥିବାରୁ ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ଦାଗ, ଚିହ୍ନ ଆଦି ଦୂର କରି ଗୋରା କରିବାରେ ସାହାଯ୍ୟ କରିଥାଏ। ଏହା ସନ୍‌ଟ୍ୟାନ୍ ଏବଂ ଡାର୍କସର୍କଲ ବି ଦୂର କରିଥାଏ। କେଶକୁ ମଜ୍‌ଭୁତ୍ ରଖିବା ଲାଗି ଏହି ତେଲ ବ୍ୟବହାର କରିବା ଭଲ।

**ଜୋଜୋବା ତେଲ:** ଏଥିରେ ଥିବା ଭିଟାମିନ୍-ଇ, ଏ, ଆଣ୍ଟିଅକ୍ସିଡାଣ୍ଟ ଏବଂ ମିନେରାଲ୍ସ ତ୍ୱଚାକୁ ପୋଷଣ ଏବଂ ସୁରକ୍ଷା ପ୍ରଦାନ କରିଥାଏ। ଏହାଦ୍ୱାରା ତ୍ୱଚା ନରମ, ମୁଲାୟମ ରହିଥାଏ। ବ୍ରଣ, ଦାଗ ଆଦି ସମସ୍ୟା ଦୂର କରି ଗ୍ଲୋ ବଢ଼ାଇଥାଏ। କେଶର ବିଭିନ୍ନ ସମସ୍ୟା ଦୂର କରିବାରେ ମଧ୍ୟ ଏହି ତେଲ ବେଶ୍ କାମରେ ଆସିଥାଏ।



# ସୋସିଆଲ୍ ମିଡିଆ କ୍ରେଜ୍

ଅଳ୍ପ ବୟସ୍କଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରାୟ ସମସ୍ତେ ବିଭିନ୍ନ ସୋସିଆଲ୍ ମିଡିଆରେ ଆକ୍ଟିଭ୍ ରହୁଥିବା ଦେଖିବାକୁ ମିଳୁଛି। ଯେଉଁଥିରୁ ବାଦ୍ ପଡ଼ିନାହାନ୍ତି ମହିଳାମାନେ। ଏହା କାହା ପାଇଁ ଦେଶବିଦେଶର ଖବର ଜାଣିବା, ବିଭିନ୍ନ ନୂଆ ନୂଆ ଜ୍ଞାନକୌଶଳ ଆହରଣ କରିବା, ଅନ୍‌ଲାଇନ୍ ଶପିଂ, ଶିକ୍ଷା, ଫ୍ୟାଶନ୍, କୁକିଂ ଆଦି ଶିଖିବାର ବଳିଷ୍ଠ ମାଧ୍ୟମ ପାଲଟିଥିବାବେଳେ ଆଉ କାହା ପାଇଁ ସଭିଙ୍କ ସହ ଯୋଗାଯୋଗରେ ରହିବାରେ ହେଉଛି ବେଶ୍ ସହାୟକ। ହେଲେ କେତେକ ମହିଳାଙ୍କଠାରେ ଅଧିକ ଲାଇକ୍ କମେଣ୍ଟ୍ସ ପାଇବା ଲାଗି ବିଭିନ୍ନ ଫଟୋ, ଭିଡ଼ିଓ ଆଦି ପୋଷ୍ଟ କରିବା ସହ ସୋସିଆଲ୍ ସାଇଟ୍‌ରେ ଘଣ୍ଟା ଘଣ୍ଟା ଧରି ବିଭିନ୍ନ କଣ୍ଟେଣ୍ଟ ଦେଖିବାର କ୍ରେଜ୍ ଏତେ ଅଧିକ ଯେ, ସେମାନେ ଏହାର ସକାରାତ୍ମକ ଦିଗରୁ ଦୂରେଇ ଯାଉଛନ୍ତି, ଯାହାକି ଅପରପକ୍ଷେ ବିଭିନ୍ନ ସମସ୍ୟାର କାରଣ ସାଜୁଛି ସେ ଦିଗରେ ସେମାନେ ସଚେତନ ନୁଅନ୍ତି...



**ବର୍ତ୍ତମାନ ଅଧିକାଂଶ ମହିଳା ବିଭିନ୍ନ ସୋସିଆଲ ମିଡ଼ିଆରେ ଆକ୍ଟିଭ୍ ରହୁଥିବା ଦେଖିବାକୁ ମିଳୁଛି। ହେଲେ କେତେକଙ୍କଠାରେ ଏହାକୁ ବ୍ୟବହାର କରିବା କ୍ରେଜ୍ ଏତେ ଅଧିକ ଯେ, କିଚେନ୍‌ରୁ ବେଡ଼ରୁମ୍ ହେଉ କି ବାଥ୍‌ରୁମ୍‌ରୁ ଠାକୁର ଘର ପର୍ଯ୍ୟନ୍ତ ସେମାନଙ୍କ ହାତରୁ ଅଲଗା ହେଉ ନାହିଁ ମୋବାଇଲ୍। ଆଉ ଏହାଦ୍ୱାରା ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ଉପୁଜୁଥିବା ଦିଗରେ ସେମାନେ ସଚେତନ ନୁହନ୍ତି...**

**ପରିବାରକୁ ଅବହେଳା:** ସୋସିଆଲ୍ ସାଇଟ୍‌ର ଅଧିକ ବ୍ୟବହାର ବର୍ତ୍ତମାନ ଅନେକ ମହିଳାଙ୍କୁ ଏଭଳି ବଶୀଭୂତ କରି ରଖିଛି ଯେ, ସେମାନେ ତରବର ହୋଇ ଘରର ସମସ୍ତ କାର୍ଯ୍ୟ ସାରି କିପରି ଅନ୍‌ଲାଇନ୍ ଆସିବେ, କ'ଣ ରାନ୍ଧିଲେ, କ'ଣ ପିନ୍ଧିଲେ ଆଦି ପୋଷ୍ଟ କରିବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ନିଶାରେ ଜାଣତରେ ହେଉ ଅବା ଅଜାଣତରେ ସେମାନେ ନିଜ ପିଲା, ସ୍ୱାମୀ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କୁ ବି ଅବହେଳା କରି ବସୁଛନ୍ତି। ତେଣୁ ଏପରି ନ ହେବା ଲାଗି ପରିବାରକୁ ପ୍ରାଥମିକତା ଦେବା ଆବଶ୍ୟକ।

**ଦାମ୍ପତ୍ୟ ଜୀବନରେ ଦ୍ୱନ୍ଦ୍ୱ:** ସୋସିଆଲ ନେଟ୍‌ୱର୍କିଂ ସାଇଟ୍‌ରେ ସବୁବେଳେ ଅପ୍‌ଡେଟ୍ ରହିବାକୁ ମହିଳାଙ୍କ ମଧ୍ୟରେ ଯେମିତି ପ୍ରତିଯୋଗିତା ଚାଲିଛି। କିଏ କ'ଣ ନୂଆ ପୋଷ୍ଟ କରୁଛନ୍ତି ଜାଣିବା, ନିଜେ କିଛି ଭିନ୍ନ କରି ଲାଇକ୍ସ ଏବଂ କମେଣ୍ଟ୍ସ ପାଇବା ସହ ଚାଟିଂ ଲାଗି ଏଥିରେ ଦୀର୍ଘ ସମୟ ଅତିବାହିତ କରୁଛନ୍ତି। ଫଳରେ କର୍ମମୟ ଜୀବନରୁ ମିଳୁଥିବା ଅଳ୍ପ ଫାଙ୍କା ସମୟ ଏଥିରେ ଚାଲିଯାଉଛି। ତେଣୁ ଘରେ ଏକାଠି ଥାଇ ସୁଦ୍ଧା ନିଜ ଜୀବନସାଥୀଙ୍କ ସହ ବିତାଇବାକୁ ସମୟ ଅଣ୍ଟୁ ନ ଥିବାରୁ ଅନେକ ସମୟରେ ମନାନ୍ତର, ମତାନ୍ତର, କଳହ ସୃଷ୍ଟି ହେଉଛି। ଏମିତି କି ଏଥିପାଇଁ ନା କେବଳ ସୁଖମୟ ଦାମ୍ପତ୍ୟ ଜୀବନ ପ୍ରଭାବିତ ହେଉଛି ବରଂ କେତେକ କ୍ଷେତ୍ରରେ ସନ୍ଦେହ ଉପୁଜିବା ସହ ବିବାହ ବିଚ୍ଛେଦର କାରଣ ସାଜୁଛି।

**ପୂଜାପର୍ବ ଏବେ ଲୋକ ଦେଖାଣିଆ:** ବର୍ତ୍ତମାନ ପ୍ରତିଟି ପର୍ବପର୍ବାଣି ଯେପରି ଅଧିକାଂଶ ମହିଳାଙ୍କ ଲାଗି ପାଲଟିଯାଇଛି ଲୋକ ଦେଖାଣିଆ। କାରଣ ଏ ସବୁକୁ ସେମାନେ କେତେ ଭକ୍ତିରେ ପାଳୁଛନ୍ତି, କରୁଛନ୍ତି ତାହା ପ୍ରଥମେ ଦେଖିବାକୁ ମିଳୁଛି ସେମାନଙ୍କ ଦ୍ୱାରା ସୋସିଆଲ ସାଇଟ୍‌ରେ ପୋଷ୍ଟ କରାଯାଉଥିବା ବିଭିନ୍ନ ଫଟୋ ଏବଂ ଭିଡିଓରେ। ଯାହା ନିଶାରେ ପୂଜାଠାରୁ ପ୍ରଥମେ ସେମାନେ ନିଜ ସହ ପରିବାର ସଦସ୍ୟଙ୍କ ନୂଆ ନୂଆ ବେଶ ପୋଷାକ ଏବଂ ଗୃହସଜ୍ଜା ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି।



**ସୌନ୍ଦର୍ଯ୍ୟକୁ ନେଇ ଚାଲିଛି ପ୍ରତିଯୋଗିତା:** ସୋସିଆଲ୍ ସାଇଟ୍‌ରେ ଅନ୍ୟଠୁ ସୁନ୍ଦର ଏବଂ ଆକର୍ଷଣୀୟ ଦେଖାଯିବା ସହ ଅଧିକ ଲାଇକ୍ ଏବଂ କମେଣ୍ଟ ପାଇବା ଲାଗି ବିଭିନ୍ନ ପ୍ରକାର ଉପାୟ ଆପଣାଉଛନ୍ତି। ଫଟୋରେ ଭଲ ଦେଖାଯିବା ପାଇଁ ବ୍ୟୁଟିପାର୍ଲରର ଯିବା, ବ୍ୟୁଟି ଟ୍ରିଟ୍‌ମେଣ୍ଟ କରିବାଠାରୁ ଆରମ୍ଭ କରି ବିଭିନ୍ନ କମ୍ପାନୀର ଫେଆର୍‌ନେସ୍ କ୍ରିମ୍, ବ୍ଲିଚ୍ ଆଦି ବ୍ୟବହାର କରୁଛନ୍ତି। ଏହାଛଡ଼ା ବର୍ତ୍ତମାନ ଡିଫରେଣ୍ଟ ଲୁକ୍ ପାଇଁ ହେୟାର କଟିଂ, ଷ୍ଟ୍ରେଟ୍‌ନିଂ, କଲରିଂ କରିବାକୁ ପଛାଉ ନାହାନ୍ତି। ହେଲେ ଅପରପକ୍ଷେ ଏ ସବୁ ଅର୍ଥହାନୀ ପ୍ରାଣପୀଡ଼ାର କାରଣ ସାଜୁଛି। କାରଣ ଏଭଳି ସୌନ୍ଦର୍ଯ୍ୟ ପ୍ରସାଧନରେ ମିଶୁଥିବା କେମିକାଲ୍ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣୁଛି।

**ବଢୁଛି ଅଯଥା ଖର୍ଚ୍ଚ:** ସୋସିଆଲ୍ ସାଇଟ୍‌ରେ ଫଟୋ କିମ୍ବା ଭିଡ଼ିଓରେ ଅନ୍ୟମାନଙ୍କ ତୁଳନାରେ ଅଧିକ ଭଲ ଦେଖାଯିବା ଲାଗି ଭଲ କ୍ୟାମେରା ଯୁକ୍ତ ଦାମୀ ମୋବାଇଲ ଫୋନ୍ କିମ୍ବା ଡିଜିଟାଲ କ୍ୟାମେରା ବ୍ୟବହାର କରିବା, ଭଳିକିଭଳି ଡ୍ରେସ, ଶାଢ଼ି, ମ୍ୟାଚିଂ ଆସେସରିଜ୍ ବ୍ୟବହାର କରିବା, ବାର୍ଥଡେ, ଆନିଭର୍ସରି କ'ଣ ସବୁ ନୂଆ କିଣିଲେ ବା ସ୍ୱାମୀଙ୍କଠାରୁ ଗିଫ୍ଟ ମିଳିଲା ଅନ୍ୟଙ୍କୁ ଦେଖାଇବା ଆଳରେ ଅନାବଶ୍ୟକ ଖର୍ଚ୍ଚ ବହୁତ ବଢ଼ିବାରେ ଲାଗୁଥିଲେ ହେଁ ସେ ଦିଗରେ ଅନେକେ ବେପରୁଆ ହେଉଛନ୍ତି। କେବଳ ଏତିକି ନୁହେଁ ଏଥିପାଇଁ ସବୁବେଳେ ଇଣ୍ଟରନେଟ୍ ଆବଶ୍ୟକ ହେଉଥିବାରୁ ଅଧିକ ଟଙ୍କା ଯୁକ୍ତ ନେଟ୍‌ପ୍ୟାକ୍ ବି ରିଚାର୍ଜ କରିବାକୁ ପଛାଉନାହାନ୍ତି। ତେବେ ଏଭଳି ଅଯଥା ଖର୍ଚ୍ଚ କେବେକେବେ ପାରିବାରିକ ଝଗଡ଼ାର ବି କାରଣ ସାଜୁଛି।

**ସାଜୁଛି ସ୍ୱାସ୍ଥ୍ୟ ସମସ୍ୟାର କାରଣ:** ବର୍ତ୍ତମାନ ସୋସିଆଲ୍ ମିଡିଆ ନିଶାରେ ଅଧିକାଂଶ ମହିଳା ଘଣ୍ଟା ଘଣ୍ଟା ମୋବାଇଲ୍ କିମ୍ବା କମ୍ପ୍ୟୁଟର ବ୍ୟବହାର କରୁଛନ୍ତି। ଏମିତିକି କେହି କେହି ଅଧିକ ରାତି ପର୍ଯ୍ୟନ୍ତ ଅନିଦ୍ରା ରହିବାକୁ ବି ପଛାଉନାହାନ୍ତି। ଦୀର୍ଘ ସମୟ ଏଥିରେ ଅତିବାହିତ କରିବା ଫଳରେ ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମୀ, ହୃଦ୍‌ସମସ୍ୟା, ନିଦ୍ରାହୀନତା, ଆଖିତଳ କଳା ପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣଶକ୍ତି, ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି ହ୍ରାସ ହେବା, ବେକ, ଅଣ୍ଟାରେ ଯନ୍ତ୍ରଣା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ତା'ଛଡ଼ା କେତେକଙ୍କ ଠାରେ ଇଣ୍ଟରନେଟ୍ ଆଡିକ୍ସନ ସିଣ୍ଡ୍ରୋମ ମଧ୍ୟ ଦେଖାଦେଉଛି। କେବଳ ଏତିକି ନୁହେଁ ଅପ୍‌ଡେଟ୍ ରହିବା ତଥା ଅନ୍ୟମାନଙ୍କ ସହ କମ୍ପିଟିଶନ୍ କରି ଡିଫରେଣ୍ଟ ଫଟୋ ପୋଷ୍ଟ କରି ଅଧିକ ଲାଇକ୍ ଏବଂ କମଣ୍ଟେ ପାଇବା ଲାଗି ଅନେକେ ବିଭିନ୍ନ ଦୁଃସାହସିକ ସ୍ଥାନରେ ଠିଆ ହୋଇ ଅବା ଦୁଃସାହସିକ କାର୍ଯ୍ୟ କରି ସେଲ୍ଫି ନେବା ଯୋଗୁ ଅନେକଙ୍କ ପ୍ରାଣହାନି ହେବାର ମଧ୍ୟ ନଜିର ରହିଛି।

**ସାର୍ବଜନୀନ ହେଉଛି ବ୍ୟକ୍ତିଗତ ତଥ୍ୟ ଓ ବଢୁଛି ଅପରାଧ:** ଅପ୍‌ଡେଟ୍ ରହିବା ଲାଗି ସବୁବେଳେ ନିଜର ଦୈନନ୍ଦିନ କାର୍ଯ୍ୟ ତଥା ଫଟୋ ଅପ୍‌ଲୋଡ୍ କରିବା ନିଶାରେ ଅନେକେ ସେମାନଙ୍କ ପର୍ସନାଲ କଥା ସାର୍ବଜନୀନ ହେଉଥିବା କଥା ଭୁଲିଯାଉଛନ୍ତି। ଫଳରେ ଏହାଦ୍ୱାରା ବି ପରବର୍ତ୍ତୀ ସମୟରେ ଅନେକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଉଁ ଆଡ଼େ ଗଲେ, କେବେ ଗଲେ, ଘରେ କ'ଣ ହେଉଛି, କ'ଣ ନୂଆ କିଣିଲେ ଆଦି ଭଳି ପ୍ରତିଟି କଥା ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ଦ୍ୱାରା ଏହି ତଥ୍ୟକୁ ଆଧାରକରି ଅନେକ ଅପରାଧ ମଧ୍ୟ ଘଟୁଥିବାର ନଜିର ରହିଛି। ସେହିଭଳି ଅନେକ ଫେକ୍ ଆକାଉଣ୍ଟ ଯୋଗୁ ବି ବିଭିନ୍ନ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ତେଣୁ ସୋସିଆଲ୍ ମିଡିଆରେ ସୁରକ୍ଷିତ ରହିବା ଲାଗି ଏସବୁ ଦିଗ ପ୍ରତି ସଜାଗ ଏବଂ ସତର୍କ ରହିବା ଆବଶ୍ୟକ।

**– ପୌର୍ଣ୍ଣମାସୀ**



## ଏମାନେ କ'ଣ କରନ୍ତି...



**ଠିକ୍ ଭୁଲ୍ ନିଷ୍ପତ୍ତି ନିଜ ଉପରେ ନିର୍ଭର କରେ:** ସୋସିଆଲ୍ ସାଇଟ୍ ବ୍ୟବହାର କରିବା ଦ୍ୱାରା ବହୁତ ଲାଭ ପାଇଛି। ଅନେକ ଅଜଣା ଏବଂ ଜରୁରୀ ଜ୍ଞାନ ଆହରଣ କରିପାରିଛି। ତେଣୁ ଏହାକୁ କେଉଁଥିପାଇଁ ବ୍ୟବହାର କଲେ ନିଜ ସହିତ ପରିବାର ବି ଉପକୃତ ହୋଇପାରିବେ ସେଥିପ୍ରତି ଧ୍ୟାନ ଦିଏ। ଅଧିକ ଲୋକପ୍ରିୟ ହେବା ଅବା ଲାଇକ୍, କମେଣ୍ଟ ପାଇବା ଆଳରେ ଅଯଥାରେ ଲୋକଦେଖାଣିଆ ଫଟୋ, ଭିଡ଼ିଓ ଆଦି ପୋଷ୍ଟ କରିବାକୁ ପସନ୍ଦ କରେନି। ତା'ଛଡ଼ା ଏହାକୁ ବ୍ୟବହାର କରିବା ସମୟରେ ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ ନ ହେବା ଦିଗରେ ସର୍ବଦା ଯତ୍ନଶୀଳ ରୁହେ।

*– **ନିବେଦିତା ଦାସ** ,ଆସିଷ୍ଟାଣ୍ଟ ମ୍ୟାନେଜର, ଇଣ୍ଡିଆନ୍ ବ୍ୟାଙ୍କ୍, ଭୁବନେଶ୍ୱର*



**ଆତ୍ମସଂଜମ ସବୁଠୁ ଗୁରୁତ୍ୱପୂର୍ଣ୍ଣ:** ଆଜିର ଦିନରେ ସୋସିଆଲ୍ ମିଡ଼ିଆ ଏଭଳି ଏକ ସୂଚନାର ସ୍ରୋତ ପାଲଟିଛି, ଯାହା ପ୍ରତି ଯେ କେହି ବି ଆକୃଷ୍ଟ ହେବା ସ୍ୱାଭାବିକ କଥା। ନିଜ କଥା କହିବି, ଯେ କୌଣସି କ୍ଷେତ୍ରରେ ଅପ୍‌ଡେଟ୍ ଖବର ପାଇବା, ବିଭିନ୍ନ ନୂଆ ନୂଆ ଆପ୍ଲିକେଶନ୍ ବିଷୟରେ ଜାଣିବାଠାରୁ ଆରମ୍ଭ କରି ଅନ୍ୟମାନଙ୍କ ବିଷୟରେ ଜାଣିବା, ନିଜ ବିଷୟରେ କିଛି ଜଣାଇବା ଲାଗି ଏହା ଭଲ ମାଧ୍ୟମ ପାଲଟିଛି। ହେଲେ ଏହାକୁ ବ୍ୟବହାର କରିବା ନିଶାରେ ପରିବାରକୁ କିମ୍ବା ଅନ୍ୟାନ୍ୟ କାମକୁ ଅବହେଳା କରିବସିବାର କୌଣସି ଯଥାର୍ଥତା ନାହିଁ। ଏଥିପାଇଁ ଆତ୍ମସଂଜମ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପରିବାରକୁ ପ୍ରାଥମିକତା ଦେଇ ନିଜର ଅନ୍ୟାନ୍ୟ କାମ ସହିତ ସୋସିଆଲ୍ ମିଡ଼ିଆ ପାଇଁ ବି ସମୟ ବାହାର କରେ।

*– **ସୁଦୀପା ସେନାପତି,** ସାମାଜିକ କର୍ମୀ, ବଲାଣି, କେନ୍ଦୁଝର*



ଗର୍ଭାବସ୍ଥାରେ ଶରୀରର ଗଠନ ବଦଳିଯାଉଥିବାରୁ ଅନେକଙ୍କୁ ନିଜ ଫ୍ୟାଶନ ଷ୍ଟେଟ୍‌ମେଣ୍ଟକୁ ନେଇ ଚିନ୍ତା ବଢ଼ିଯାଏ। ହେଲେ କେତୋଟି ଫ୍ୟାଶନ ଆଇଡିଆ ଆପଣେଇଲେ ଗର୍ଭାବସ୍ଥାରେ ଷ୍ଟାଇଲିସ୍ ଲାଗି ପାରିବେ...

# ଗର୍ଭାବସ୍ଥାରେ ବି ଲାଗିବେ ଷ୍ଟାଇଲିସ୍

➤ପ୍ରଥମ କଥା ହେଉଛି ଷ୍ଟାଇଲିସ୍ ଲାଗିବା ନିଶାରେ ଯେକୌଣସି ପୋଷାକ ପିନ୍ଧି କମ୍ଫର୍ଟେବଲ୍ ଲାଗୁଥିବା ପୋଷାକ ପିନ୍ଧନ୍ତୁ। ଯଦି ଆପଣଙ୍କର ୱେଷ୍ଟର୍ଣ୍ଣ ଡ୍ରେସ୍ ପିନ୍ଧିବା ପସନ୍ଦ ତେବେ ପ୍ଲାଜୋ ଏସମୟରେ ସବୁଠୁ ଅରାମଦାୟକ ଲାଗିବ। ଏହା ସହିତ ଟି ଶାର୍ଟ କିମ୍ବା ଶର୍ଟ କୁର୍ତ୍ତୀ ଭଲ ଲାଗିବ। ଅଧିକ ଷ୍ଟାଇଲିସ୍ ଲୁକ୍ ପାଇଁ ଆପଣ ଏହା ସହ ଷ୍ଟୋଲ କିମ୍ବା ସ୍କାର୍ଫ ଟ୍ରାଏ କରିପାରିବେ। ଯଦି ଜିନ୍ସ ପସନ୍ଦ ତେବେ ବିଭିନ୍ନ ବ୍ରାଣ୍ଡେଡ୍ କମ୍ପାନୀ ପକ୍ଷରୁ ଗର୍ଭାବସ୍ଥା ଲାଗି ପ୍ରସ୍ତୁତ କରାଯାଉଥିବା ସ୍ପେଶାଲ ଜିନ୍ସ ପିନ୍ଧିପାରିବେ।

➤ପାର୍ଟି କିମ୍ବା ଫଙ୍କସନ୍ ଲାଗି ଲଙ୍ଗ କିମ୍ବା ମ୍ୟାକ୍ସି ଡ୍ରେସ୍ ସବୁଠୁ ବେଷ୍ଟ ଅପ୍ସନ। ଏଥିରେ ଆପଣଙ୍କ ପରିବର୍ତ୍ତିତ ଫିଗର ମଧ୍ୟ ଜଣାପଡ଼ିବାର ଟେନ୍‌ଶନ୍ ନାହିଁ।

➤କୁଲ୍ କଟନ ଟପ୍ସ କିମ୍ବା ଏ-ଲାଇନ୍, ବେଷ୍ଟ ଲାଇନ୍ ଡ୍ରେସ୍ ବି ଏ ସମୟରେ ଷ୍ଟାଇଲିସ୍ ଲୁକ୍ ଦେଇଥାଏ।

➤କଟନ କୁର୍ତ୍ତୀ ମଧ୍ୟ ଆପଣଙ୍କ ପାଇଁ ଭଲ ଅପ୍ସନ। ଏହା ନା କେବଳ ଦେଖିବାକୁ ସୁନ୍ଦର ବରଂ ବେଶ୍ ଆରାମଦାୟକ ମଧ୍ୟ।

➤ଡ୍ରେସ୍ ସହିତ ମ୍ୟାଚିଂ ଜୁଏଲେରୀ ପିନ୍ଧିବା ପସନ୍ଦ ହୋଇଥିଲେ ଭାରି ଜୁଏଲେରୀ ବଦଳରେ ଛୋଟ ଏବଂ ହାଲୁକା ଇୟରରିଂ, ଡିଜାଇନର୍ ଚୁଡ଼ି ଏବଂ ପତଳା ଚେନ୍ ପକାଇ ପାରିବେ।

➤ଏ ସମୟରେ ହାଇ ହିଲ୍ ପରିବର୍ତ୍ତେ ଆକର୍ଷଣୀୟ ଡିଜାଇନ୍‌ର ଫ୍ଲାଟ୍ ଚପଲ ପିନ୍ଧି ଫ୍ୟାଶନେବଲ୍ ଲୁକ୍ ପାଇପାରିବେ।

# ଘରେ ଏକ୍ସରସାଇଜ୍ କରୁଥିଲେ

କରୋନା ଲାଗି ଦୀର୍ଘଦିନ ଘରେ ରହି ଅନେକେ ମୋଟା ହୋଇଯାଇଛନ୍ତି। ହେଲେ ଅପରପକ୍ଷେ ଏହା ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ଯାହାକୁ ଦୂର କରିବା ଲାଗି କେହି କେହି ଜିମ୍ ପରିବର୍ତ୍ତେ ଘରେ ଏକ୍ସରସାଇଜ୍ କରୁଥିବା ଦେଖିବାକୁ ମିଳୁଛି। ଯଦି ଆପଣ ବି ଘରେ ଏକ୍ସରସାଇଜ୍ କରୁଛନ୍ତି ଅବା ଆରମ୍ଭ କରିବାକୁ ଯାଉଛନ୍ତି ତେବେ ଜାଣି ରଖନ୍ତୁ କେତୋଟି ଟିପ୍ସ...

►ପ୍ରତିଦିନ ଅତି କମ୍‌ରେ ୨୦-୪୫ ମିନିଟ୍ ଏକ୍ସରସାଇଜ କରନ୍ତୁ। ଅଧିକ ସମୟ ଚାଲିବାରେ ଦିଅନ୍ତୁ। ଘରେ ସମସ୍ତଙ୍କର ଟ୍ରେଡ଼ମିଲ୍ ନ ଥାଏ, ତେଣୁ ଛାତ ଉପରେ କିମ୍ବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲିପାରିବେ। ଆପାର୍ଟମେଣ୍ଟରେ ରହୁଥିଲେ ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରନ୍ତୁ, ଶରୀର ଫିଟ୍ ରହିବ।

►ମନ ଇଚ୍ଛା କୌଣସି ଏକ୍ସରସାଇଜ୍ ନ କରି ଏକ୍ସପର୍ଟଙ୍କ ପରାମର୍ଶ ନେଇ କରିବା ଭଲ। ତେବେ ବର୍ତ୍ତମାନ ୟୁଟ୍ୟୁବ୍‌ରେ ଅନେକ ଫିଟ୍‌ନେସ୍ ଏକ୍ସପର୍ଟଙ୍କ ଭିଡ଼ିଓ ଆସୁଛି, ଯାହାକୁ ଦେଖି ଏକ୍ସରସାଇଜ କରି ପାରିବେ।

►ଏଥିରେ କିଛି ସମୟ ଯୋଗ ଏବଂ ପ୍ରାଣାୟାମ ଆଦିକୁ ସାମିଲ କଲେ ଅଧିକ ଉପକୃତ ହୋଇପାରିବେ।

►ଆପଣ ଚାହିଁଲେ ୟୁଟ୍ୟୁବ୍ ଦେଖି ଏରୋବିକ୍ସ କିମ୍ବା ଜୁମ୍ବା ଭଳି ଡ୍ୟାନ୍ସ ଏକ୍ସରସାଇଜ୍ ବି କରିପାରିବେ।

►ମନେରଖନ୍ତୁ, ପ୍ରଥମେ ପ୍ରଥମେ ଏକ୍ସରସାଇଜ୍ କରୁଥିଲେ ପତଳା ହେବା ନିଶାରେ ଏକାସଙ୍ଗେ ବହୁତ ଏକ୍ସରସାଇଜ୍ କରନ୍ତୁ ନାହିଁ, ଏହାଦ୍ୱାରା ଦେହ ଦରଜ ଭଳି ସମସ୍ୟା ଦେଖା ଦେଇପାରେ। ତେଣୁ ପ୍ରଥମେ ଅଳ୍ପ ସମୟ ଏକ୍ସରସାଇଜ୍ କରିବା ପରେ ଧୀରେଧୀରେ ଅଧିକ କରନ୍ତୁ। ଏହି ସମୟରେ ହାଲୁକା ଏବଂ ଆରାମଦାୟକ ପୋଷାକ ପିନ୍ଧନ୍ତୁ।



## ଖାଦ୍ୟ ରୁଚି

# ପମ୍ପକିନ୍ ପ୍ୟାନ୍‌କେକ୍

**ଆବଶ୍ୟକ ସାମଗ୍ରୀ:** ୨ କପ୍ କଖାରୁ ପେଷ୍ଟ, ୫୦୦ ମିଲି. ଆଲମଣ୍ଡ କ୍ଷୀର, ୨ ଟେବଲ୍‌ସ୍ପୁନ୍ ଭାନିଲା ଏକ୍ସଟ୍ରାକ୍ଟ, ୫୦୦ ଗ୍ରାମ୍ ଚଣା ପାଉଡ଼ର(ଚିକ୍‌ପି ଫ୍ଲୋର୍), ୧ ଟିସ୍ପୁନ୍ ଲେଖାଏଁ ଡାଲଚିନି, ଜାଇଫଳ, ଲବଙ୍ଗ ପାଉଡ଼ର, ୧ ଟିସ୍ପୁନ୍ ବେକିଂ ପାଉଡ଼ର, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ କଖାରୁ ପେଷ୍ଟ, ଆଲମଣ୍ଡ କ୍ଷୀର, ଭାନିଲା ଏକ୍ସଟ୍ରାକ୍ଟକୁ ଏକାଠି ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଚଣା ପାଉଡ଼ର, ଡାଲଚିନି, ଜାଇଫଳ, ଲବଙ୍ଗ ପାଉଡ଼ର, ବେକିଂ ପାଉଡ଼ର, ଲୁଣ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଉଭୟ ମିଶ୍ରଣକୁ ଏକାଠି କରି ଭଲ ଭାବେ ଗୋଳାଇ ଦିଅନ୍ତୁ। ଯଦି ମିଶ୍ରଣ ଅଧିକ ବହଳିଆ ହୁଏ ତେବେ ଅଳ୍ପ ଆଲମଣ୍ଡ କ୍ଷୀର ମିଶାଇ ପାରିବେ। – ବର୍ତ୍ତମାନ ଚୁଲାରେ ମଧ୍ୟମ ଆଞ୍ଚରେ ଏକ ନନ୍‌ଷ୍ଟିକ୍ ତାୱା ବସାନ୍ତୁ। ଏହା ଉପରେ ଅଳ୍ପ ତେଲ ନେଇ ଭଲ ଭାବେ ଚାରିଆଡ଼େ ଲଗାନ୍ତୁ। ଏଥିରେ ଆବଶ୍ୟକ ମାତ୍ରାରେ ପୂର୍ବ ପ୍ରସ୍ତୁତ ମିଶ୍ରଣକୁ ନେଇ ଚାମଚ ସାହାଯ୍ୟରେ ଗୋଲ କରନ୍ତୁ। ହାଲକା ବ୍ରାଉନ କଲର ହୋଇଗଲେ ଏହାକୁ ଓଲଟାଇ କିଛି ସମୟ ରଖିବା ପରେ କାଢ଼ି ଦିଅନ୍ତୁ। ସେହିପରି ସମସ୍ତ ପ୍ୟାନ୍‌କେକ୍ ପ୍ରସ୍ତୁତ କରି ଗରମ ଗରମ ଖାଇବାର ମଜା ନିଅନ୍ତୁ।



# ଧରିତ୍ରୀ
DHARITRI



## ସଂକ୍ଷେପରେ

### ଆଇପିଏଲ୍‌ରୁ ଓହରିଲେ ଈଶାନ୍ତ

**ଦୁବାଇ, ୧୨।୧୦(ପି.ଟି.):** ଭେଟେରାନ ପେସ୍ ବୋଲର ଈଶାନ୍ତ ଶର୍ମା ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରୁ ଓହରି ଯାଇଛନ୍ତି। ପଞ୍ଜରାରେ ଆଘାତ ପାଇଥିବାରୁ ସେ ଏହି ନିଷ୍ପତ୍ତି ନେଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରକାଶ କରାଯାଇଛି। ୩୨ ବର୍ଷୀୟ ଟେଷ୍ଟ ସ୍ପେଶାଲିଷ୍ଟ ଦିଲ୍ଲୀ ପକ୍ଷରୁ ଚଳିତ ଆଇପିଏଲରେ ଗୋଟିଏ ମ୍ୟାଚ ଖେଳିଥିଲେ। ଆବୁଧାବିରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ସେ ୪ ଓଭରରେ ୨୬ ରନ ଦେଇ ଉଇକେଟ ଶୂନ୍ୟ ରହିଥିଲେ। ଏହାପରେ ଦୁବାଇରେ ଦଳର ନେଟ୍ସ ସେସନରେ ବୋଲିଂ ଅବସରରେ ସେ ବାମ ପଞ୍ଜରାରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ଆଭ୍ୟନ୍ତରୀଣ ଭାଗରେ ମାଂସପେଶୀ ଟାଣି ଧରିଥିବା ଜଣା ପଡ଼ିଥିଲା। ଫଳରେ ଦୁର୍ଭାଗ୍ୟଜନକଭାବେ ସେ ଆଇପିଏଲର ଅବଶିଷ୍ଟ ଭାଗରୁ ବାଦ୍ ପଡ଼ିଛନ୍ତି ବୋଲି ଦିଲ୍ଲୀ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବରୁ ସିନିୟର ଲେଗ୍ ସ୍ପିନର ଅମିତ ମିଶ୍ର ଆହତ ଯୋଗୁ ଓହରିଯାଇଥିଲେ। ତେଣୁ ଦିଲ୍ଲୀ କ୍ୟାପିଟାଲ୍ସ ସେମାନଙ୍କ ସ୍ଥାନରେ ବଦଳ ଖେଳାଳି ନେବା ସମ୍ଭାବନା ରହିଛି। ଏପରି ହେଲେ ନେଟ୍ ବୋଲର ପ୍ରଦୀପ ସଙ୍ଗୱାନଙ୍କୁ ସାମିଲ କରାଯାଇପାରେ। ସଙ୍ଗୱାନ ଏବେ ଦଳସହ ୟୁଏଇରେ ଅଛନ୍ତି।

### ପୂର୍ବତନ ଫୁଟ୍‌ବଲ ଅଧିନାୟକଙ୍କ ପରଲୋକ

**ନୂଆଦିଲ୍ଲୀ, ୧୨।୧୦ (ପି.ଟି.):** ଭାରତର ପୂର୍ବତନ ଫୁଟ୍‌ବଲ ଅଧିନାୟକ ଚାର୍ଲଟନ ଚାପମ୍ୟାନଙ୍କର ହୃଦ୍‌ଘାତରେ ବାଙ୍ଗାଲୋରରେ ପରଲୋକ ହୋଇଯାଇଛି। ତାଙ୍କୁ ୪୯ବର୍ଷ ହୋଇଥିଲା। ୧୯୯୦ ଦଶକରେ କ୍ଲବ ସ୍ତରରେ ବାଇଚୁଙ୍ଗ ଭୁଟିଆ ଓ ଆଇ.ଏମ୍. ବିଜୟନ ଓ ଚାପମ୍ୟାନ ୩ଜଣ ମିଶି ଏକ ବିପଜ୍ଜନକ କମ୍ବିନେଶନ ସୃଷ୍ଟି କରିଥିଲେ। ଚାପମ୍ୟାନ ଅସୁସ୍ଥ ହେବା ପରେ ରବିବାର ରାତିରେ ବେଙ୍ଗାଲୁରୁସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଚାପମ୍ୟାନ ଜଣେ ଖୁସ୍‌ମିଜାଜ ବ୍ୟକ୍ତି ଥିଲେ। ସେ ସବୁବେଳେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥାନ୍ତି ବୋଲି ତାଙ୍କର ଏକଦା ଭାରତ ଟିମ୍ ମେଟ୍ ବ୍ରୁନୋ କୁଟିନୋ କହିଛନ୍ତି। ଭାରତ ତରଫରୁ ୧୦୯୫ ରୁ ୨୦୦୧ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରିଥିବା ଚାପମ୍ୟାନ ଜଣେ ସୃଜନଶୀଳ ମିଡ୍‌ଫିଲ୍ଡର ଥିଲେ।

# ଆର୍‌ସିବିର ବୃହତ୍ ବିଜୟ

**ଶାରଜା, ୧୨।୧୦**

ଏବି ଡିଭିଲିର୍ସଙ୍କ ବିସ୍ଫୋରକ ବ୍ୟାଟିଂ, ଅସମାପ୍ତ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଏବଂ ବୋଲରଙ୍କ ଚମତ୍କାର ବୋଲିଂ ସହାୟତାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସୋମବାର ଅନୁଷ୍ଠିତ ମ୍ୟାଚରେ ବୃହତ୍ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ୨୦ ଓଭରରେ ୨ ଉଇକେଟ ହରାଇ ୧୯୪ ରନ କରିଥିବାବେଳେ ନାଇଟ ରାଇଡର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ

**ଏବି ଡିଭିଲିର୍ସ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

ବିରାଟ କୋହଲିଙ୍କ ଦଳ ୮୨ ରନରେ ବିଜୟୀ ହୋଇଥିଲା। ଚଳିତ ଲିଗ୍‌ରେ ୭ ମ୍ୟାଚରୁ ୫ମ ବିଜୟ ସହ ଆରସିବି ପଏଣ୍ଟ ତାଲିକାର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ କୋଲକାତା ସମାନ ମ୍ୟାଚରୁ ୩ୟ ପରାଜୟ ବରଣ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା ଆରସିବି। ଦୁଇ ଓପନର ଦେବଦତ୍ତ ପଡିକାଲ ଓ ଆରୋନ ଫିଞ୍ଚ୍ ଦ୍ରୁତ ହାରରେ ରନ ସଂଗ୍ରହ କରି ପାୱାର ପ୍ଲେ ୬ ଓଭରରେ କୌଣସି ଉଇକେଟ ନ ହରାଇ ୪୭ ରନ ସଂଗ୍ରହ କରି ନେଇଥିଲେ। ୬.୨ ଓଭରରେ ଦଳର ୫୦ ରନ ପୂରଣ ହୋଇଥିଲା। ଓପନିଂ ଯୋଡ଼ିରେ ୪୬ ବଲ୍‌ରୁ ୬୭ ରନ ଯୋଗ ହେବାପରେ ଆନ୍ଦ୍ରେ ରସେଲଙ୍କ ବଲ୍‌ରେ ବଡ଼ ଶଟ୍ ମାରିବାକୁ ଯାଇ ପଡିକାଲ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ସେ ୨୩ ବଲ୍‌ରୁ ୩୨(୪ ଚୌକା, ୧ ଛକା) ରନ କରିଥିଲେ। ଅଧିନାୟକ ବିରାଟ କୋହଲି କ୍ରିଜ୍‌ରେ ଯୋଗଦେବାପରେ ରନହାର ଧିମେଇ ଯାଇଥିଲା। ସେ ଅତ୍ୟନ୍ତ ଧିମା ଆରମ୍ଭ କରିଥିବାବେଳେ ୧୩ତମ ଓଭରରେ ଫିଞ୍ଚ୍ ଆଉଟ ହୋଇଥିଲେ। ସେ ୩୭ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୪୭ ରନ କରିଥିଲେ। ୧୩.୧ ଓଭରରେ ଆରସିବି ୧୦୦ ରନ ପୂରଣ କରିଥିଲା। ଏବି ଡିଭିଲିର୍ସ କ୍ରିଜରେ ଯୋଗଦେବାପରେ ଆରସିବି ରନହାର ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା। କୋହଲି ଧିମା ଖେଳିଥିଲେ ହେଁ ଡିଭିଲିର୍ସଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଆରସିବି ୨୦ ଓଭରରେ ୨ ଉଇକେଟ ହରାଇ ୧୯୪ ରନ କରିବାକୁ ସକ୍ଷମ ହୋଇଥିଲା। ଡିଭିଲିର୍ସ ୩୩ଟି ବଲ୍ ଖେଳି ୫ ଚୌକା ଓ ୬ ଛକା ସହାୟତାରେ ୭୩ ରନରେ ଅପରାଜିତ ରହିଥିଲେ। କୋହଲି ୨୮ ବଲ୍ ଖେଳି ୩୩ ରନ କରିଥିଲେ। ଅସମାପ୍ତ ୩ୟ ଉଇକେଟ ଯୋଡ଼ିରେ ୧୦୦ ରନ ସଂଗ୍ରହ ହୋଇ ପାରିଥିଲା। ସେଥିମଧ୍ୟରେ ଡିଭିଲିର୍ସଙ୍କ ୭୩ ରନର ଯୋଗଦାନ ରହିଥିଲା। କୋଲକାତା ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବୃହତ୍ ସ୍କୋରର ପିଛା କରିଥିବା କୋଲକାତା ଆରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲା। ଓପନିଂ ସ୍ଲଟରେ ରାହୁଲ ତ୍ରିପାଠୀ ଭଲ ଖେଳୁଥିଲେ ହେଁ ଏହି ମ୍ୟାଚରେ ନବାଗତ ଟମ୍ ବାଣ୍ଟନଙ୍କୁ ଓପନିଂ ସୁଯୋଗ ଦେଇ ତ୍ରିପାଠୀଙ୍କୁ ୭ ନମ୍ବର ସ୍ଥାନରେ ପଠାଯାଇଥିଲା। ଯୁବ ଓପନର ଶୁବମନ ଗିଲ୍ ଆରସିବି ବୋଲରଙ୍କୁ ମୁକାବିଲା କରିଥିଲେ ହେଁ ଅନ୍ୟପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ କୋଲକାତାକୁ ବିପଦରେ ପକାଇଥିଲା। ବାଣ୍ଟନ ୮, ନୀତୀଶ ରାଣା ୯, ଅଭିଜ୍ଞ ଇଅନ ମୋର୍ଗାନ ୮ ଓ ଦୀନେଶ କାର୍ତ୍ତିକ ମାତ୍ର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଭଲ ଖେଳୁଥିବା ଶୁବମନ ୨୫ ବଲ୍‌ରୁ ୩୪ (୩ ଚୌକା, ୧ ଛକା) ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ଓଭରପିଛା ଆବଶ୍ୟକ ରନହାର ୧୬ରୁ ଅଧିକ ହେବାରୁ ଆନ୍ଦ୍ରେ ରସେଲ ଓ ତ୍ରିପାଠୀଙ୍କ ଉପରେ ଚାପ ବଢ଼ିଥିଲା। ରସେଲ ୧୦ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୧୬ ରନରେ ଆଉଟ ହେବାସହ କୋଲକାତା ବିଜୟ ଆଶା ଶେଷ ହୋଇଥିଲା। ତ୍ରିପାଠୀ ୨୨ ବଲ୍‌ରୁ ୧୬ ରନ କରିଥିଲେ। ଆରସିବିର ସମସ୍ତ ବୋଲର ଉଇକେଟ ବାଣ୍ଟି ନେଇଥିଲେ। ୱାଶିଂଟନ ସୁନ୍ଦର ଚମତ୍କାର ବୋଲିଂ କରି ୪ ଓଭର ସ୍ପେଲରେ ମାତ୍ର ୨୦ ରନଦେଇ ୨ଟି ଉଇକେଟ ନେଇଥିଲେ। କ୍ରିସ୍ ମୋରିସ ମଧ୍ୟ ୪ ଓଭରରେ ୧୭ ରନଦେଇ ୨ଟି ଉଇକେଟ ପାଇଥିଲେ। ନବଦୀପ ସଇନୀ, ଯୁଜବେନ୍ଦ୍ର ଚହଲ, ଇସୁରୁ ଉଡାନା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୯୪/୨ (ଡିଭିଲିର୍ସ–୭୩*, ଫିଞ୍ଚ୍–୪୭, ପଡିକାଲ–୩୨, କୋହଲି –୩୩*, ରସେଲ–୧/୫୧, ପ୍ରସିଦ୍ଧ–୧/୪୨)। କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୧୨ (ଶୁବମନ–୩୪, ମୋରିସ–୨/୧୭, ୱାଶିଂଟନ–୨/୨୦, ସଇନୀ–୧/୧୭, ଚହଲ–୧/୧୨, ଉଡାନା–୧/୧୯, ସିରାଜ–୧/୨୪)।



ଶତକୀୟ ଭାଗୀଦାରି ଅବସରରେ ଏବି ଡିଭିଲିର୍ସ ଓ ବିରାଟ କୋହଲି।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୫ | ୨ | ୧୦ | +୧.୩୨୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୧.୦୩୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୧୦ | –୦.୧୧୬ |
| ନାଇଟ ରାଇଡର୍ସ | ୭ | ୪ | ୩ | ୮ | –୦.୫୭୭ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | +୦.୧୫୩ |
| ରାଜସ୍ଥାନ ରୟାଲ୍ସ | ୭ | ୩ | ୪ | ୬ | –୦.୮୭୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୭ | ୨ | ୫ | ୪ | –୦.୫୮୮ |
| କିଙ୍ଗ୍ସ ଇଲେଭେନ | ୭ | ୧ | ୬ | ୨ | –୦.୩୮୧ |

## ପନ୍ତ ସପ୍ତାହେ ଖେଳିପାରିବେନି

**ଆବୁଧାବି, ୧୨।୧୦(ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ ଉଇକେଟ କିପର–ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଆହତ ହୋଇଛନ୍ତି। ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ପାଇଁ ସେ ଅତିକମ୍‌ରେ ଏକସପ୍ତାହ ଖେଳି ପାରିବେ ନାହିଁ ବୋଲି ଅଧିନାୟକ ଶ୍ରେୟାସ ଆୟାର ସୂଚନା ଦେଇଛନ୍ତି। ଗତ ଶୁକ୍ରବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ ଅବସରରେ ପନ୍ତ ଆହତ ହୋଇଥିଲେ। ଫଳରେ ସେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳିପାରି ନ ଥିଲେ। ପନ୍ତଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ କୌଣସି ଠିକ୍ ସୂଚନା ନ ଥିଲେ ହେଁ ଅତିକମ୍‌ରେ ଏକସପ୍ତାହ ବିଶ୍ରାମ ନେବେ ବୋଲି ଡାକ୍ତର କହିଛନ୍ତି। ସୁସ୍ଥ ହୋଇ ସେ ସଫଳ ପ୍ରତ୍ୟାବର୍ତ୍ତନ କରିବା ଆଶା ରହିଛି ବୋଲି ଆୟାର କହିଛନ୍ତି। ମୁମ୍ବାଇ ବିପକ୍ଷ ମ୍ୟାଚରେ ପନ୍ତଙ୍କ ସ୍ଥାନରେ ଆଲେକ୍ସ କାରେ ଖେଳିଥିଲେ। ଦିଲ୍ଲୀ ଆଗାମୀ ବୁଧବାର ରାଜସ୍ଥାନ ରୟାଲ୍ସ ଏବଂ ଶନିବାର ଚେନ୍ନାଇ ସୁପରକିଙ୍ଗ୍ସକୁ ଭେଟିବ।

## ଟପ୍ ୨୦ରେ ସ୍ୱିଟେକ୍

**ୱାଶିଂଟନ, ୧୨।୧୦ (ଏପି):** ସୋମବାର ଟେନିସ୍ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଫ୍ରେଞ୍ଚ୍ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିବା ପରେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ ତାଲିକାରେ ପୋଲାଣ୍ଡର ଇଗା ସ୍ୱିଟେକ୍ ୩୭ ସ୍ଥାନ ଉପରକୁ ଉଠି ଟପ୍ ୨୦ରେ ପ୍ରବେଶ କରିଛନ୍ତି। ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୭ତମ ସ୍ଥାନରେ ପହଞ୍ଚିପାରିଛନ୍ତି। ଫ୍ରେଞ୍ଚ ଓପନରେ ଭାଗ ନେବା ବେଳକୁ ୧୯ ବର୍ଷୀୟା ସ୍ୱିଟେକ ୫୪ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଥିଲେ। ୧୯୭୫ରେ ଡବ୍ଲ୍ୟୁଟିଏ କମ୍ପ୍ୟୁଟର ର୍‍ୟାଙ୍କିଙ୍ଗ ଆରମ୍ଭ ହେବାପରଠାରୁ ଏହି କ୍ଲେକୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ସର୍ବନିମ୍ନ ର୍‍ୟାଙ୍କିଙ୍ଗ ଖେଳାଳି ହିସାବରେ ମହିଳା ଚାମ୍ପିୟନ ହୋଇଥିଲେ। ଫ୍ରେଞ୍ଚ ଓପନ୍ ପୂର୍ବରୁ ଯଥାକ୍ରମେ ପ୍ରଥମ ୩ ସ୍ଥାନ କରିଥିବା ଆସ୍‌ଲେ ବାର୍ଟି, ସିମୋନା ହାଲେପ୍ ଓ ନାଓମି ଓସାକା ର୍‍ୟାଙ୍କିଙ୍ଗ ତାଲିକାରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ରବିବାର ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଥିଲେ ମଧ୍ୟ ରାଫାଲ ନାଡାଲ ଏଟିପି ର୍‍ୟାଙ୍କିଙ୍ଗ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜୋକୋଭିଚ୍ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ପଛକୁ ଯଥାକ୍ରମେ ରହିଛନ୍ତି ୟୁଏସ୍ ଓପନ୍ ଚାମ୍ପିୟନ ଡୋମିନିକ୍ ଥିମ୍ ଓ ରୋଜର ଫେଡରର। ଅନ୍ୟପକ୍ଷରେ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନ ପ୍ରଥମଥର ଏଟିପି ର୍‍ୟାଙ୍କିଙ୍ଗ ତାଲିକାର ଟପ୍ ୧୦ରେ ପ୍ରବେଶ କରିଛନ୍ତି।

## ଆଇସିସି ଚେୟାରମ୍ୟାନ ନିର୍ବାଚନ

**ଦୁବାଇ, ୧୨।୧୦ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନୂଆ ଚେୟାରମ୍ୟାନ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ତାରିଖ ଅକ୍ଟୋବର ୧୮ ଧାର୍ଯ୍ୟ କରାଯାଇଛି। ଶଶାଙ୍କ ମନୋହରଙ୍କ କାର୍ଯ୍ୟକାଳ ୩ମାସ ପାଖାପାଖି ଶେଷ ହୋଇଯାଇଛି। ତାଙ୍କ ସ୍ଥାନରେ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ କରିବା ଲାଗି ବୋର୍ଡର ଡାଇରେକ୍ଟରମାନଙ୍କୁ କୁହାଯାଇଛି। ଆଇସିସି ଅଡିଟ୍ କମିଟିର ଜଣେ ସ୍ୱାଧୀନ ଚେୟାରମ୍ୟାନଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପ୍ରକ୍ରିୟା ଚାଲିବ। ହେଲେ ଯଦି ବହୁ ପ୍ରାର୍ଥୀ ଅବତୀର୍ଣ୍ଣ ହୁଅନ୍ତି ତେବେ ଏଥିପାଇଁ କ'ଣ ଭୋଟିଂ ପ୍ରକ୍ରିୟା ରହିବ ଆଇସିସି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରି ନାହିଁ। ବର୍ତ୍ତମାନର ନିୟମାନୁସାରେ ଯଦି ନିର୍ବାଚନ ହୁଏ ତେବେ ଜଣେ ପ୍ରାର୍ଥୀଙ୍କୁ ୧୬ଜଣ ଆଇସିସି ବୋର୍ଡ ସଦସ୍ୟଙ୍କ ଦୁଇ ତୃତୀୟାଂଶ ଭୋଟ ହାସଲ କରିବାକୁ ହେବ। କହିବାକୁ ଗଲେ ୧୧ କିମ୍ବା ୧୨ ଭୋଟ ହାସଲ କରିବାକୁ ପଡ଼ିବ। ହେଲେ କେତେଜଣ ସଦସ୍ୟ ରାଷ୍ଟ୍ର ସଂଖ୍ୟାଗରିଷ୍ଠ ସମର୍ଥନ ଭିତ୍ତିରେ ବିଜେତା ଘୋଷଣା କରିବା ଲାଗି ଚାହୁଁଛନ୍ତି।




# ବ୍ୟାଟିଂ ବିଭାଗକୁ ନେଇ ଚେନ୍ନାଇ ଚିନ୍ତିତ

**ଦୁବାଇ, ୧୨।୧୦(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମଙ୍ଗଳବାର ଚେନ୍ନାଇ ସୁପରକିଙ୍ଗ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ଲିଗ୍‌ରେ ଉଭୟ ଦଳ ମଧ୍ୟରେ ଏହା ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ। ଗତ ୨ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ଚେନ୍ନାଇ ୭ ରନରେ ହାଇଦ୍ରାବାଦଠାରୁ ପରାଜିତ ହୋଇଥିଲା। ତେଣୁ ଆଗାମୀ ମ୍ୟାଚରେ ବିଜୟ ହାସଲ ସହ ପରାଜୟର ମଧୁର ପ୍ରତିଶୋଧ ଲକ୍ଷ୍ୟରେ ରହିଛି ମହେନ୍ଦ୍ର ସିଂ ଧୋନୀଙ୍କ ଦଳ। ତେବେ ତିନିଥର ଚାମ୍ପିୟନ ଏବଂ ଗତ ବର୍ଷର ରନର୍ସଅପ୍ ସୁପରକିଙ୍ଗ୍ସ ଚଳିତ ଲିଗ୍‌ରେ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ। ଦଳ ୭ଟି ମ୍ୟାଚ ଖେଳି ସାରିଥିବାବେଳେ ମାତ୍ର ୨ଟିରେ ବିଜୟୀ ହୋଇଛି ଏବଂ ୫ଟି ମ୍ୟାଚ ହାରିଛି। ଫଳରେ ମାତ୍ର ୪ ପଏଣ୍ଟ ସହିତ ଟେବୁଲର ୭ମ ସ୍ଥାନରେ ରହିଛି। ବ୍ୟାଟିଂ ବିଭାଗକୁ ନେଇ ଦଳର ଚିନ୍ତା ବଢ଼ିଛି। କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ଦଳ ୧୦ ଉଇକେଟରେ ବିଜୟୀ ହୋଇଥିଲେ ହେଁ

**ଆଇପିଏଲ୍**
(ମଙ୍ଗଳବାର ମ୍ୟାଚ୍)
ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ଚେନ୍ନାଇ ସୁପରକିଙ୍ଗ୍ସ
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

ଅନ୍ୟ ମ୍ୟାଚ ଗୁଡ଼ିକରେ ଦଳଗତ ଭିତ୍ତିରେ ବ୍ୟାଟ୍ସମ୍ୟାନମାନେ କ୍ଲିକ୍ କରିପାରି ନାହାନ୍ତି। ଫଳରେ କେତେକ ମ୍ୟାଚରେ ଭଲ ସ୍ଥିତିରେ ଥାଇ ମଧ୍ୟ ଦଳକୁ ପରାଜୟ ସ୍ୱାଦ ଚାଖିବାକୁ ପଡ଼ିଛି। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରି ପାରିନାହିଁ। କ୍ରମାଗତ ୨ଟି ମ୍ୟାଚରେ ହାରି ଦଳ ଅଭିଯାନ ଆରମ୍ଭ କରିଥିଲେ ହେଁ ପରବର୍ତ୍ତୀ ୨ଟି ମ୍ୟାଚରେ ବିଜୟୀ ହୋଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ଏହାପରେ ୩ ମ୍ୟାଚରୁ ୨ଟିରେ ପରାଜିତ ହୋଇଛି। ଦଳ ଏପର୍ଯ୍ୟନ୍ତ ୭ଟି ମ୍ୟାଚ ଖେଳିଥିବାବେଳେ ୩ ବିଜୟ ଓ ୪ ପରାଜୟ ସ୍ୱାଦ ପାଇଛି। ଗତ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ଏକଦା ଭଲ ସ୍ଥିତିରେ ଥାଇମଧ୍ୟ ପରାଜୟ ବରଣ କରିବା ଦଳକୁ ଚିନ୍ତାରେ ପକାଇଛି। ଜନି ବେୟାରଷ୍ଟୋ, ଅଧିନାୟକ ଡେଭିଡ ୱାର୍ନର, ମନୀଷ ପାଣ୍ଡେ ଓ କେନ୍ ୱିଲିୟମସନଙ୍କ ଉପସ୍ଥିତିରେ ଦଳର ବ୍ୟାଟିଂ ବିଭାଗକୁ ନେଇ ଚିନ୍ତା ନାହିଁ। ମାତ୍ର ବୋଲିଂ ୟୁନିଟର ବିଫଳତା ଚିନ୍ତା ବଢ଼ାଇଛି। ଅଭିଜ୍ଞ ପେସର ଭୁବନେଶ୍ୱର କୁମାର ଓ ମିଚେଲ ମାର୍ଶଙ୍କ ଅନୁପସ୍ଥିତି ସତ୍ତ୍ୱେ ରଶିଦ ଖାଁ ଓ ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜଙ୍କ ସହାୟତାରେ ଦଳ ଲଢ଼େଇ ଜାରି ରଖିଛି। ତେବେ ସନ୍ଦିପ ଶର୍ମା, ଖଲିଲ ଅହମଦ ଓ ଯୁବ ବୋଲର ଅଭିଷେକ ଶର୍ମାଙ୍କ ଦୁର୍ବଳ ଦିଗ ଉପରେ ଦଳକୁ ଧ୍ୟାନ ଦେବାକୁ ପଡ଼ିବ।

ଆଇପିଏଲ ଇତିହାସରେ ଅନ୍ୟତମ ସଫଳ ଚେଜ୍ ମାଷ୍ଟର ବିବେଚିତ ହେଉଥିବା ଧୋନୀଙ୍କ ଦଳ ଏଥର ସବୁ ମ୍ୟାଚରେ ରନ ଚେଜ୍ କରିବାବେଳେ ହିଁ ହାରିଛି। ଦୁଇ ଓପନର ଶେନ ୱାଟସନ ଓ ଫାଫ୍ ଡୁପ୍ଲେସି ଭଲ ଖେଳୁଥିବାବେଳେ ମିଡିଲ ଅର୍ଡର ଦୃଢ଼ ହେବାର ସମୟ ଆସିଛି। ଗତ ମ୍ୟାଚରେ ଦଳ କେଦାର ଯାଦବଙ୍କ ସ୍ଥାନରେ ନାରାୟଣ ଜଗଦୀଶନଙ୍କୁ ଖେଳାଇଥିଲା। ସେ ୨୮ ବଲ୍‌ରୁ ୩୩ ରନର ଉପଯୋଗୀ ଅବଦାନ ଦେଇଥିବାବେଳେ ଅମ୍ବାତି ରାୟୁଡୁ ୪୦ ବଲ୍‌ରୁ ୪୨ ରନ ସ୍କୋର କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଦଳ ଆଶ୍ଚର୍ଯ୍ୟଜନକଭାବେ ଲକ୍ଷ୍ୟ ପଥରୁ ଦୂରେଇ ଯାଇଥିଲା। ସାମ୍ କୁରାନ, ରବୀନ୍ଦ୍ର ଜାଡେଜା ଓ ଡ୍ୱେନ ବ୍ରାଭୋଙ୍କ ପରି ହାର୍ଡ ହିଟର ଖେଳାଳି ଥିଲେ ହେଁ ଦଳକୁ ପରାଜୟରୁ ବଞ୍ଚାଇପାରି ନ ଥିଲେ। ନିଜେ ଧୋନୀ ମଧ୍ୟ ପୂର୍ବପରି ଖେଳ ଦେଖାଇପାରି ନାହାନ୍ତି। "ବ୍ୟାଟିଂ ବିଭାଗକୁ ନେଇ ଚିନ୍ତା ବଢ଼ିଛି। ଆମକୁ କିଛି କରିବାକୁ ହେବ" ବୋଲି ଗତ ମ୍ୟାଚ ପରେ ଧୋନୀ ପ୍ରକାଶ କରିଥିଲେ। ବୋଲିଂ ବିଭାଗରେ ଦୀପକ ଚହର ଓ ଜାଡେଜା ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ବ୍ରାଭୋଙ୍କ ଉପସ୍ଥିତି ମଧ୍ୟ ଉପଯୋଗୀ ହୋଇଛି। ମାତ୍ର ସାମ୍ କୁରାନ, ଶାର୍ଦ୍ଦୁଳ ଠାକୁର ଓ କର୍ନ ଶର୍ମାଙ୍କୁ ପ୍ରଦର୍ଶନରେ ସୁଧାର ଆଣିବାକୁ ପଡ଼ିବ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ